


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

• VOLUME- 43 • ISSUE-175 • SUNDAY • 21 DECEMBER 2025 • PAGE-12 • ₹ 6.00 | JEYPORE | • ବର୍ଷ-୪୩ • ସଂଖ୍ୟା-୧୭୫ • ରବିବାର • ୨୧ ଡିସେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)




# ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ ?

# ଏଥର ନୂଆ ବର୍ଷରେ ଉପହାର କ'ଣ ଦେବା ?

20 ପେନ୍ ଇନ୍ ବୁକ୍ସ ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence


ମୋବାଇଲ୍‌ରେ ରିଲ୍ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ?

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

















## ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ ୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।
- ଯୋଜନା ୩୧ ଡିସେମ୍ବର ୨୦୨୫, ବୁଧବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL02

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ରାଜ୍ୟବ୍ୟାପୀ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ

## ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବିଜେଡି

ଭୁବନେଶ୍ୱର, ୨୦।୧୨ (ସମିସ): ଆସନ୍ତା ୨୬ ତାରିଖରେ ବିଜେଡି ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳିତ ହେବା ସହ ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ମହାସମାରୋହରେ ପାଳନ କରାଯିବ। ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି।

ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଥିଲେ ଯେ ଡିସେମ୍ବର ୨୬ ତାରିଖରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସଂପର୍କରେ ଲୋକଙ୍କୁ ସଚେତନ ଓ ଓଡ଼ିଶାର ସ୍ୱାର୍ଥକୁ ନେଇ ବିଜେଡି ସ୍ୱର ଉତ୍ତୋଳନ କରିବ। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁ-ପରିଚାଳନା, ଓଡ଼ିଶାର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ୍ ଓ ମହାନଦୀ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେବା ସମ୍ପର୍କରେ ବିଜେଡି ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିଆସୁଛି। ବିଜେପି ସରକାରର କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ବିଫଳତା ବିରୋଧରେ ଜନକ୍ଷୋଭକୁ ବିଜେଡି ଉତ୍ଥାପନ କରିଚାଲିଛି। ସଂପ୍ରତି ଚାଷୀଠାରୁ ଧାନ ସଂଗ୍ରହରେ ସରକାରର ବିଫଳତା ପ୍ରସଙ୍ଗରେ ବିଜେଡି ସ୍ୱର ଉତ୍ତୋଳନ କରୁଛି ବୋଲି ଉପରୋକ୍ତ ବରିଷ୍ଠ ନେତାମାନେ କହିଥିଲେ।



### ୧୮ ମାସର ବିଜେପି ସରକାରର ବିଫଳତାକୁ ଲୋକଙ୍କ ପାଖକୁ ନେବ

ଅପରପକ୍ଷେ, ବରିଷ୍ଠ ଉପ-ସଭାପତି (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର ପ୍ରତିଷ୍ଠା ଦିବସ ପାଳନ ନେଇ ବିଜେଡିର ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସାଂସଦ, ବିଧାୟକ, ନିର୍ବାଚନମଣ୍ଡଳୀ ନେତୃତ୍ୱ, ସାଂସଦ ଓ ବିଧାୟକ ପ୍ରାର୍ଥୀ, ରାଜ୍ୟ ପରିଷଦ ସଭ୍ୟ, ଜିଲ୍ଲା ସଭାପତି, ବିଜୁ ଯୁବ, ଛାତ୍ର ଓ ମହିଳା ସଭାପତି, ବିଭିନ୍ନ ସାମ୍ମୁଖ୍ୟ ସଂଗଠନମାନଙ୍କ ରାଜ୍ୟ ଆବାହକ, ଜିଲ୍ଲା ପରିଷଦ ସଭାପତି/ଉପ-ସଭାପତି, ପୌରାଞ୍ଚଳ ମେୟର୍ ଓ ଡେପୁଟି ମେୟର୍, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

# ଆରଟିଓଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ

କଟକ, ୨୦।୧୨(ସମିସ): ରାଜ୍ୟର ୬ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆରଟିଓମାନଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଏହାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓ ମାନଙ୍କୁ ନେଇ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ଏବଂ ଏନଫୋର୍ସମେଣ୍ଟକୁ ଗୁରୁତ୍ୱଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ବାଣିଜ୍ୟିକ ଯାନରେ ହେଡ୍ ଲାଇଟ୍, ବ୍ରେକ୍ ଲାଇଟ୍, ରିଫ୍ଲେକ୍ଟର ବ୍ୟବହାର କରନ୍ତୁ, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାଇବା ସହ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରିବାକୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି।

# ଇଗ୍ନୋ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୦।୧୨ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜାନୁଆରି ୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷା ପାଇ ପାରିନଥିବା ପ୍ରାର୍ଥୀମାନେ ନାମ ଲେଖାଇ ପାରିବେ। ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। କଳା, ବିଜ୍ଞାନ, ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଫି' ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ, ଏହି ସୁବିଧା ପାଇବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଏହାସହ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଇ-ମେଲ୍ ମାଧ୍ୟମରେ ଓ ୦୬୭୪-୨୯୭୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**ଜାନୁଆରୀ ୩୧ ଶେଷ ତାରିଖ**

# ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି ଟ୍ରେନ୍

କଟକ, ୨୦।୧୨(ସମିସ): ଓଡ଼ିଶାରେ ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ପାଲଟିଛି ଟ୍ରେନ୍। ବାହାରୁ ଆସୁଥିବା ଏବଂ ଏଠାରୁ ଚାଲାଣ ହେଉଥିବା ଅଧିକାଂଶ ଗଞ୍ଜେଇ ଟ୍ରେନ୍‌ରେ ପରିବହନ ହେଉଛି। ଟ୍ରେନ୍‌ରେ ଗଞ୍ଜେଇ ଚାଲାଣକୁ ସୁରକ୍ଷିତ ମଣୁଛନ୍ତି ମାଫିଆ। ଚଳିତବର୍ଷ ରେଳବାଇ ପୁଲିସ ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ଅନେକ ଘଟଣାରେ ପୁଲିସକୁ ଚକ୍‌ମା ଦେଇ ମାଫିଆମାନେ ସହଜରେ ଟ୍ରେନ୍‌ରେ ଗଞ୍ଜେଇ ପରିବହନ କରୁଛନ୍ତି। ଚଳିତବର୍ଷ ରେଳବାଇ ପୁଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏନ୍‌ଡିପିଏସ ଆଇନ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସମସ୍ତ ମାମଲାରେ ୨୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

କଟକ ଓ ରାଉରକେଲା ରେଳ ଷ୍ଟେସନ୍ ଗଞ୍ଜେଇ ଚାଲାଣର ହବ୍ ଭାବେ ପରିଗଣିତ ହୋଇଛି। ଚଳିତବର୍ଷ କଟକ ରେଳବାଇ ପୁଲିସ ୮୭ଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଞ୍ଜେଇ ଜବତ ସହ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଳବାଇ ପୁଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହାସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୧୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେହିପରି ୨.୬୧ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି।

**ବର୍ଷକରେ ୨୦୦ ମାମଲା ଓ ୩୩୫୨କିଲୋ ଗଞ୍ଜେଇ ଜବତ**

ଉଲ୍ଲେଖଯୋଗ୍ୟ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜୁରାଟ ଭଳି ରାଜ୍ୟର ବୋଲି ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି ଏବଂ ଏହା ପଛରେ ଥିବା ନେଟ୍‌ୱାର୍କର ପର୍ଦ୍ଦାଫାସ୍ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ(ଆରପିଏଫ) ଓ ସରକାରୀ ରେଳବାଇ ପୁଲିସ (ଜିଆରପି) ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ଓ ପକ୍ଷରୁ ମିଳିତ ଅଭିଯାନ କରାଯାଉଛି। ଟ୍ରେନ୍‌ରେ ସନ୍ଦେହଜନକ ବ୍ୟାଗ୍/ପାର୍ସଲ ତନ୍ନତନ୍ନ କରି ଯାଞ୍ଚ ସହ ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ୍ ଓ ଟ୍ରେନ ବଗି ଯାଞ୍ଚ କରାଯାଉଛି। ଜିଆରପି ଓ ଆରପିଏଫ ମଧ୍ୟରେ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ଏବଂ ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୦।୧୨(ସମିସ): ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ(ଆଇଏସ୍ଏସ୍)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ଲାଙ୍କ ସାହସ ଓ ଦୁଃସାହସିକ ଯାତ୍ରାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଦେଶର କୋଟି କୋଟି ଯୁବପିଢ଼ିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ସାମିଲ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ମହାକାଶ ବିଜ୍ଞାନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି।



ଏହାକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ ସ୍ପେସ୍ ପ୍ରଫେସନାଲ୍ ଭାବେ ଗଢ଼ିତୋଳିବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# କଏଦୀ ଫେରାର୍ ହୋଇଗଲେ ଥାନା ରୁଜୁ କରୁନି ମାମଲା

ଭୁବନେଶ୍ୱର,୨୦।୧୨(ସମିସ): ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀ ଫେରାର ହୋଇଯାଉଛନ୍ତି। ପାରୋଲ୍ ଏବଂ ସ୍ପେଶାଲ ଲିଭ୍‌ରେ ଯାଉଥିବା କଏଦୀ ଜେଲ୍‌କୁ ଫେରୁ ନାହାନ୍ତି। ଉକ୍ତ ଜେଲ୍ ପକ୍ଷରୁ କଏଦୀମାନଙ୍କ ଘର ପାଖ ଥାନାରେ ଏତଲା ଦିଆଯାଉଛି; ହେଲେ ଜେଲ୍ ବିଭାଗର ଏତଲାକୁ ଥାନା ଫୁ' କରିଦେଉଛି। ଏପରିକି ମାମଲା ବି ରୁଜୁ କରୁନି। ଜେଲ୍ ବିଭାଗକୁ ପୁଲିସଠାରୁ କୌଣସି ପ୍ରକାର ସହଯୋଗ ବି ମିଳୁନି। ଯାହାକୁ ନେଇ ଅଡୁଆରେ ପଡି ଯାଉଛି ଜେଲ୍ ବିଭାଗ। ଏଥିପାଇଁ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଥାନା ପକ୍ଷରୁ କୌଣସି ବି ଏଭଳି ବ୍ୟବହାର ଦେଖାଯାଉଥିଲେ ଜିଲ୍ଲା ଏସ୍‌ପିଙ୍କୁ ତୁରନ୍ତ ଅବଗତ କରାଇବା ସହ ଜେଲ୍ ନିର୍ଦ୍ଦେଶାଳୟକୁ ବି ଏସମ୍ପର୍କରେ ଜଣାଅ ବୋଲି ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ଜେଲ୍ ଅଧୀକ୍ଷକମାନଙ୍କୁ ଚିଠି ଲେଖାଯାଇଛି।

ଜଣେ କଏଦୀ ପାରୋଲ କିମ୍ବା ସ୍ପେଶାଲ ଲିଭ୍‌ରେ ଯିବା ପୂର୍ବରୁ ସଂପୃକ୍ତ ଜେଲ୍ କର୍ତ୍ତୃପକ୍ଷ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ ଉକ୍ତ ଜିଲ୍ଲାର ଏସ୍‌ପିଙ୍କ ଅନୁମତି ଲୋଡ଼ିଥା'ନ୍ତି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ସବୁ ଦିଗକୁ ଦେଖି ପାରୋଲ୍ କିମ୍ବା ସ୍ପେଶାଲ ଲିଭ୍‌ରେ କଏଦୀ ଛାଡିବାକୁ ଅନୁମତି ଦେଇଥା'ନ୍ତି। ଏମାନଙ୍କ ଅନୁମତିପତ୍ର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ପରେ ଜେଲ୍ ବିଭାଗ କଏଦୀଙ୍କୁ ପାରୋଲରେ ଛାଡିଥାଏ। କିନ୍ତୁ କଏଦୀ ନ ଆସିଲା ବେଳକୁ ଜେଲ୍ ବିଭାଗର ଏତଲାକୁ ଗ୍ରହଣ କରାଯାଉ ନାହିଁ, ଥାନା ମାମଲା ରୁଜୁ କରୁ ନାହିଁ। ଫଳରେ ଡକାୟତି, ହତ୍ୟା, ଚୋରି ମାମଲାରେ ଲିପ୍ତ ଥିବା ଅପରାଧୀ ଆରାମରେ ବାହାରେ ବୁଲୁଛନ୍ତି। ଗୋଟିଏ ପଟେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କହୁଛି। ହେଲେ କଏଦୀ ଖସିଗଲେ, କିମ୍ବା ନ ଫେରିଲେ କାହିଁକି ଜେଲ୍ ବିଭାଗର ଏତଲାକୁ ଗୁରୁତ୍ୱ ଦେଉନି, ସେନେଇ ପ୍ରଶ୍ନ ଉଠିଛି।

**କଡ଼ା ଆଭିମୁଖ୍ୟ ଗ୍ରହଣ କଲା ଜେଲ୍ ବିଭାଗ**
**ଜେଲ୍ ଅଧୀକ୍ଷକଙ୍କୁ ଜେଲ୍ ନିର୍ଦ୍ଦେଶାଳୟର ଚିଠି**

ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀମାନେ ଫେରାର୍ ହୋଇଯାଉଛନ୍ତି। ହେଲେ ଆଉ ଫେରୁ ନାହାନ୍ତି କିମ୍ବା ସରେଣ୍ଡର କରୁନାହାନ୍ତି। କଏଦୀମାନେ ଜେଲ୍‌କୁ ନ ଫେରିବାକୁ ନେଇ ଓଡ଼ିଶା ହାଇକୋର୍ଟ ଚିନ୍ତାପ୍ରକଟ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଜେଲ୍‌ର ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଏଥିରେ ଜେଲ୍ ନିର୍ଦ୍ଦେଶାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଜାନୁଆରୀ ୯ରେ

କଟକ,୨୦।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି) ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମଏଭିଇଟି) ଆସନ୍ତା ୨୦୨୬ ଜାନୁଆରି ୯ ତାରିଖରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ଷଷ୍ଠ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ସେହିଭଳି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ଦିନ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ୧୦୦ଟି ପ୍ରଶ୍ନ ପାଇଁ ମୋଟ ୧୦୦ ନମ୍ବର ରଖାଯାଇଛି। ଆସନ୍ତା ୩୦ ତାରିଖରୁ ବୋର୍ଡ ୱେବସାଇଟ୍‌ରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ସଂଗ୍ରହ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ତି। ସୂଚନାଥାଉକି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ପଞ୍ଜୀକରଣ ଗତ ନଭେମ୍ବର ୧୨ତାରିଖରୁ ଆରମ୍ଭ ହୋଇ ଡିସେମ୍ବର୧୦ରେ ଶେଷ ହୋଇଥିଲା।

# ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା, ୨୦।୧୨ (ସମିସ): ଶିମିଳିପାଳ ଅଭୟାରଣ୍ୟ ଭିତରୁ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତା' ନିକଟରୁ ୨୫କେଜି ବାର୍‌ହା ମାଂସ ଜବତ କରିଛି। ସେ ହେଲା, ଯଶିପୁର ଥାନା ଅସ୍ତକୁଅଁର ପଞ୍ଚାୟତ ଗୋପିନାଥପୁରର ମାସି ଆଲେୟା। ତା' ନିକଟରୁ ରକ୍ତଲଗା ୭ଟି ତୀର, ୨ଟି ଧନୁ ଓ ଗୋଟିଏ କୁରାଢ଼ୀ ଜବତ ହୋଇଛି। ତେବେ ବନ ବିଭାଗକୁ ଚକ୍‌ମା ଦେଇ ଅନ୍ୟ ୪ଜଣ ଶିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

**୨୫ କେଜି ବାର୍‌ହା ମାଂସ ଓ ମାରଣାସ୍ତ୍ର ଜବତ**

ଜଙ୍ଗଲ ଭିତରେ କିଛି ଶିକାରୀ ଶିକାର କରୁଥିବା ଖବର ପାଇ ପିଠାବାଟା ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ ଓ ଶିମିଳିପାଳ ଟାଇଗର୍ ପ୍ରୋଟେକ୍ସନ୍ ଫୋର୍ସ(ଏସ୍‌ଟିପିଏଫ୍) ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ବନ କର୍ମଚାରୀଙ୍କୁ ଦେଖି ୪ଜଣ ଶିକାରୀ ଚମ୍ପଟ ମାରିଥିବା ବେଳେ ମାସି ଧରାପଡ଼ି ଯାଇଥିଲା। ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।



## ନୂଆ ବସ୍‌ଷ୍ଟାଣ୍ଡ ପାଇଁ ସମୂହ ଗଛ କଟାଯିବାକୁ ବିରୋଧ

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଇନଜୀବୀ

ବାରିପଦା, ୨୦।୧୨(ସମିସ): ବାରିପଦାରେ ପ୍ରସ୍ତାବିତ ନୂତନ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହରର ପାଲବଣୀ ନିକଟରେ ବ୍ୟାପକ ଗଛକଟାକୁ ବିରୋଧ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର-ପିଟିସନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି।




ଆଇନଜୀବୀ ଶ୍ରୀ ଶର୍ମାଙ୍କ ଏହି ଆବେଦନରେ କୁହାଯାଇଛି ଯେ ପ୍ରକଳ୍ପ ପାଇଁ ସରକାରୀ ଭାବେ ୧,୭୮୯ଟି ଗଛ କଟାଯିବାର ଅନୁମତି ମିଳିଥିବା ବେଳେ ପ୍ରକୃତରେ ପ୍ରାୟ ୫,୦୦୦ରୁ ଅଧିକ ଗଛ କଟାଯାଇ ସାରିଛି। ଏହା ମଧ୍ୟରେ ୪୦-୫୦ବର୍ଷର ପୁରୁଣା ଗଛ ମଧ୍ୟ ରହିଛି। ସେହିଭଳି ଗଛକଟା କାର୍ଯ୍ୟକୁ ଦିନ ବଦଳରେ ହଠାତ୍ ରାତିରେ କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସବୁଜ ଅଞ୍ଚଳର ବିନାଶ ଦ୍ୱାରା ଏସିଆର ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ବାରିପଦାର ତାପମାତ୍ରା ଆହୁରି ବୃଦ୍ଧି ପାଇବ ଏବଂ ଜଳବାୟୁ ପ୍ରତିରୋଧ କ୍ଷମତା ହ୍ରାସ ପାଇବ। ସୁପ୍ରିମକୋର୍ଟଙ୍କ ଏକ ମତାମତକୁ ଉଦ୍ଧୃତ କରି ଆବେଦନରେ କୁହାଯାଇଛି ଯେ ଗଛ କାଟିବା ମଣିଷ ହତ୍ୟାଠାରୁ ମଧ୍ୟ ସଂଗିନ୍, ଭୟଙ୍କର। ତେଣୁ, ତୁରନ୍ତ ଗଛକଟା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳର ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଓ ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହି ଆବେଦନ ଓଡ଼ିଶାର ମୁଖ୍ୟ ସଚିବ, ପ୍ରଧାନ ବନ ସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଏଫଓଙ୍କୁ ପଠାଯାଇଛି।

## ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

# ରାସ୍ତାରେ ବସିଲେ ଆଇନଜୀବୀ

ପୁରୀ, ୨୦।୧୨(ସମିସ):ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର କରାଯିବା ପାଇଁ ମସୁଧା ଚାଲିଛି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ। ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଶନିବାର ଏହି ସତ୍ୟାଗ୍ରହ ୨୯୬ ଦିନରେ ପହଞ୍ଚିଥିବା ବେଳେ ଏହାର କୌଣସି ସୁଫଳ ମିଳିପାରିନାହିଁ। ତେଣୁ କଡ଼ା ଆଭିମୁଖ୍ୟସ୍ୱରୂପ ରାସ୍ତାକୁ ଓହ୍ଲାଇଛନ୍ତି ଆଇନଜୀବୀ। ଶନିବାର ପୁରୀ ପ୍ରବେଶପଥ ଅଠରନଳାଠାରେ ଶହଶହ ଓକିଲ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ରାସ୍ତାରେ ବସି ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସହ ଏହାକୁ ବଦଳାଇବାକୁ ଜିଦ୍ କରିଛନ୍ତି। ଏହି ରାସ୍ତାରୋକ ଫଳରେ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

ଆନ୍ଦୋଳନକାରୀ ଆଇନଜୀବୀ ସଂଘ ପକ୍ଷରୁ କୁହାଯାଇଛି ଯେ ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା ଗ୍ରହଣଯୋଗ୍ୟ ନୁହେଁ। ସେଠାରେ ହଜାରହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହା ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ ନୁହେଁ ତ? ସରକାର କେଉଁଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେଇ ଜମିକୁ ଆଇନ ବିଭାଗକୁ ଟେକି ଦେଇଛନ୍ତି? ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ? ସେହି ଜମି ହସ୍ତାନ୍ତରକୁ ବାତିଲ୍ କରାଯାଉ। ପୂର୍ବରୁ ଓକିଲ ସଂଘ ଉଚ୍ଚ ନ୍ୟାୟାଳୟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନକରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି; ପୁରୀରେ କାହିଁକି ନ ହେବ?



**■ ଅଠରନଳାଠାରେ କଲେ ରାସ୍ତାରୋକ ଆନ୍ଦୋଳନ**
**■ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କଲା ଆପ୍**

ଏହି ଆନ୍ଦୋଳନରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂ, ମନୋରଞ୍ଜନ ସାହୁ, ଜ୍ୟୋତିପ୍ରକାଶ ପାଇକରାୟ, ରାଜେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ସରକାର ଦାବି ନ ମାନିଲେ, ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଦୀର୍ଘ ୯ ମାସ ହେବ ପୁରୀ ଓକିଲ ସଂଘ ଯେଉଁ ଆନ୍ଦୋଳନ ଚଳାଇଛି ଏହାକୁ ସମର୍ଥନ କରିଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)। ଆପ୍ ଜିଲ୍ଲା ସଭାପତି ଶନିବାର ଓକିଲ ସଂଘକୁ ସମର୍ଥନ କରୁଥିବା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)




ଟି-୨୦ ବିଶ୍ୱକପ୍ ଦଳରେ ଇଶାନ ସାମିଲ

▶ପୃଷ୍ଠା ୧୨ ଦେଖନ୍ତୁ...

# ରାଜଧାନୀ ଏକ୍ସପ୍ରେସ୍ ଧକ୍କାରେ ୭ ହାତୀ ମୃତ

**ଇଞ୍ଜିନ୍ ସହ ୫ ବଗି ଲାଇନଚ୍ୟୁତ**

**ଉତ୍ତର-ପୂର୍ବାଞ୍ଚଳରେ ଟ୍ରେନ ସେବା ବ୍ୟାହତ**

■ ଗୌହାଟୀ, ୨୦।୧୨(ଏଜେନ୍ସି): ଆସାମର ହୋଜାଲ ଜିଲ୍ଲାରେ ରାଜଧାନୀ ଏକ୍ସପ୍ରେସ ଧକ୍କାରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ହାତୀ ଛୁଆ ଆହତ ହୋଇଛି। ଏହି ଟ୍ରେନର ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀ ଯାଉଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ହାତୀପଲକୁ ଧକ୍କା ଦେବା ପରେ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନ ଓ ୫ଟି ବଗି ଲାଇନଚ୍ୟୁତ ହୋଇଛି। ତେବେ କୌଣସି ରେଳ ଯାତ୍ରୀ ଆହତ ହୋଇ ନାହାନ୍ତି। ତେବେ ଏହି ରୁଟରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି।

ରେଳବାଇ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ଯେ ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି, ତାହା ହାତୀ କରିଡର ନଥିଲା। ଚାଙ୍ଗଜୁରାଇ ଗାଁ ନିକଟରେ ରାତି ୨ଟା ୧୭ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା। ରାଜଧାନୀ ଏକ୍ସପ୍ରେସ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ହାତୀ ପଲ ରେଳ ଧାରଣା ପାର ହେଉଥିବା ଟ୍ରେନ ଡ୍ରାଇଭର ଦେଖିଥିଲେ। ଦୁର୍ଘଟଣଶ ଏଡ଼ାଇବା ଲାଗି ସେ ଏମର୍ଜେନ୍ସି ବ୍ରେକ୍ ଲଗାଇଥିଲେ। ତଥାପି ଟ୍ରେନ ହାତୀପଲକୁ ଧକ୍କା ଦେଇଥିଲା। ଟ୍ରେନ ଡ୍ରାଇଭରଙ୍କର ପ୍ରଶଂସା କରି ସେ କହିଛନ୍ତି ଯେ ଏମର୍ଜେନ୍ସି ବ୍ରେକ୍ ଲଗାଇନଥିଲେ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଥିଲା। ଏହା ଯାତ୍ରୀମାନଙ୍କୁ ବିପଦରେ ପକାଇ ଥାଆନ୍ତା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ୮ଟି ହାତୀର ମୃତ୍ୟୁ ନେଇ ସୂଚନା ମିଳିଥିଲା। କିନ୍ତୁ ପରେ ଗୋଟିଏ ଛୁଆ ହାତୀ ବଞ୍ଚିଯାଇଥିଲେ ମଧ୍ୟ ଗୁରୁତର ଭାବେ ଆହତ ହୋଇଛି। ରେଳ ଧାରଣା ଉପରେ ହାତୀ ଶବଗୁଡ଼ିକ ପଡ଼ିଥିବାରୁ ତାକୁ ହଟାଯାଉଛି। ଟ୍ରେନ ଯାତ୍ରୀଙ୍କୁ ଦିଲ୍ଲୀ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଛି।

ଉତ୍ତରପୂର୍ବ ଫ୍ରଣ୍ଟିଅର ରେଳବାଇ (ଏନ୍‌ଏଫ୍‌ଆର)ର ମୁଖ୍ୟ ଜନସମ୍ପର୍କ ଅଧିକାରୀ କପିଞ୍ଜଳ କିଶୋର ଶର୍ମା କହିଛନ୍ତି ଯେ ଗୌହାଟୀରୁ ପ୍ରାୟ ୧୨୬ କିମି ଦୂରରେ ଲୁମଡିଙ୍ଗ ▶ପୃଷ୍ଠା-୭



# ଆଣ୍ଟେଇଛି ପିଏମ୍ ସୂର୍ଯ୍ୟ ଘର ଯୋଜନା

**ସର୍ବଭାରତୀୟ ସ୍ତରରେ ଓଡ଼ିଶାଠାରୁ ଆଗରେ ଅଛନ୍ତି ଏକାଧିକ ଛୋଟ ରାଜ୍ୟ**




**ଦେଢ଼ଲକ୍ଷ ଆବେଦନ; ୨୪,୯୫୫ ରୁଫ୍‌ଟପ୍‌ରେ ସୋଲାର ପ୍ୟାନେଲ**

■ ଭୁବନେଶ୍ୱର, ୨୦।୧୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୌର ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର ବ୍ୟାପକ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ। ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୩ ଲକ୍ଷ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି। ମାତ୍ର ଓଡ଼ିଶାରେ ଏଯାବତ୍ ଦେଢ଼ଲକ୍ଷ ଆବେଦନକାରୀ ଥିବାବେଳେ ମାତ୍ର ୨୪,୯୫୫ଟି ରୁଫଟପ୍ ବା ଛାତରେ ସୌର ପ୍ୟାନେଲ ଲାଗିପାରିଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି, ଯାହା ରାଜ୍ୟରେ ଯୋଜନାର ଅଗ୍ରଗତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ମାର୍ଚ୍ଚ ଶେଷ ସୁଦ୍ଧା ଦେଢ଼ଲକ୍ଷ ରୁଫ୍‌ଟପ୍ ପ୍ୟାନେଲ୍ ସ୍ଥାପନ ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ**

**ୟୁଏଲ୍‌ଏ ମଡେଲ୍ ଅଧୀନରେ ଏଣିକି ୧ କିଲୋୱାଟ୍ ପାଇଁ ୧୮୭୫ ଟଙ୍କା ଦେୟ**

ମିଳିଥିବା ସୂଚନା ଅନୁଯାୟ ଓଡ଼ିଶାରେ ଏଯାବତ୍ ୨୫ ହଜାରରୁ କମ୍ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲାଗିଥିବା ବେଳେ କେରଳ ପରି ଛୋଟ ରାଜ୍ୟ କିନ୍ତୁ ଏ କ୍ଷେତ୍ରରେ ବେଶ୍ ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି। କେରଳରେ ୧ ଲକ୍ଷ ୭୧ ହଜାର ୫୯୦ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ ଏଯାବତ୍ ଲାଗିସାରିଛି। ସେହିପରି ଆସାମରେ ୬୬୦୯୨, ଉତ୍ତରାଖଣ୍ଡରେ ୫୬ ହଜାରରୁ ଅଧିକ ପ୍ୟାନେଲ ଲାଗି ସାରିଛନ୍ତି। ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି।

ରୁଫ୍‌ଟପ୍ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଉଛି ଯେ ସୋଲାର ପ୍ୟାନେଲ ଲଗାଇବା ପାଇଁ ଓଡ଼ିଶାର ୪ଟି ବିତରକ କମ୍ପାନୀ ନିକଟରେ ପ୍ରାୟ ଦେଢ଼ ଲକ୍ଷ ଲୋକ ଆବେଦନ କରିଥିଲେ। ତନ୍ମଧ୍ୟରୁ ୯୭,୦୭୪ ଜଣ ପ୍ୟାନେଲ ଲଗାଇବା ପାଇଁ ଭେଣ୍ଡର ମଧ୍ୟ ଚୂଡ଼ାନ୍ତ କରିଥିଲେ। ଏସବୁ ସତ୍ତ୍ୱେ ମାତ୍ର ୨୪,୯୫୫ ଜଣ ସୋଲାର ପ୍ୟାନେଲ ଲଗାଇବାକୁ ନେଇ ଶକ୍ତି ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେମାନଙ୍କ ▶ପୃଷ୍ଠା-୭

**ବାଂଲାଦେଶରେ ଥମୁନି ବିଦ୍ୱେଷର ବହ୍ନି**

# ଘର ସହ ନାବାଳିକାଙ୍କୁ ଜାଳିଦେଲେ



**ସଂସଦରେ ଉପଦ୍ରବୀଙ୍କ ଲୁଟ୍‌ପାଟ୍, ସରକାରଙ୍କୁ ଦେଲେ ୨୪ ଘଣ୍ଟିଆ କଣ୍ଟ**

**ହିଂସାକାଣ୍ଡ ପଛରେ ଆଇଏସ୍‌ଆଇର 'ଢାକା ସେଲ୍'**

**ଭାରତ-ବାଂଲାଦେଶ ସେନାମୁଖ୍ୟଙ୍କ ଆଲୋଚନା**

■ ଢାକା, ୨୦।୧୨ (ଏଜେନ୍ସି): ଇନ୍‌କିଲାବ ମଞ୍ଚର ନେତା ଉସମାନ ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ଆରମ୍ଭ ହୋଇଥିବା ବିଦ୍ୱେଷ ନିଆଁ ବନ୍ଦ ହେବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରିଛି। ଉପଦ୍ରବୀମାନେ ମାନବିକତା ଭୁଲି ହିଂସା, ଲୁଟ୍‌ପାଟ୍ ଚଳାଇଥିବାବେଳେ ବିଏନ୍‌ପି ନେତାଙ୍କ ଘରେ ଆକ୍ରମଣ କରି ତାଙ୍କ ଶିଶୁ କନ୍ୟାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ଏପରି ସମୟରେ ଆଜି ହାଦିଙ୍କୁ ରାଷ୍ଟ୍ରୀୟ କବି ନଜରୁଲ ଇସଲାମଙ୍କ କବର ନିକଟରେ କବର ଦିଆଯାଇଛି। ଇନ୍‌କିଲାବ୍ ମଞ୍ଚର ସମର୍ଥକ ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ୨୪ ଘଣ୍ଟିଆ କଣ୍ଟ ଦେଇଛନ୍ତି। ହତ୍ୟାକାଣ୍ଡରେ ସାମିଲ ଅପରାଧୀଙ୍କୁ ଧରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ତାହାର ସୂଚନା ମାଗିଛନ୍ତି। ହାଦିଙ୍କ ଏହି ଅନ୍ତିମ ଯାତ୍ରାରେ ସାମିଲ ଲକ୍ଷାଧିକ ଲୋକେ ବାରିକେଡ ଭାଙ୍ଗି ସଂସଦରେ ପଶି ଆଜି ଭଙ୍ଗାରୁଜା କରିଛନ୍ତି। ବାଂଲାଦେଶର ସ୍ଥିତିକୁ ଦେଖି ଭାରତୀୟ ସେନା ସୀମାରେ ସଜାଗ ରହିଛି। ଏପରି ସମୟରେ ହାଦିଙ୍କ ହତ୍ୟା ▶ପୃଷ୍ଠା-୭

# ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ ଲୁଟେରା

**ଘରୁ ଅର୍ଦ୍ଧଦଗ୍ଧ ଶବ ଜବତ**

■ ଅମ୍ବାଦଳା/ମୁନିଗୁଡ଼ା, ୨୦।୧୨ (ସମିସ): ଲୁଟିବାକୁ ଆସି ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମୃତ ବୃଦ୍ଧାଜଣଙ୍କ ହେଲେ, ଅମ୍ଳାଭଟା ପଞ୍ଚାୟତ ଷ୍ଟେସନ୍ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି (୭୫)। ଆଜି ସକାଳୁ ତାଙ୍କ ଘରୁ ପୋଡ଼ାଗନ୍ଧ ବାହାରିବା ଓ ତାଙ୍କ କବାଟ ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଘରେ ପଶି ଦେଖିବା ବେଳକୁ ତୁଳା ଅଧା ପୋଡ଼ି ଯାଇଥିଲେ। ଆଣ୍ଠୁତଳ ଦୁଇ ଗୋଡ଼କୁ ଛାଡ଼ିଲେ, ଶରୀରର ଅନ୍ୟ ଅଂଶଗୁଡ଼ିକ ପୋଡ଼ି ଯାଇଥିଲା। ଖବର ପାଇ ଆମ୍ବଦଳା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ରାୟଗଡ଼ା ଜିଲ୍ଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଦେବରକୋଣ୍ଡା ନାଗରାଜ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ।

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଦୁର୍ବୃତ୍ତମାନେ ପ୍ରଥମେ ବୃଦ୍ଧାଙ୍କ ଗଳାକାଟି ହତ୍ୟା କରିବା ପରେ ତାଙ୍କୁ ପୋଡ଼ି ଦେଇଥିଲେ। ତୁଳା ଘରେ ଏକୁଟିଆ ରହୁଥିଲେ। ତାଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ। ଏହି ସୁନା ଲୁଟିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବୃଦ୍ଧାଙ୍କ ଗୋଡ଼ ଏବଂ ପାଉଁଶ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ଏବଂ ଅଧିକ ତଦନ୍ତ ପାଇଁ କୋରାପୁଟ ଏଫ୍‌ଏମ୍‌ଟିକୁ ପଠାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ କରୁଛି, ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି।

# ଟ୍ରେନରେ ଜେନେରାଲ ଟିକଟର ପ୍ରିଣ୍ଟ ଦେଖାଇବା ଜରୁରୀ ନୁହେଁ

**ପାଖରେ ଡିଜିଟାଲ୍ ଟିକଟ ଥିଲେ ମିଳିବ ଯାତ୍ରା ଅନୁମତି**

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଟ୍ରେନ ଯାତ୍ରାରେ ଜେନେରାଲ ଟିକଟର ପ୍ରିଣ୍ଟ ରଖିବା ଜରୁରୀ ନୁହେଁ ବୋଲି ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି। ଅନେକ ସମୟରେ ଯାତ୍ରୀ ଟିକଟର ଡିଜିଟାଲ କପି ଦେଖାଉଥିବାରୁ ଗ୍ରହଣ କରାଯାଉ ନଥିଲା। ଏବେ ଏହି ଜେନେରାଲ ଟିକଟ ତଥା ଅଣସଂରକ୍ଷିତ ଟିକଟକୁ ନେଇ ଥିବା ସଂଶୟକୁ ରେଳବାଇ ଦୂର କରିଦେଇଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ଅନରିଜର୍ଭଡ ଟିକେଟିଂ ସିଷ୍ଟମ (ୟୁଟିଏସ) ମୋବାଇଲ ଆପ୍‌ରୁ ବୁକ କରାଯାଇଥିବା ଟିକଟର ପ୍ରିଣ୍ଟଆଉଟ ନେବା ଜରୁରୀ ନୁହେଁ। ଯାତ୍ରା ସମୟରେ ଯାତ୍ରୀ ନିଜ ମୋବାଇଲ ଆପ୍‌ରୁ 'ଶୋ ଟିକଟ' ବିକଳ୍ପ ବ୍ୟବହାର କରି ଟିଟିଇଙ୍କୁ ଦେଖାଇ ପାରିବେ। ଏହା ସମ୍ପୂର୍ଣ୍ଣ ଭାବେ ବୈଧ। ଏକ ଭାଇରାଲ ଭିଡିଓ ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଏହି ଭିଡିଓରେ ଟିଟିଇ ଯାତ୍ରୀଙ୍କୁ ୟୁଟିଏସରେ ବୁକିଂ ହୋଇଥିବା ଟିକଟର ପ୍ରିଣ୍ଟ ମାଗୁଥିବା ଦେଖା ଯାଇଥିଲା। ଏହାକୁ ନେଇ ଅନେକ ଯାତ୍ରୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥିଲା। ତେବେ ଯଦି କୌଣସି ଯାତ୍ରୀ ୱିଣ୍ଡୋ କିମ୍ବା ଅନଲାଇନ ବୁକିଂ ପରେ ତାହାର ପ୍ରିଣ୍ଟ ବାହାର କରିନେଇଛନ୍ତି। ତେବେ ଯାତ୍ରା ସମୟରେ ଏହାକୁ ଦେଖାଇ ପାରିବେ। ଯାତ୍ରୀଙ୍କୁ ଟିକଟର ପ୍ରିଣ୍ଟ ନେବାକୁ କୁହାଯାଉଥିବା କୌଣସି ନିୟମ ନାହିଁ। ଟିଟିଇ ଟିକଟର ପ୍ରିଣ୍ଟ ମାଗିବା ଭୁଲ୍ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

**ବିଲୋପ ପୂର୍ବରୁ 'ମନରେଗା'ର ସ୍ଥିତି**

# ୫ ବର୍ଷରେ କଟିଛି ୪.୪ କୋଟି ଜବ୍ କାର୍ଡ

**ବିହାରରେ ସର୍ବାଧିକ ୧ କୋଟି, ୟୁପିରେ ୯୦ ଲକ୍ଷ**

**୪୧ ଲକ୍ଷ ସହ ତୃତୀୟ ସ୍ଥାନରେ ଓଡ଼ିଶା**




■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ରୋଜଗାର ଯୋଗାଇବାର ମାଧ୍ୟମ ସାଜିଥିବା ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ମନରେଗା) ବଦଳରେ କେନ୍ଦ୍ର ସରକାର ଆଣିଛନ୍ତି ନୂଆ ଯୋଜନା। ବିକଶିତ ଭାରତ ଲକ୍ଷ୍ୟରେ ଆସିଥିବା ଏହି ଯୋଜନାର ନାମ ହେଉଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିସନ- ଗ୍ରାମୀଣ (ଜି- ରାମ- ଜି)। ଏହି ଯୋଜନାରେ ରୋଜଗାର ଲାଗି କେତେକ ନୂଆ ବ୍ୟବସ୍ଥା ସହିତ ନୂଆ ସର୍ତ୍ତ ମଧ୍ୟ ଯୋଡ଼ାଯାଇଛି। ତେବେ ମନରେଗାକୁ ନେଇ ଯେଉଁ ତଥ୍ୟ ଆସିଛି ତାହା ଯେତେ ଉଦବେଗଜନକ, ସେତେ ଚିନ୍ତାର ବିଷୟ ମଧ୍ୟ। ତାହା ହେଲା ମନରେଗା ଉଚ୍ଛେଦ ପୂର୍ବରୁ ରୋଜଗାର ପାଇଁ ଗରିବ ଲୋକମାନଙ୍କୁ ମିଳିଥିବା ଜବକାର୍ଡ ଲକ୍ଷ ଲକ୍ଷ ସଂଖ୍ୟାରେ କାଟି ଦିଆଯାଇଥିଲା। ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ଜବ୍ କାର୍ଡ କାଟି ଦିଆଯାଇଛି। ଏଥିରେ ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବକାର୍ଡ ରହିଛି। ୯୦ ଲକ୍ଷ ସହିତ ଉତ୍ତର ପ୍ରଦେଶ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଓଡ଼ିଶାର ସ୍ଥାନ ତୃତୀୟ ରହିଛି। ଓଡ଼ିଶାରେ ୪୧ ଲକ୍ଷରୁ ଅଧିକ ଜବ୍ କାର୍ଡ କାଟି ଦିଆଯାଇଛି।

ଏହି ତଥ୍ୟ ଖୋଦ ସରକାର ଦେଇଛନ୍ତି। ରାଜ୍ୟସଭାରେ ଏହି ତଥ୍ୟ ରଖି ଗ୍ରାମାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶନ ପାଶ୍ୱାନ କହିଛନ୍ତି ଯେ କେବଳ ଜାଲ ଓ ଡୁପ୍ଲିକେଟ୍ ଜବକାର୍ଡକୁ କଟାଯାଇଛି। ଏହାସହିତ ଯେଉଁମାନେ ସଂପୃକ୍ତ ସ୍ଥାନ ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କର କାର୍ଡ ମଧ୍ୟ କଟାଯାଇଛି। ଯେଉଁ ଗ୍ରାମାଞ୍ଚଳ ଏବେ ସହରାଞ୍ଚଳରେ ପରିଣତ ହୋଇଛି, ସେଠାରେ ମଧ୍ୟ ଜବକାର୍ଡ କଟାଯାଇଛି। ସେ କହିଲେ ଯେ ଏମିତି ସାରା ଦେଶରେ ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ମନରେଗା ଜବକାର୍ଡ କାଟି ଦିଆଯାଇଛି। ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ବିହାରେରେ ସର୍ବାଧିକ କାର୍ଡ କଟିଛି। ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବ କାର୍ଡ କଟିଥିବା ବେ ।।ଳେ ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି ଓ ଏହି ରାଜ୍ୟରୁ ୯୦ ଲକ୍ଷ ୪୦ ହଜାର ଜବକାର୍ଡକୁ କାଟି ଦିଆଯାଇଛି। କଟାଯାଇଥିବା ମୋଟ ଜବକାର୍ଡ ମଧ୍ୟରେ ବିହାର ଓ ୟୁପିର ଅଂଶ ୪୪ ପ୍ରତିଶତ ବୋଲି ସରକାର କହିଛନ୍ତି। ▶ପୃଷ୍ଠା-୭

**ତୈଳ କମ୍ପାନୀଙ୍କୁ ଚିଠି ଲେଖିଲା ବାଣିଜ୍ୟ ଓ ପରିବହନ ବିଭାଗ**

# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପଟ୍ରୋଲ ମନା

■ କଟକ, ୨୦।୧୨(ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ, ପେଟ୍ରୋଲ ପମ୍ପରେ ଏଣିକି ଆଉ ପେଟ୍ରୋଲ/ଡିଜେଲ ମିଳିବ ନାହିଁ। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ବାୟୁର ଗୁଣବତ୍ତାକୁ ବଜାୟ ରଖିବା ତଥା ମୋଟରଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ଏହି ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

**ରାଜଧାନୀରେ ପାଇଲଟ୍ ପ୍ରକଳ୍ପ ଉଦ୍‌ଘାଟନକୁ ବିତିଲାଣି ୭ ମାସ**

# 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା; ରାସ୍ତାକଡ଼ରେ ଶ୍ରମିକ

**ସଫଳତା ମିଳିଥିଲେ ଅନ୍ୟ ଜିଲ୍ଲାକୁ ସଂପ୍ରସାରିତ ହୋଇଥା'ନ୍ତା ଯୋଜନା**





■ ଭୁବନେଶ୍ୱର,୨୦।୧୨(ସମିସ): ପେଟପାଟଣା ଚିନ୍ତା ରାତିର ନିଦ ହଜାଇ ଦେଉଛି। ଆଉ ରାତି ନପାହୁଣୁ କାମଟିଏ ମିଳିବ କି ନାହିଁ ତା ବି ପ୍ରତିଦିନର ପ୍ରଶ୍ନବାଚୀ। ସହରର ବଡ଼ବଡ଼ିଆମାନେ ସକାଳୁ ସକାଳୁ ହାତରେ ଚା କପ୍ ଧରିଥିବା ବେଳେ ଏମାନଙ୍କ ହାତରେ ଥାଏ ସିମେଣ୍ଟ କଡ଼େଇ। ବର୍ଷା ହେଉ ଅବା ଶୀତରେ ଥରି ଥରି ରାସ୍ତା କଡ଼ରେ ମାଲିକମାନଙ୍କୁ ଅପେକ୍ଷା କରିଥାନ୍ତି ଶହଶହ ଶ୍ରମିକ। ହେଲେ ରାସ୍ତାକଡ଼ରେ ଛିଡ଼ା ହେବା ସେମାନଙ୍କ ପାଇଁ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ନିର୍ମାଣ କରାଯାଇଥିବା ପ୍ରତୀକ୍ଷା କେନ୍ଦ୍ରରେ ଝୁଲୁଛି ତାଲା। ଫଳରେ ଖରା, ବର୍ଷା, ଶୀତ ▶ପୃଷ୍ଠା-୭

# ଦାଦନଗଡ଼ରେ ଶ୍ରମିକଙ୍କ ଦୁଃଖ

**୧୦ ମାସରେ ଗଲାଣି ୨୪ ଜୀବନ**

**ପଞ୍ଜୀକରଣ ହୋଇ ନ ଥିବାରୁ ମିଳୁନି ସହାୟତା ରାଶି**

**ସବୁ ଦାଦନ ଶ୍ରମିକଙ୍କ ମୃତ୍ୟୁର ତଥ୍ୟ ରହୁନି**

■ ବ୍ରହ୍ମପୁର,୨୦।୧୨(ସମିସ): ଦାଦନ ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାରେ କମୁନି ଶ୍ରମିକଙ୍କ ଦୁଃଖ। ପ୍ରତିଟି ସମୟରେ ଏଠାରୁ ଯାଇ ଅନ୍ୟତ୍ର କାମ କରି ପରିବାର ପୋଷୁଥିବା ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ଯାହା ଏହି ଇଲାକାର ନିତିଦିନିଆ ଘଟଣା ହୋଇ ସାରିଲାଣି। ଦାଦନ ପ୍ରଥା ରୋକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ମଧ୍ୟ ତାହା ସଠିକ ବିନିଯୋଗ ହେଉନି। ଅନ୍ୟରାଜ୍ୟକୁ ଟଙ୍କା ରୋଜଗାର ଆଶାରେ ଯାଇଥିବା ବ୍ୟକ୍ତି ନିଜ ଘରକୁ ଟଙ୍କା ପଠାଇବା ପରିବର୍ତ୍ତେ ନିଜେ ଶବ ହୋଇ ଫେରୁଛନ୍ତି। ଏଭଳି ଭାବେ ଗତ ୧୦ମାସରେ ବ୍ରହ୍ମପୁର ଶ୍ରମ ଜିଲ୍ଲରେ ମୋଟ ୨୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ଫେବୃୟାରୀ ମାସରୁ ବର୍ତ୍ତମାନ ସୁଦ୍ଧା ଦୁବାଇରେ ଜଣେ, କର୍ଣ୍ଣାଟକରେ ୩ଜଣ, ମହାରାଷ୍ଟ୍ରରେ ୫, ▶ପୃଷ୍ଠା-୭

# ବଢ଼ିଚାଲିଛି ଚୋରି; ଥାନା ଘେରିଲେ ବଣିକ ସଂଘ

## ଏସ୍‌ଡିପିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



କୋଷାଗୁମୁଡା,୨୦।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ମୁଖ୍ୟ ବଜାରରେ ପୁଣି ଏକ ଦୋକାନର ସଟର ଭାଙ୍ଗି ଚୋରି ହୋଇଛି। ବିଳମ୍ବିତ ରାତ୍ରରେ ୱାକାର ହସମଦ କିରାନା ଦୋକାନର ସଟର ଭାଙ୍ଗି କିରାନା ସାମଗ୍ରୀ ଶହ ଟଙ୍କା ଚୋରି ହୋଇଥିବା କୋଡ଼ିଙ୍ଗା ଥାନାରେ ଏତଲା ଦେଇଛନ୍ତି। ଏନେଇ ୩୩୧/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ। କୋଡ଼ିଙ୍ଗା ମୁଖ୍ୟ ବଜାରରେ ଥିବା ୱାକାର ହସମଦ କିରାନା ଦୋକାନ ପ୍ରତିଦିନ ପାରି ରାତ୍ର ୮ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ କୌଣସି ଦୁର୍ବୃତ୍ତମାନେ ଆସି ଦୋକାନର ସଟର ଭାଙ୍ଗି କିରାନା ସାମଗ୍ରୀ ଶହ ଟଙ୍କା ନେଇଯାଇଛନ୍ତି। ଦୋକାନ ଠାରୁ ମାତ୍ର ୨୦୦ ମିଟର ଦୂରରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ଦୁବୃତ୍ତମାନେ ଦୋକାନ ସଟର ଭାଙ୍ଗି ଚୋରି କରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। କୋଡ଼ିଙ୍ଗା ପୋଲିସ ତରଫରୁ ରାତ୍ର ପାଟ୍ରୋଲିଙ୍ଗ କରାଯାଉଥିଲେ ମଧ୍ୟ ଦୁର୍ବୃତ୍ତମାନେ ନିର୍ଭୟରେ ଚୋରି କରିବା ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପଟରେ କୋଡ଼ିଙ୍ଗା ବଜାରରେ ଗତ ଦୁଇ ମାସ ଭିତରେ ଗୋଟିଏ ଦିନରେ ତିନୋଟି, ଆଉ ଗୋଟିଏ ଦିନ ଦୁଇଟି ଓ କେଉଁ ଦିନ ଗୋଟିଏ ଏହିଭଳି ଲଗାତାର ଚୋରି ହେଉଥିବା ନେଇ ଆଜି କୋଡ଼ିଙ୍ଗା ବଣିକ ସଂଘ ତରଫରୁ ସମସ୍ତ ଦୋକାନ ବଜାର ବନ୍ଦ କରି ସଂଘର କର୍ମଚାରୀମାନେ ଥାନା ଘେରଉ କରିଛନ୍ତି। ତୁରନ୍ତ ପୋଲିସ ଦୁର୍ବୃତ୍ତଙ୍କୁ ଧରିଲେ ଯାଇ ଦୋକାନ ବଜାର ଖୋଲିବୁ ବୋଲି କହିଛନ୍ତି। ଲଗାତାର ଦୋକାନ ଭାଙ୍ଗି ଦୃବୃର୍ତ୍ତମାନେ ଚୋରି କାରୁଥିବାରୁ ଆମେ ଏଠି ସୁରକ୍ଷିତ ନାହୁଁ। ପୂର୍ବରୁ ଚୋରି ହୋଇଥିବା ନେଇ ବହୁବାର ଏତଲା ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି। ରାତ୍ର ପାଟ୍ରୋଲିଙ୍ଗ କଡାକଡି କରାଯାଉ ବୋଲି ବଣିକ ସଂଘ ସଭାପତି ତ୍ରିଲୋଚନ ସିଂ କହିଛନ୍ତି। ପରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ପାପଡାହାଣ୍ଡି ଏସଡିପିଓ ସତ୍ୟଜିତ କଣ୍ଡେଲକଲ ଘଟଣା ସ୍ଥଳରେ ପହଞ୍ଚି ଆଗକୁ ଏଭଳି ଘଟଣା ହେବନାହିଁ, ରାତ୍ର ପେଟ୍ରୋଲିଙ୍ଗ କଡ଼ାକଡି କରାଯିବା ଶହ ଦୁର୍ବୃତ୍ତଙ୍କୁ ତୁରନ୍ତ ଧରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ପ୍ରତିଶୃତି ପାଇବା ପରେ ଧାରଣାରୁ ଉଠିଥିଲେ।

# ସୁନାଧରଙ୍କ ଚିତ୍ରକୋଣ୍ଡାରୁ ଅଯୋଧ୍ୟା ସାଇକଲ ଯାତ୍ରା

■ ଗୋପବନ୍ଧୁ ଛକରେ ସ୍ୱାଗତ ସମ୍ବର୍ଦ୍ଧନା ଦେଲେ ଯୁବଗୋଷ୍ଠୀ



ଉମରକୋଟ,୨୦।୧୨(ସମିସ): ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପରେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବାକୁ ସୁନାଧର ଖରା ଆଶା ରଖିଥିଲେ। ନିଜ ଆଶାକୁ ସାକାର କରିବାକୁ ସୁନାଧର ଖରା ସାଇକଲ୍‌ରେ ତ୍ରିରଙ୍ଗା ପତାକା ଓ ଗୌରିକ ପତାକା ଲଗାଇ ଗତ ୧୭ତାରିଖ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ଚିତ୍ରକୋଣ୍ଡାରୁ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି। ସେ ଶନିବାର ସକାଳ ୯ଟା ୩୦ ସମୟରେ ଉମରକୋଟ ପୌରପରିଷଦର ଡିଏନକେ ଛକ ତଥା ଗୋପବନ୍ଧୁ ଛକଠାରେ ପହଞ୍ଚିବାପରେ ସ୍ଥାନୀୟ ହିନ୍ଦୁ ଯୁବ ଗୋଷ୍ଠୀ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲେ। ପରେ ଅଯୋଧ୍ୟା ଅଭିମୁଖେ ସାଇକଲ୍‌ରେ ନିଜର ଯାତ୍ରା ଆରମ୍ଭ କରିଥିଲେ। ସେ ରାଇଘରରୁ ଛତିଶଗଡ଼ ଦେଇ ଅଯୋଧ୍ୟା ଅଭିମୁଖେ ଯିବେ। ସୁନାଧର ଜଣେ ଚାଷୀ ହୋଇଥିବା ବେଳେ ବାପା ମାଆଙ୍କ ମୃତ୍ୟୁ ପରେ ସ୍ତ୍ରୀ ହୀରାମଣି ଓ ଝିଅ ଶାନ୍ତି ସହ ରହିଆସୁଛନ୍ତି। ୧୫ରୁ ୧୬ ଦିନ ମଧ୍ୟରେ ସେ ଅଯୋଧ୍ୟା ପହଞ୍ଚିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ପ୍ରବଳ ଥଣ୍ଡା ସତ୍ତ୍ୱେ ମଧ୍ୟ ତାଙ୍କର ଦୁଃସାହାସିକ ସାଇକେଲ୍ ଯାତ୍ରା ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।

● ତୁଟିଲା ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବିବାଦ

# ରାମଚନ୍ଦ୍ର ଉଲାକାଙ୍କ ନାମରେ ନାମିତ ପାର୍କରେ ଉନ୍ମୋଚନ ହେବ ପ୍ରତିମୂର୍ତ୍ତି



ରାୟଗଡା,୨୦।୧୨(ସମିସ): ରାୟଗଡ଼ା ସହରରେ କିଛି ଦିନ ହେଲା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଉନ୍ମୋଚନକୁ ନେଇ ଚାଲିଥିବା ବିବାଦର ଅନ୍ତ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ହୋଇଥିବା ସର୍ବଦଳୀୟ ବୈଠକରେ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତିର ସ୍ଥାନ ପରିବର୍ତ୍ତନ ହୋଇଥିବାନେଇ ଆଜି ନିଷ୍ପତ୍ତି ହୋଇଥିଲା। ଆଜିର ବୈଠକରେ ବିଜେପିର ଜିଲ୍ଲା ସଭାପତି ଗୋପୀ ଆନନ୍ଦ, କାଳୀରାମ ମାଝି,ଶିବ ଶଙ୍କର ଉଲାକା,ବସନ୍ତ ଉଲାକା,ଦେବାଶିଷ ପଣ୍ଡା, ମଞ୍ଜୁଲା ମିଣିଆକା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କଂଗ୍ରେସ ଦଳରୁ ସାଂସଦ ପ୍ରତିନିଧି ଝୁନା ପଣ୍ଡା, ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢ଼ୀ, ମନୋଜ ରଥ ଓ କେ. ଭେଙ୍କଟେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ତରଫରୁ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଉପସ୍ଥିତ ରହିଥିଲେ। ସର୍ବଦଳୀୟ ବୈଠକରେ ରାୟଗଡା ସଦରମହକୁମା ଓଏମପି ନିକଟସ୍ଥ ପୌରସଂସ୍ଥାର ଏକ ଉଦ୍ୟାନରେ ସ୍ଥାପନା କରିବା ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଉକ୍ତ ପାର୍କଟିକୁ ସ୍ୱର୍ଗତ ଶ୍ରୀ ଉଲାକାଙ୍କ ନାମରେ ନାମିତ କରାଯିବ ବୋଲି ସ୍ଥିର ହୋଇଥିବା ନେଇ ବିଧାୟକ କାଡ୍ରକା ଆପଲାସ୍ୱାମୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମୂର୍ତ୍ତି ସ୍ଥାପନା ସ୍ଥାନକୁ ନେଇ ବିଜେପି ଏବଂ କଂଗ୍ରେସ ଦଳ ମଧ୍ୟରେ ବାକ୍ ବିବାଦ ଲାଗି ରହିଥିଲା। ବିବାଦ ଆରମ୍ଭ ପରେ ପ୍ରସ୍ତାବିତ ରାୟଗଡ଼ା ସହର ଜାତୀୟ ରାଜପଥ ଗଜପତି ଛକ ନିକଟସ୍ଥ ଚିନ୍ମାରୀ ମେଡିକାଲ ସମ୍ମୁଖ ରାସ୍ତା କଡ଼ରେ ସ୍ଥାନ ନିରୂପଣ ହୋଇଥିବା ବେଳେ ସାଂସଦଙ୍କ ପକ୍ଷରୁ ମୂର୍ତ୍ତି ସ୍ଥାପନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ବିଜେପି ପକ୍ଷରୁ ଉକ୍ତ ନିର୍ମାଣ କାର୍ଯ୍ୟକୁ ବିରୋଧ କରାଯାଇଥିଲା। ପରେ ପ୍ରଶାସନ ନିର୍ମାଣ କାମକୁ ବନ୍ଦ କରିଥିଲା। କାର୍ଯ୍ୟ ବନ୍ଦ ପରେ ବିବାଦ ଆହୁରି ତୀବ୍ର ହୋଇ ଉଭୟ ଦଳ ସାମ୍ବାଦିକ ସମ୍ମିଳନୀ ଡାକି ପ୍ରଶାସନ ପାଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲେ। ଆସନ୍ତା ୨୪ ତାରିଖରେ ମୂର୍ତ୍ତି ଉଦ୍‌ଘାଟନ ନେଇ କଂଗ୍ରେସ ଦିନ ଧାର୍ଯ୍ୟ କରିଥିବା ବେଳେ ୨୬ ତାରିଖରେ ଜିଲ୍ଲା ମହୋତ୍ସବ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ବିବାଦକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସର୍ବଦଳୀୟ ବୈଠକ ଡାକିଥିଲେ। ପୌର ପ୍ରଶାସନ ପକ୍ଷରୁ ଉକ୍ତ ପାର୍କରେ ଆସନ୍ତା ୨୪ତାରିଖ ସୁଦ୍ଧା ସ୍ୱର୍ଗତ ଶ୍ରୀ ଉଲ୍ଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ସହ ପାର୍କର ନାମ ଫଳକ ଆଦି ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ବିଧାୟକ ତଥା ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ କାଡ୍ରକା କହିଛନ୍ତି। ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଉପଜିଲ୍ଲାପାଳ ରମେଶ କୁମାର ଜେନା, ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ପୁଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପୁତ୍ର ତଥା ବିଜେପି ନେତା ଶିବ ଶଙ୍କର ଉଲାକା ମଧ୍ୟ ଜିଲ୍ଲାପାଳଙ୍କୁ ଚିଠି ଲେଖି ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଦାବି କରିଥିଲେ।

## ସର୍ବଦଳୀୟ ବୈଠକରେ ମୂର୍ତ୍ତି ସ୍ଥାନାନ୍ତର ନିଷ୍ପତ୍ତି

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ରାୟଗଡା,୨୦।୧୨(ସମିସ): ରାୟଗଡା ଜିଲ୍ଲା କୋଲନରା ବ୍ଲକ ପାଇକପଡା ଗ୍ରାମ ନିକଟସ୍ଥ ପଙ୍ଗୋଲୀ ଯିବା ରାସ୍ତାରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ହୋଇଥିବା ବୃଦ୍ଧ ଜଣକ ହେଲେ ୭୦ ବର୍ଷିୟ କାନ୍ଧୁରୁ ପ୍ରାସ୍କା। ସୂଚନାରୁ ଜଣାପଡିଛି ଶୁକ୍ରବାର କାନ୍ଧୁରୁ ନିଜ କୁଡିଆକୁ ଯିବା ସମୟରେ ଭାଲୁ ସହ ମହାଁମୁହିଁ ହୋଇଥିଲେ। ସେ ଯିବା ରାସ୍ତାରେ ୨ଟି ଭାଲୁ ନିକଟସ୍ଥ ଜଙ୍ଗଲରେ ଫଳିଥିବା କଣ୍ଟେଇକୋଳୀ ଖାଉଥିଲେ ଏବଂ କାନ୍ଧୁରୁ ଦେଖି ଆକ୍ରମଣ କରି ତାଙ୍କୁ ରାମ୍ପି ଦେଇଥିଲେ। ଗରୁତର ଅବସ୍ଥାରେ ତାଙ୍କୁ ଗ୍ରାମବାସୀମାନେ ଉଦ୍ଧାର କରି ପ୍ରଥମେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଥିବାରୁ କାନ୍ଧୁରୁଙ୍କ ଚିକିତ୍ସା ପାଇଁ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ତାଙ୍କ ପୁଅ ଜଗନ୍ନାଥ ପ୍ରାସ୍କା ପ୍ରକାଶ କରିଛନ୍ତି।

# ବିନା ଟିପ ଚିହ୍ନରେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ନନ୍ଦପୁର,୨୦।୧୨(ସମିସ): ଗୁରୁବାର ନନ୍ଦପୁର କ୍ୟାମ୍ପସ ପରିଦର୍ଶନ ଆସିଥିବା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଭେଟି ପିଡିଏସ ସାମଗ୍ରୀ ପାଇବାରୁ ବଞ୍ଚିତ ଥିବା ନେଇ କିଛି ହିତାଧିକାରୀ ଅଭିଯୋଗ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍ ସହିତ ତୁରନ୍ତ ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କୁ ଡାକି ଅଭିଯୋଗକାରୀଙ୍କୁ ଚାଉଳ ମିଳୁନଥିବାର କାରଣ ପଚାରିଥିଲେ। ଯୋଗାଣ ନିରୀକ୍ଷକ ଶ୍ରୀ ବୁରୁ ହିତାଧିକାରୀଙ୍କ ଆଧାର ଲିଙ୍କ ନଥିବାରୁ ସନ୍ଦେହ ଘେରରେ ରହିଥିବା ଓ ସମ୍ପୃକ୍ତ ହିତାଧିକାରୀ ମଧ୍ୟ ଅଫିସକୁ ଆସି ଏହି ଘଟଣା ଉପରେ ଅବଗତ କରାଇ ନଥିବାରୁ ହିତାଧିକାରୀ ପିଡିଏସ ଚାଉଳ ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି କହିଥିଲେ। ତେବେ ଗୋଟିଏ ପଟେ ଟିପ ଚିହ୍ନ ଦେଲେ ଯାଇ ହିତାଧିକାରୀ ଖାଉଟି ସାମଗ୍ରୀ ପାଉଥିବା ବେଳେ ମନ୍ତ୍ରୀ ବିନା ଟିପ ଚିହ୍ନରେ ଖାଉଟି ସାମଗ୍ରୀ ପ୍ରଦାନ ନେଇ ନିର୍ଦ୍ଦେଶ ଦେଇଥିଲେ। ତେବେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗାଣ ନିରୀକ୍ଷକଙ୍କୁ ଦେଇଥିବା ନିର୍ଦ୍ଦେଶ ଅନୁସାରେ କ’ଣ ଏଣିକି ଆଉ ପିଡିଏସ ସାମଗ୍ରୀ ପାଇଁ ହିତାଧିକାରୀଙ୍କ ଟିପ ଚିହ୍ନ ଆବଶ୍ୟକତା ନାହିଁ କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁନ୍ଦୁରା,୨୦।୧୨(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡାଳ ଆଦର୍ଶ ବିଦ୍ୟାଳୟଠାରେ ନବମ ବାର୍ଷିକ ଉତ୍ସବ ସପ୍ତରଙ୍ଗ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ପି. ମନସ୍ମିତା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ ପଞ୍ଚାନନ ଗୌଡ଼, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରା, ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରୀତାରାଣୀ କରଣ, ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ୱେତ ବସନ୍ତ ରଥ, ବିଦ୍ୟାଳୟର ଭିଏମ୍ ଡିସି ସଦସ୍ୟ ବୃନ୍ଦାବନ ପାତ୍ର, ଅନୀଲ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ପଣ୍ଡା ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତି ଛାତ୍ରଛାତ୍ରୀ, ଖେଳ ଚାମ୍ପିଅନ୍, ଉତ୍ତମ ହାଉସ, ଉତ୍ତମ ଛାତ୍ର ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ। ଇଂରାଜୀ ଶିକ୍ଷକ ନିରଞ୍ଜନ ପରିଡ଼ା, ଶିକ୍ଷକ ଦେବାଶିଷ ପଟ୍ଟନାୟକ, ଛାତ୍ର ରାହୁଲ ଗଣ୍ଡା ଏବଂ ଛାତ୍ରୀ ଅଳକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ କାଜଲ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଲମତାପୁଟ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଲମତାପୁଟ,୨୦।୧୨(ସମିସ): ଆଜି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ମିସ୍ସିଙ୍ଗପୁଟଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ (ଉର୍ଜା )ପାଳିତ ହୋଇଯାଇଛି। ଏହି ଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ ସାଗର କୁମାର ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟର ବାର୍ଷିକ ଧାରା ବିବରଣୀ ପାଠ କରାଯାଇଥିଲା। ଏହି ଉତ୍ସବରେ ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ବିଧାୟକ ପ୍ରତିନିଧି ଆଦିତ୍ୟ ଶିସା, ଜିଲ୍ଲା ପରିଷଦ ପୂର୍ଣଚନ୍ଦ୍ର ପାଙ୍ଗି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବାନୀ ମୁଦୁଲି, ମୁଖ୍ୟ ବକ୍ତା ପ୍ରଣବ କିଶୋର ପଟ୍ଟନାୟକ ସିବିଏସଇ ସିଇଓ, ଭୁବନେଶ୍ୱର ସନମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅପେରସନ ସିନ୍ଦୁର, ମହିଳା ଶିଶୁ ଶିକ୍ଷା ବିକାଶ, ନାରୀ ସଚେତନତା ଭଳି ନାଟକ ଏବଂ ଓଡିଶୀ ନୃତ୍ୟ ଓ ସଂଗୀତ ଅତି ସୁନ୍ଦର ଭାବରେ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟ୍ରକ ଚକା ତଳେ ପଡ଼ି ବାଇକ୍ ଆରୋହୀ ମୃତ; ଜଣେ ଗୁରୁତର

ରାୟଗଡ଼ା/ଜେକେପୁର,୨୦।୧୨(ସମିସ): ରାୟଗଡ଼ା ଜିଲ୍ଲା ଦେଇ ଯାଇଥିବା ୩୨୬ନମ୍ବର ଜାତୀୟ ରାଜପଥରେ ଆଜି ପୁଣି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅକାଳରେ ଚାଲି ଯାଇଛି ଗୋଟିଏ ଜୀବନ। କୋମତଲପେଟା-ମୁନିଗୁଡା-ତୁମୁଡିବନ୍ଧ ରାଜ୍ୟ ରାଜପଥ -୦୫ର ଜେକେପୁର-ଅମଲାଭଟା ମଧ୍ୟରେ ଥିବା ନାଗାବଳୀ ସେତୁ ଉପରେ ଆଜି ଅପରାହ୍ନରେ ବାଇକରେ ଯାଉଥିବା ଦୁଇ ଜଣ ଯୁବକ ଏକ ଦଶ ଚକିଆ ଟ୍ରକ ସହ ଧକ୍କା ହୋଇଥିଲେ। ତେବେ ବାଇକ ଚାଳକ ଟ୍ରକ ଚକା ତଳେ ପଡିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ବାଇକରେ ବସିଥିବ ଅନ୍ୟ ଜଣେ ଯୁବକ ଗୁରୁତର ଆହାତ ହୋଇଥିଲେ। ମୃତ ଯୁବକ ଜଣକ ହେଲେ ରାୟଗଡ଼ା ସଦର ବ୍ଲକ ବଡ ଆଲୁବାଡି ଗ୍ରାମ ପଞ୍ଚାୟତ ସାନକୋଶପାଡୁ ଗାଁର ବାମୁନା ଜିଲାକାରାଙ୍କ ୧୮ ବର୍ଷିୟ ପୁଅ ଅଜିତ ଜିଲାକାରା। ଆହାତ ହୋଇଥିବା ଯୁବକ ଜିତୁ ଜିଲାକାରାଙ୍କ ଘର ମଧ୍ୟ ଉକ୍ତ ଗାଁରେ ବୋଲି ଜଣାପଡିଛି। ଖବରପାଇ ଚାନ୍ଦିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶବକୁ ଉଦ୍ଧାର କରି ବ୍ୟବେଚ୍ଛଦ ନିମନ୍ତେ ଏବଂ ଆହାତ ହୋଇଥିବା ଯୁବକ ଜିତୁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ମିଳିଥିବା ସୂଚନା ପ୍ରକାରେ, ଆଜି ଅପରାହ୍ନରେ ସାନକୋଶପାଡୁ ଗାଁରୁ ନିଜ ସାଙ୍ଗଙ୍କ ବାଇକ (ଓଡି ୧୮ ଜି୭୬୪୯)ଯୋଗେ ଅଜିତ ଓ ଜିତୁ ଜେକେପୁର ବଜାରକୁ ଆସୁଥିବା ବେଳେ ରାୟଗଡ଼ାରୁ କୋଲନରା ଅଭିମୁଖେ ଯାଉଥିବା ଏକ ଟ୍ରକ (ଓଡି ୧୮କେ ୪୬୫୪) ସହ ଧକ୍କା ହେବା ଫଳରେ ବାଇକ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡିଥିଲା। ଟ୍ରକର ଦୁଇ ଚକା ମଝିରେ ପଡି ଅଜିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଚାନ୍ଦିଲି ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ପାପଡାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ



ପାପଡାହାଣ୍ଡି,୨୦।୧୨(ସମିସ): ଆଜି ପାପଡାହାଣ୍ଡି ବ୍ଲକ ସମ୍ମିଳନୀ କକ୍ଷଠାରେ ପାପଡାହାଣ୍ଡି ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମୋଟ ୩୦ ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ଭତ୍ତା, ଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ କିସାନ, ସହକର୍ମୀ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ବୈପାରିଗୁଡ଼ା,୨୦।୧୨(ସମିସ): ବୈପାରିଗୁଡ଼ା ବ୍ଲକ୍ ଚନ୍ଦ୍ରପଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶଶି ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜର ଶାରୀରିକ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବୈପାରିଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ସୁକାନ୍ତ କର୍ତ୍ତାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବୈପାରିଗୁଡ଼ା ଅଗ୍ନିଶମ ଅଧିକାରୀ ଜୟ କିଶୋର ସ୍ୱାଇଁ ଏବଂ ବିଶିଷ୍ଟ ଲେଖକ ତଥା ସାଧନ କର୍ମୀ କାହ୍ନୁ ଚରଣ ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବୈପାରିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟାମଣି ଜାନୀ ଏବଂ ଚନ୍ଦ୍ରପଦା ପଞ୍ଚାୟତ ସମିତି ସଭ୍ୟ ଶ୍ରୀ ଚନ୍ଦ୍ରମା ହରିଜନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜେଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମଗ୍ର ମଞ୍ଚ ପରିଚାଳନା ଇଂରାଜୀ ଶିକ୍ଷକ ସଞ୍ଜୟ ପାଳ କରିଥିବା ବେଳେ ଶେଷରେ ଜୀବବିଜ୍ଞାନ ଶିକ୍ଷକ ସୁବ୍ରତ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ।

● ସୋମବାର ଲୋକାର୍ପଣ ହେବ ସହିଦ ଯବାନ ଈଶ୍ୱର ତଲିଆ ପାର୍କ

# ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି



ବୈପାରୀଗୁଡ଼ା,୨୦।୧୨(ସମିସ): ୨୦୨୪ ମସିହା ଡିସେମ୍ବର ୨୨ ତାରିଖରେ ଜିଲ୍ଲାର ଉପାନ୍ତ ଅଞ୍ଚଳ ବୈପାରୀଗୁଡ଼ା ବ୍ଲକ୍ କେନ୍ଦୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବଡାଗୁଡ଼ା ଗାଁର ଜଣେ ଆଦିବାସୀ ଯୁବକ ତଥା ବୀର ଯବାନ ଈଶ୍ୱର ତଲିଆ ଦେଶ ପାଇଁ ଜୀବନ ଦେଇ ଶହୀଦ ହୋଇଥିଲେ। ଶହୀଦଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମ ମାଟି ବଡାଗୁଡା ଠାରେ ସହିଦ ଈଶ୍ୱର ତଲିଆ ନାଁରେ ପାର୍କ ନିର୍ମାଣ ଚାଲିଛି। ଶହୀଦ ଈଶ୍ୱର ତଲିଆ ସ୍ମୃତି କମିଟି ପକ୍ଷରୁ ଡିସେମ୍ବର ୨୨ ତାରିଖ ସୋମବାର ଦିନ ସହିଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାର୍କରେ ସହିଦଙ୍କ ପ୍ରତିମୂର୍ତ୍ତି ବସିଯାଇଛି। ପାର୍କ ସଫେଇ ସହ ରଙ୍ଗ କାମ ଚାଲିଛି। ଏହି କାର୍ଯ୍ୟକ୍ରରେ ଜନ ପ୍ରତିନିଧି ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଥାଉକି, ୨୦୨୪ ଡିସେମ୍ବର ୨୨ ତାରିଖ ଦିନ ଜନ୍ମ ମାଟିରେ ଶହୀଦ ଯବାନଙ୍କୁ ଦିଆଯାଇଥିଲା ଶେଷ ଶ୍ରଦ୍ଧାଞ୍ଜଳି। ଜନସମୁଦ୍ର ପାଲଟିଲା ଗାଁ ଶ୍ମଶାନ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବୈପାରୀଗୁଡାର ବଡାଗୁଡାର ଈଶ୍ୱର ତଲିଆ ୨୦୧୧ ମସିହାରେ ସେନା ବାହିନୀରେ ଯୋଗ ଦେଇଥିଲେ। ସେ ଜାମ୍ମୁରେ ୪୬ ଆର୍ମି ଆର୍ମଡ଼ ରେଜିମେଣ୍ଟରେ ଏଲଡି ପଦବୀରେ କାର୍ଯ୍ୟରତ ଥିଲେ। ଗତ ୧୮ ତାରିଖ ଦିନ ରାଜସ୍ଥାନର ଫକରନ ରେଞ୍ଜ ଠାରେ ଟ୍ୟାଙ୍କ ଫାଇରିଂ ଅଭ୍ୟାସ ବେଳେ ହଟାତ ଟ୍ୟାଙ୍କରେ ବୋମା ବିସ୍ଫରଣରେ ଆଖି ବୁଝିଲେ ଈଶ୍ୱର। ୩୫ ବର୍ଷରେ ସେ ଦେଶ ମାତୃକା ପାଇଁ ଶହୀଦ ହୋଇଛନ୍ତି ସତ, ତାଙ୍କୁ ନେଇ କେବଳ କୋରାପୁଟ ନୁହେଁ ଆଜି ସାରା ଦେଶ ଗର୍ବ କରୁଛି।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନନ୍ଦପୁର ଲ୍ୟାମ୍ପସ ପରିଦର୍ଶନ

# ଚାଷୀଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦେଲେ ଆଶ୍ୱାସନା



ନନ୍ଦପୁର,୨୦।୧୨(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଅପରାହ୍ନ ସମୟରେ କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ବ୍ଲକ୍ ସ୍ଥିତ ନନ୍ଦପୁର ଆଦର୍ଶ ଲ୍ୟାମ୍ପସ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଲ୍ୟାମ୍ପସ ସହ ସଂପୃକ୍ତ ଚାଷୀ ଭାଇମାନଙ୍କ ସହ ମିଶି ଧାନମଣ୍ଡି ବ୍ୟବସ୍ଥା, ଚାଷୀ ସମସ୍ୟା ଓ ଆନୁଷଙ୍ଗିକ ସୁବିଧା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଲ୍ୟାମ୍ପସ ମଣ୍ଡିରେ ଚାଲୁଥିବା ବ୍ୟବସ୍ଥା, ଧାନ କ୍ରୟ ପ୍ରକ୍ରିୟା ଓ ଭିତ୍ତିଭୂମି ଉନ୍ନତି ସମ୍ପର୍କରେ ମନ୍ତ୍ରୀ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେଶ ପଣ୍ଡାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ପରିଚାଳନା ପରିଷଦ ସଦସ୍ୟ ଶ୍ରୀ ଗୋପାଳ କୃଷ୍ଣ ବେବର୍ତ୍ତା ଓ ଶ୍ରୀ ଜଗନ୍ନାଥ ପାଙ୍ଗି ମଣ୍ଡିରେ ରହିଥିବା ବିଭିନ୍ନ ସମସ୍ୟା, ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ମଣ୍ଡି ସଂପୃକ୍ତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ଉନ୍ନୟନ ଆବଶ୍ୟକତା ବିଷୟରେ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଚାଷୀ ଓ ଲ୍ୟାମ୍ପସ ଡାଇରେକ୍ଟରମାନଙ୍କ ଠାରୁ ସମସ୍ୟା ଶୁଣିବା ପରେ ମନ୍ତ୍ରୀ ଶ୍ରୀ ପାତ୍ର ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଶ୍ରୀ ପ୍ରେମଲାଲ ହିଆଲ, ଡିଆରସିଏସ ମୋନିକା ରାୟ, ଏଆରସିଏସ ଚନ୍ଦ୍ରଶେଖର ସେଠିଆ, ଏସଏଆରସିଏସ ଶିଶିର କୁମାର ଦାସ, ଆରଏମସି ସେକ୍ରେଟାରୀ ଗୌରୀଶଙ୍କର ପାଣି, ସିସିଏସଓ ମାନସ ରଞ୍ଜନ ମହାପାତ୍ର, ଏସିଏସଓ, ଏମଆଇ ଯୋନସନ ବୋରା ଓ ଲ୍ୟାମ୍ପସ ଏମ୍‌ଡି ଶ୍ରୀ ସୁରେଶ ପଣ୍ଡା ସହ ତାଙ୍କ ସହକର୍ମୀମାନେ ଉପସ୍ଥିତ ଥିଲେ।

**ଓଡ଼ିଶା-ଆନ୍ଧ୍ର ଅବକାରୀ ବିଭାଗର ମିଳିତ ଚଢ଼ଉ**

# ପୋଚ ଓ ମଦ ଜବତ; ୨ ମହିଳା ଗିରଫ

କୋରାପୁଟ,ବନ୍ଧୁଗାଁ,୨୦।୧୨(ସମିସ): ଅବକାରୀ କମିଶନର ପି. ଅନ୍ୱେଷ ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଠାରୁ କୋରାପୁଟ ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର ରୋକିବାକୁ ସ୍ୱତନ୍ତ୍ର ଧର ପଗଡ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ପ୍ରଥମ ଦିନରେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର



ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସୀମାନ୍ତ ବନ୍ଧୁଗାଁ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅବକାରୀ ବିଭାଗ ମିଳିତ ଚଢ଼ଉ କରିଥିଲେ। ମିଳିତ ଟିମ ବନ୍ଧୁଗାଁ ବ୍ଲକର କେ.ଜଗୁଗୁଡ଼ା, କାର୍ଲୀ, କୁମ୍ଭାରୀପୁଟ, ହାତୀଗୁଡ଼ା ଗ୍ରାମରେ ଚଢ଼ଉ କରି ୬୮୦୦ ଲିଟର ପୋଚ ସହ ୨୧୬ ଲିଟର ଦେଶୀ ମଦ ଜବତ କରିଥିଲେ। ଘଟଣାରେ ଅବକାରୀ ବିଭାଗ କୁମ୍ଭାରିପୁଟ ଗ୍ରାମର ପି. ଜୟନ୍ତୀ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରି ୬୦ ଲିଟର ଦେଶୀ ମଦ ଜବତ କରିଥିବାବେଳେ କେ. ଜଗୁଗୁଡ଼ା ଗ୍ରାମରେ ଚଢ଼ଉ କରି ଆର. ଆଚାମା ନାମ୍ନୀ ଅନ୍ୟ ଜଣେ ମହିଳାଙ୍କୁ ଗିରଫ କରି ତାଙ୍କ ନିକଟରୁ ୬ ଲିଟର ମଦ ଜବତ କରିଥିଲେ। ସେହିପରି ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରି ୬୮୦୦ ଲିଟର ପୋଚ ଏବଂ ୧୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଏସ୍ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଢ଼ିଆରୀ, ଏଏସ୍‌ଆଇ ଏଲିଜା ବିଶୋଇ, ଉମେଶ କୁମାର ଦୋରା, ପାର୍ବତୀପୁରମ୍ ଅବକାରୀ ବିଭାଗ ଅତିରିକ୍ତ ଅଧିକ୍ଷକ ଚଢ଼ଉରେ ସାମିଲ ହୋଇଥିଲେ।

# ଦନ୍ତାହାତୀ ଆତଙ୍କ; ରାତିସାରା ଅମଳ ଧାନକୁ ଜଗୁଛନ୍ତି ୫ ଗ୍ରାମର ଚାଷୀ





ଗୁଣୁପୁର,୨୦।୧୨(ସମିସ): ହାତରେ ଟର୍ଚ୍ଚଲାଇଟ୍ ମୁଣ୍ଡରେ ପଗୁଡି ବାନ୍ଧି ରାତତମାମ୍ ଅନିଦ୍ରା ରହି ଚାଷି ଜଗିରହୁଛି ନିଜର ଅମଳ ଧାନ। ଏକ ଦନ୍ତା ହାତୀ ଅମଳଧାନ, ଖଳାରେ ଓ ଜମିରେ ଥିବା ଧାନକୁ ନଷ୍ଟ କରିଦେଉଥିବା ଯୋଗୁଁ ଚାଷୀ ଶୀତରାତିରେ ଅନିଦ୍ରା ରହି ନିଆଁ ଲଗାଇ ଜଗି ବସୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗୁଣୁପୁର ବନଖଣ୍ଡ ଅଧିନସ୍ତ ପାଞ୍ଚଖଣ୍ଡ ଗ୍ରାମ ଖଇରା,ଆମ୍ବାବାଡି,ପୁଲପୁଟି,ଝୁମ୍ପାପୁର,ତରା ମାଳରେ। ଗ୍ରାମଗୁଡିକର ଚାଷୀମାନେ ରାତି ୮ ଟା ହେଲେ ହାତରେ ଟର୍ଚ୍ଚ ଧରି ହାତୀକୁ ଜଗିବା ପାଇଁ ବାହାରି ପଡୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଚାଷୀ ଅମଳ କରିବା ସମୟ ଆସିଛି। ଧାନଗଛ କାଟି ବିଭିନ୍ନ ଜମି, ଖଳାରେ ଧାନ ଅମଳ କରି ପକଇ ରଖିଛି ଚାଷୀ। କିଛି ଦିନ ହେବ ଗୁଣୁପୁର ରେଞ୍ଜ୍‌ରେ ଥିବା ଏକ ଦନ୍ତା ହାତୀ ଚାଷୀଙ୍କ ନିଦ ହଜାଇ ଦେଇଛି। ଜମିରେ ଥିବା ପାଇପ୍ ଭାଙ୍ଗି ଦେଉଛି ତ କେତେବେଳେ ଜମିରେ ଥିବା କୁଡିଆ ଭାଙ୍ଗି ଦେଉଛି। ଧାନ ଖାଉଛି, ଧାନ ଗଛ ଗୁଡିକୁ ନଷ୍ଟ କରିଦେଉଛି। ବିଦ୍ୟୁତ୍ ଖୁଣ୍ଟ ଦେଖିଲେ ଉତ୍‌କ୍ଷିପ୍ତ ହେଉଛି। ହାତୀର ଗତିବିଧି ଧରି ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ କରାଯାଉଛି। ଦିନରେ ପାଖ ଜଙ୍ଗଲରେ ହାତୀ ରହିଯାଉଥିବା ବେଳେ ରାତ୍ରୀ ହେଲେ ବାହାରକୁ ଆସି ଗ୍ରାମାଞ୍ଚଳ ମୁହାଁ ହେଉଛି। କେତେବେଳେ ଯେ ଅଘଟଣ ଘଟିବ ତାକୁ ମଧ ଭୟ କରି ଚାଷୀ ଆତଙ୍କିତ ହୋଇ ରହୁଛନ୍ତି। ବନବିଭାଗର କର୍ମଚାରୀ ଜଣେ ଦୁଇଜଣ ନାମକୁ ମାତ୍ର ଆସି ଡ୍ୟୁଟି କରି ଚାଲିଯାଉଥିବା ବେଳେ ଆବଶ୍ୟକୀୟ କର୍ମଚାରୀ ଆସୁନଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗୁଣୁପୁର ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର କହିଛନ୍ତି ହାତୀ ସୁରକ୍ଷା ଦିଆଯାଉଛି ତାହା ସହିତ ଗ୍ରାମବାସୀଙ୍କ କଥା ମଧ ଚିନ୍ତା କରାଯାଉଛି। ଯେହେତୁ ହାତୀ ଏକାକି ରହିଛି ଅମଳ ସମୟ ତେଣୁ ଖାଦ୍ୟ ଅନ୍ୱେଷଣରେ ରାତିରେ ବାହାରୁଛି। ଲୋକଙ୍କୁ ତାଙ୍କର ହାତୀ କ୍ଷତି କରୁଥିବା କ୍ଷତିପୁରଣ ମଧ ଦିଆଯାଉଥିବା କହିଛନ୍ତି। ପୂର୍ବରୁ ୬ ଟିକିଆ ହାତୀପଲ ଥିଲେ, ସେମାନେ ଗୁଣୁପୁର ଠାରୁ ଆନ୍ଧ୍ର ମୁହାଁ ହୋଇଯାଇଥିଲେ। ୨୦୨୩ ମସିହାରେ ଆନ୍ଧ୍ରର କାଟରାଗଡାଠାରେ ୪ ଟି ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ସେଥିରୁ ଦୁଇଟି ହାତୀ ଆନ୍ଧ୍ରରୁ ପୁଣି ଗୁଣୁପୁର ରେଞ୍ଜ ଅଞ୍ଚଳକୁ ଜୀବନ ବିକଳରେ ଫେରିଆସିଥିଲେ। ଏଠାରେ ଏହି ଦୁଇ ହାତୀ ମଧ୍ୟରୁ ପୁଲପୁଟି ଅଞ୍ଚଳରେ ୨୦୨୪ ମହିହାରେ ଆଉ ଗୋଟିଏ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏକାକୀ ରହିଯାଇଛି ଗୋଟିଏ ଦନ୍ତା ହାତୀ। ହାତୀ ଏକାକି ଥିବା ବେଳେ ବିଭିନ୍ନ ସମୟରେ ଉପଦ୍ରବ କରୁଛି ବୋଲି ସେ କହିଛନ୍ତି।

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା; ୨ କୋର୍ଟ ଚାଲାଣ

କାଲିମେଳା,୨୦।୧୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଉଷ୍କାପଲ୍ଲି ଗ୍ରାମର ମୁକା ପଡ଼ିଆମିଙ୍କ ହତ୍ୟା ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଉଷ୍କାପଲ୍ଲି ଗ୍ରାମର ମୁକା ପଡ଼ିଆମି (୫୪)ଙ୍କୁ ଗତ ବୁଧବାର ରାତିରେ ତାଙ୍କ ଗ୍ରାମର ଦୁଇ ଜଣ ବ୍ୟକ୍ତି ଗୁଣି ଗାରେଡ଼ି ସନ୍ଦେହରେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ କାଲିମେଳା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିରେ ଅଟକ ରଖିଥିବା ଦୁଇ ଅଭିଯୁକ୍ତ ହିଁ ମୁକାଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରିଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରି କାଲିମେଳା ଥାନା କେଶ୍ ନଂ-୨୯୩/୨୫ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

## ଢେପାଗୁଡାରେ ମେଗା ସ୍ୱାସ୍ଥ୍ୟ ମେଳା

ଗୁଡାରି,୨୦।୧୨(ସମିସ): ଶନିବାର ଦିନ ଗୁଡାରି ବ୍ଲକ ପେଣ୍ଡିଲି ଗ୍ରାମ ପଞ୍ଚାୟତ ଢେପାଗୁଡା ଠାରେ ଟିପିଏସଓ ଡି ଏଲ ଏବଂ ଗୁଡାରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଢେପାଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଡା. କରୁଣା କର ସାହୁ ରିବନ ପିତା କାଟି ଉଦ୍‌ଘାଟନ କରିଥିଲେ। ରାୟଗଡା ଜିଲ୍ଲାରେ ପ୍ରଥମ କରି ଟିପିଏସଓଡିଏଲ ପକ୍ଷରୁ ଜନ ସଚେତନତା ଏବଂ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବର୍ଷକୁ ଥରେ ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଥରେ ଏହି ମେଗା ସ୍ୱାସ୍ଥ୍ୟ ମେଳା ହେବ ବୋଲି ଡା. ଅଜୟ ମଲ୍ଲିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଢେପାଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଡ. କରୁଣା କର ସାହୁ, ଟିପିଏସ୍‌ଓଡିଏଲର ଡ. ଅଜୟ ମଲ୍ଲିକ ଉପସ୍ଥିତ ରହି ରୋଗୀ ପରୀକ୍ଷା କରିଥିଲେ। ଶିବିରରେ ପେଣ୍ଡିଲି ଗ୍ରାମ ପଞ୍ଚାୟତ ଏବଂ ଅଞ୍ଚଳର ଶତାଧିକ ଲୋକଙ୍କ ବିଭିନ୍ନ ପ୍ରକାର ରୋଗ ଯଥା ମ୍ୟାଲେରିଆ, ବିପି, ମୁଧୁମେହ, ହେମୋଗ୍ଲୋବିନ, ସିକଲିନ ଭଳି ଅନେକ ରୋଗକୁ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଏହି ମେଗା ସ୍ୱାସ୍ଥ୍ୟ ମେଳାରେ ସମୁଦାୟ ୨୧୯ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଇଇ ରଶ୍ମିତା ଗୌଡ଼, ବିପିଏମ ଟୋଟା ତିରୁପତି, ଫାର୍ମାସିଷ୍ଟ ଦେବାଶିଷ ମିଶ୍ର ଏମଆର ରାଜେଶ କୁହୁରୁ, ଏଏନଏମ ଭୁବନେଶ୍ୱରୀ ଗୌଡ଼, ସୁନିତା ଶବର, ମନୋଜ ଦେଓ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଦାମନଯୋଡ଼ି/ସେମିଳିଗୁଡା,୨୦।୧୨(ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡ଼ିର ନାଲକୋ ଶିକ୍ଷାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରାଚୀର ମୁଖପତ୍ର ପ୍ରାଚୀଶ୍ରୀ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ପୁରୁଷୋତ୍ତମ ମହାନ୍ତ (ମୁଖ୍ୟ ମହାପ୍ରବନ୍ଧକ ଖଣି), ମୁଖ୍ୟବକ୍ତା ଡ. ଦୁଷ୍ମନ୍ତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଡ. ଚିତ୍ତରଂଜନ ମିଶ୍ର, ବିତ୍ତ ସଭ୍ୟ ପ୍ରଶାନ୍ତ କୁମାର ମହାରଣା (ମହାପ୍ରବନ୍ଧକ) ଓ ବିଦ୍ୟାମନ୍ଦିର ପରିଚାଳନା ସମିତିର ପ୍ରଶାସନିକ ସଭ୍ୟ ଚନ୍ଦ୍ର ମୋହନ ମହନ୍ତ, ଫାଇନାନ୍ସ ଚିଏଫ ମ୍ୟାନେଜର ସଞ୍ଜୟ ଗୁପ୍ତ, ସିଇଏସ ଏଫ୍ କମାଣ୍ଡେଣ୍ଟ ସତ୍ୟ ଦେବ, ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏତତ୍ ବ୍ୟତୀତ ନାଲକୋର ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ, ମହାପ୍ରବନ୍ଧକ, ଉପ ମହାପ୍ରବନ୍ଧକମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ପଣ୍ଡା ଶିକ୍ଷା ହେଉଛି ଚରିତ୍ର ନିର୍ମାଣର କେନ୍ଦ୍ର। ଶିକ୍ଷକ ହେଉଛନ୍ତି ପଥ ପ୍ରଦର୍ଶକ। ବିଦ୍ୟା ଠାରୁ ପବିତ୍ର ଜିନିଷ ଦୁନିଆରେ କିଛିନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଦୁଷ୍ମନ୍ତ କୁମାର ମହାନ୍ତି ଶିକ୍ଷା କେବଳ ପୁସ୍ତକୀୟ ଜ୍ଞାନରେ ସୀମିତ ନୁହେଁ, ବରଂ ଛାତ୍ରଛାତ୍ରୀମାନେ ଶିଷ୍ଟାଚାର, ସଂସ୍କାର, ଦେଶଭକ୍ତି ଓ ନୀତିମୂଳକ ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଦେଶଭକ୍ତିମୂଳକ ଗୀତ, ସାମୂହିକ ନୃତ୍ୟ, ଲୋକନୃତ୍ୟ, ନାରୀଶିକ୍ଷା ମୂଳକ ନାଟକ (ରେବତୀ ବଞ୍ଚିଛି) ଓ ସମାଜ ସଚେତନତା ଭିତ୍ତିକ ଉପସ୍ଥାପନା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଶିଶୁ, ବାଲ୍ , କିଶୋର, ତରୁଣ ବର୍ଗରେ ଓ ବିଭିନ୍ନ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ଗୋଧୋଳି ଦୋରା, ଡ. ସ୍ୱାତୀ ଚାଟାର୍ଜୀ, ଅନୁଜା ସରକାର, ବୃନ୍ଦାବନ ଖଣ୍ଡୁଆଳ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଶେଷରେ ଭାରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମନିର୍ଭର ଭାରତ ସ୍ୱଦେଶୀ ଅଭିଯାନ ମେଳା

ନବରଙ୍ଗପୁର,୨୦।୧୨(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ଅଭିଯାନ ମେଳା ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱଦେଶୀ ବନାମ ବିଦେଶୀ ବିଷୟ ଅନ୍ତର୍ଭୁକ୍ତ ବକ୍ତୃତା ପ୍ରତିଯୋଗିତା ଏବଂ ପରବର୍ତ୍ତୀ ସମୟରେ ସ୍ୱଦେଶୀ ସଂକଳ୍ପ ପତ୍ରର ଶପଥ ପାଠ କରାଯାଇଥିଲା। ଗତ ୧୮ ତାରିଖରେ ମହିଳା ନିର୍ଯାତନା ନିରୋଧ ଆଇନ ପୋକ୍ସ ଆକ୍ଟ ଆଇନ୍ ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଶୋରୀ ପଟ୍ଟନାୟକ, ସ୍ମରଣିକ।




ପଟ୍ଟନାୟକ ଶିଶୁ ପରାମର୍ଶ ଦାତ୍ରୀ ଉପସ୍ଥିତ ରହି ମହିଳା ନିରୋଧ ଆଇନ୍ ସମ୍ପର୍କିତ ସଚେତନତା। କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଗତ ୧୯ ତାରିଖରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଆଦିବାସୀ କଳା ସମ୍ପର୍କିତ ଫଟୋ ଚିତ୍ରର ପ୍ରଦର୍ଶନୀ, ପାରମ୍ପରିକ ଝୋଟି ଚିତାର ପ୍ରଦର୍ଶନୀ, ପାରମ୍ପରିକ ଖାଦ୍ୟର ପ୍ରସ୍ତୁତି ଓ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ କିଭଳି ଆଦିବାସୀ ଅଧୁଷିତ କୋରାପୁଟ ଜିଲ୍ଲାର ତୁରୁଞ୍ଜାମାଛ, ଶୁଖୁଆର ଔଷଧୀୟ ଗୁଣ ଓ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଉପାଦେୟ ଖାଦ୍ୟର ପ୍ରସ୍ତୁତ କରି ଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଂରାଜୀ ବିଭଗର ବରିଷ୍ଠ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତାଇରା ବେଗମ୍, ରଞ୍ଜୁସା କୁମାରୀ ପ୍ରହରାଜ, ଡଃ ଏମ୍ ରୋହିଣୀ ରାଣୀ, ସୁନୀତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା ସହଯୋଗ କରିଥିଲେ।

## ଆର୍‌ଏମ୍‌ସି ବଜାରରେ ଧାନ ମଣ୍ଡି ଉଦ୍‌ଘାଟିତ

ଦୁର୍ଗୀ,୨୦।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ଭାଲେରୀଠାରେ ବ୍ଲକସ୍ତରୀୟ ଖରିଫ ଧାନ ମଣ୍ଡି ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଷମକଟକ ଲ୍ୟାମ୍ପସ ସଭାପତି ଶିରି କୁମୁରୁକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏମଡ଼ି ସାନ୍ତୁନ ସାହୁ ଯୋଗଦେଇ ଧାନମଣ୍ଡିର ଉଦଘାଟନ କରିଥିଲେ। ଗୁଣ ଓ ମାନକୁ ନେଇ ସରକାର ସାଧାରଣ କିସମ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୦୦ ଟଙ୍କା ଓ ଗ୍ରେଡ଼ ଏ କିସମ ଧାନ କ୍ୱିଣ୍ଟାଲ ପିଛା ୩୧୨୦ ଟଙ୍କା ରହିଥିବା ଏମ୍‌ଡି ସାନ୍ତୁନ ସାହୁ, ଲ୍ୟାମ୍ପସ ସଭାପତି ଶିରି କୁମୁରୁକା ଚାଷୀଙ୍କୁ ବୁଝାଇଥିଲେ। ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ସ୍ଥାନୀୟ ଭାଲେରୀ ବଜାର କମିଟିକୁ ଆସି ଚାଷୀମାନେ ଧାନ ଆଣି ଦେଇପାରିବେ ବୋଲି କହିଥିଲେ। ଭାଲେରି ଧାନ ମଣ୍ଡିରେ ସପ୍ତାହରେ ଦୁଇ ଥର ଦୁର୍ଗୀ, କୁମ୍ଭାରଧାମୁନି, କଣାବାଇ, ବେଥିଆପଡ଼ା, ଡୁମୁରୁନେଲି, ହଜାରିଡାଙ୍ଗ ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଚାଷୀ, ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା, ଜଗନ୍ନାଥ ପାଢ଼ୀ, ଟୁନା ସଡଙ୍ଗି, ଭବାନୀ ପାତ୍ର, ପୂର୍ଣ୍ଣ କୈବରତ, ବୁଲା ନମୁଲିପୁରୀ, ଶଙ୍କର ଗୌଡ଼, ସୁନିତ ପାଢ଼ୀ, ମୋହନ ରାଓ ଯୋଗ ଦେଇଥିଲେ।

## ହାଟ ମୁନିଗୁଡାରେ ଧାନ ମଣ୍ଡିର ଶୁଭାରମ୍ଭ

ବିଷମକଟକ,୨୦।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ହାଟ ମୁନିଗୁଡା ଗ୍ରାମ ପଞ୍ଚାୟତର ନିୟନ୍ତ୍ରଣ ବଜାର ପରିସରରେ ଚଳିତ ବର୍ଷର ଖରିଫ ଧାନ କ୍ରୟ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ମଣ୍ଡିର ଉଦ୍‌ଘାଟନ ଉତ୍ସବରେ ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଧାନ ମଣ୍ଡିର ଉଦଘାଟନ କରିଛନ୍ତି। ମଣ୍ଡି ଉଦଘାଟନ ପରେ ସ୍ଥାନୀୟ ଚାଷୀଙ୍କ ସହ ତହସିଲଦାର ଶ୍ରୀ ରେଡ୍ଡି ମଣ୍ଡି ସମ୍ବନ୍ଧରେ ଚାଷୀଙ୍କ ସହ ଆଲୋଚନା କରିବା ସହ ମଣ୍ଡିରେ କୌଣସି ତ୍ରୁଟି ଦେଖାଗଲେ ତୁରନ୍ତ ତାଙ୍କ ସହ ଯୋଗାଯୋଗ କରିବା ନିମନ୍ତେ କହିଥିଲେ। ପ୍ରତ୍ୟେକ ସପ୍ତାହର ଶନିବାର ଦିନ ହାଟ ମୁନିଗୁଡା ମଣ୍ଡିରେ ଧାନ କ୍ରୟ କରିବା ନିମନ୍ତେ ଦିନ ଧାର୍ଯ୍ୟହୋଇଛି। ପ୍ରତ୍ୟେକ ଶନିବାର ଦିନ ପଞ୍ଜିକୃତ ଚାଷିମାନଙ୍କ ଠାରୁ ୪୫୦୦କ୍ୱିଣ୍ଟାଲ ଧାନ କିଣିବା ନିମନ୍ତେ ନିଷ୍ପତ୍ତି ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନିକଟରେ ଟୋକେନ ଆସିନଥିବାରୁ ଚାଷୀ ନିଜ ଅମଳ କରିଥିବା ଧାନ ବିକ୍ରି କରି ପାରିନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଚଳିତ ବର୍ଷର ମଣ୍ଡିରେ ଧାନ ବିକ୍ରି ହେବ କି ନାହିଁ ସେ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଆଜିର ଏହି ମଣ୍ଡି ଉଦ୍‌ଘାଟନ ଉତ୍ସବରେ ଲ୍ୟାମ ସଭାପତି ଶିରି କୁମୁରୁକା, ବ୍ଲକ୍ ଯୋଗାଣ ନିରୀକ୍ଷକ ଧିରେନ ସାହୁ, ଲ୍ୟାମ୍ପସ୍ ଶାଖା ପରିଚାଳକ ଶାନ୍ତନୁ କୁମାର ସାହୁ, ହାଟ ମୁନିଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସରପଞ୍ଚ ନାରାୟଣ ହୁଇକା ଏବଂ ନିୟନ୍ତ୍ରଣ ବଜାର କମିଟିର କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ଉପସ୍ଥିତ ରହିଥିଲେ।




## 'ବିଧାୟକ ହିସାବରେ ସରକାର ଦରମା ଦେଲେ କାମ କରିବୁ ନ ଦେଲେ ବି କରିବୁ': ରାମଚନ୍ଦ୍ର କାଡାମ



ପଟ୍ଟାଙ୍ଗି,୨୦।୧୨(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଗସ୍ତ ସମୟରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରତିହାର ଏବଂ ଏମ୍‌ଜିଏନ୍‌ଆରଜିଏ ଯୋଜନାର ନାମ ପରିବର୍ତ୍ତନ ନେଇ ସାମ୍ବାଦିକଙ୍କ ନିକଟରେ ନଜର ମତ ରଖିଛନ୍ତି। ସେ କହିଛନ୍ତି, ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରତିହାର ନେଇ ସରକାରଙ୍କ ସ୍ପଷ୍ଟ ନୀତି ନାହିଁ, ବିଧାନସଭାରେ ବିଧେୟକ ଆଣିଲେ କାହିଁକି ଏବଂ ଗୃହୀତ କଲେ କାହିଁକି। ବର୍ତ୍ତମାନ ଗୃହୀତ ହେଲା ପରେ ରୋଲ ବେକ କରିବାକୁ ଚାହୁଛନ୍ତି। ସରକାର ଦୁଇ ମୁହାଁ ନୀତି ଆପଣାଉ ଅଛନ୍ତି। ମୁଁ ବିଧାୟକ ହିସାବରେ ସରକାର ଦେଲେ କାମ କରିବୁ ନଦେଲେ ମଧ କାମ କରିବୁ ଲୋକଙ୍କ ସମାଜ ସେବାରେ ଆସିଅଛୁ। ତେଣୁ ସରକାର ପ୍ରଥମେ ନୀତି ସ୍ପଷ୍ଟ କରନ୍ତୁ, ବର୍ଦ୍ଧିତ ବହୁତ ଅଛନ୍ତି କି ରୋଲ ବେକ କରିବା ଉପରେ ଅଛନ୍ତି। ରୋଲ ବେକ କଲେ ମଧ ଆମର କୌଣସି ଆପତ୍ତି ନାହିଁ ବୋଲି ସେ କହିଛନ୍ତି। ଏମ୍‌ଜିଏନ୍‌ଆରଜିଏ ଯୋଜନାର ନାମ ପରିବର୍ତ୍ତନ ନେଇ ସେ କହିଛନ୍ତି, ପଲ୍ଲୀରେ ଥିବା ଲୋକଙ୍କ ବିକାଶ ନହେଲେ ଦେଶର ବିକାଶ ହେବ ନାହିଁ କି ରାମ ରାଜ୍ୟ ମଧ ହେବ ନାହିଁ। ମହାତ୍ମା ଗାନ୍ଧୀଙ୍କ ନାମରେ ହୋଇଥିବା ଯୋଜନାକୁ ଆଜି ବିଜେପି ଏବଂ ଆର୍‌ଏସ୍‌ଏସ୍ ଦେଶର ସ୍ୱରାଜ୍ୟ ସମୟରେ ଏମାନେ ନଥିଲେ ଦେଶ ସ୍ୱାଧୀନତାର ସେମାନଙ୍କ କୌଣସି ଯୋଗଦାନ ମଧ ନାହିଁ। ଏମାନେ ସବୁ ଇଂରେଜମାନଙ୍କ ସପକ୍ଷରେ ରହିଥିଲେ। ଦେଶର ପ୍ରଧାନମନ୍ତ୍ରୀ ଶହେ ଥର ମିଥ୍ୟା କହୁଛନ୍ତି, ଏଭଳି ମିଥ୍ୟା କହୁଥିବା ପ୍ରଧାନମନ୍ତ୍ରୀଙ୍କୁ ଅତୀତ ଦିନରେ ଆମେ କେବେ ଦେଖିନଥିଲୁ। ଯେତିକି କଂଗ୍ରେସ କରିଥିବା ଯୋଜନା ଗୁଡିକର ନାମ ପରିବର୍ତ୍ତନ କରୁଛନ୍ତି, କିନ୍ତୁ ତାଙ୍କର ନିଜ ସ୍କିମ୍ କରିଅଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଟଙ୍କା ଡୋଲାରର ଦର ଅପେକ୍ଷା କମିବାରେ ଲାଗିଛି। ଆଗାମୀ ଦିନରେ ସାରା ଭାରତର କଂଗ୍ରେସ ସଭାପତି ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ନିଷ୍ପତ୍ତି କ୍ରମେ ୨୨ ରିଖରୁ ଆନ୍ଦୋଳନ ଆରମ୍ଭ କରାଯିବ। ଯେତେ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀଙ୍କ ସମ୍ମାନ ରହିବା ନାହିଁ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ଶିଶୁ ମନ୍ଦିରରେ ଜେଜେମା, ଜେଜେବାପା କ୍ରୀଡ଼ା ପ୍ରତିଯୋଗିତା

**ଗୁଡାରୀ,୨୦।୧୨(ସମିସ):** ଗୁଡ଼ାରୀ ଶିଶୁ ମନ୍ଦିରଠାରେ ଶନିବାର ଛାତ୍ରଛାତ୍ରୀମାନଙ୍କ ଜେଜେମା ଓ ଜେଜେ ବାପାଙ୍କୁ ନେଇ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବିକାଶ ପ୍ରକଳ୍ପ ପରିଦର୍ଶକ ଅରୁନ୍ଧତି ଗରଡିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜେଜେବାପା ୧୫ ଜଣ ଓ ଜେଜେ ମା' ୨୫ ଜଣ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ ଦେଓ, ସଭାପତି କୃଷ୍ଣ ସାହୁ, ଉପସଭାପତି ଗୋପିନାଥ ଗୌଡ, ଯୁଗ୍ମ ସମ୍ପାଦକ ନିଳାମ୍ବର ଶବର ଉପସ୍ଥିତ ଥିବାବେଳେ ସଭ୍ୟା ନିୟତି ଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିଲିପ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଉପସ୍ଥିତ ଥିବା ଜେଜେ ମା', ଜେଜେ ବାପାଙ୍କ ପାଇଁ ଗୋଲ ଗୋଲ ବଲ, ଡଲଫିନ୍ ଲକ୍ଷ ଭେଦ, ଶବ୍ଦ କହିବା ଆଦି କ୍ରିଡ଼ା ଅନୁଷ୍ଠିତ ହୋଇଥିଲା। ଶେଷରେ ଗୁରୁଜୀ ଗୁରୁମାଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ କରାଯାଇଥିଲା।

**EASTERN INVESTMENTS LIMITED**

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehen-shive income for the period [comprising profit / (loss) for the period(after tax) and other comprehen-shive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
(A.K.Bagchi)
Managing Director-EIL

# ଧାନମଣ୍ଡି ଆରମ୍ଭରେ ବିଳମ୍ବକୁ ନେଇ ଚାଷୀ ଅସନ୍ତୋଷ

**କୋରୁକୋଣ୍ଡା,୨୦।୧୨(ସମିସ):** ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଆରମ୍ଭ ହୋଇ ନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବିଶେଷ କରି ଧାନମଣ୍ଡି ନିମନ୍ତେ ଗତ ଡିସେମ୍ବର ୧୭ ତାରିଖ ଦିନ ଜିଲ୍ଲା ପ୍ରଶାସନ ତରଫରୁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବିଗତ ଦିନରେ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ୍‌ରେ ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳକୁ ନେଇ ସମସ୍ୟା ଉପୁଜିବା ଯୋଗୁଁ ଧାନମଣ୍ଡିର ସମୟ ସୀମା ବାତିଲ କରାଯାଇଥିଲା। ବର୍ତ୍ତମାନ ପୁନର୍ବାର କେବେ ତାରିଖ ଧାର୍ଯ୍ୟ ହେବ ସେ ସମ୍ବନ୍ଧରେ କୌଣସି ସୁଚନା ଦିଆଯାଇନାହିଁ। ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦରବ୍ଲକରେ ବହୁ ଚାଷୀ ଥିବା ବେଳେ ଏହି ଚାଷୀମାନଙ୍କ ଧାନ ଅମଳ ହୋଇ ବର୍ତ୍ତମାନ ଖଳାରେ ଧାନ ପ୍ରସ୍ତୁତ କରି ରଖିଛନ୍ତି। ତେବେ ପ୍ରତିବର୍ଷ ନଭେମ୍ବର ମାସରେ ଧାନମଣ୍ଡି ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷ କିନ୍ତୁ ଧାନମଣ୍ଡି ଆରମ୍ଭ ହେବାରେ ଅହେତୁକ ବିଳମ୍ବ ହେଉଛି। ଯାହାଫଳରେ କ୍ଷତି ସହିବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଆରମ୍ଭ ହୋଇ ନଥିବାରୁ ରବି ଋତୁ ପାଇଁ ପ୍ରସ୍ତୁତ ହୋଇପାରୁ ନଥିବା ଚାଷୀ କହିଛନ୍ତି। ଫଳରେ ଆମର ଚଳିତ ବର୍ଷ ରବି ଋତୁ ଚାଷ ହେବା ପ୍ରାୟତଃ ଅସମ୍ଭବ ଲାଗୁଛି ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ଧାନ ଚାଷ ନିମନ୍ତେ ବିଭିନ୍ନ ସ୍ଥାନରେ ଋଣ କରିଥିବାରୁ ଉକ୍ତ ଋଣ ପରିଷୋଧ କରିବାରେ ମଧ ଅସୁବିଧା ହେଉଛି ବୋଲି ଚାଷୀ କହିଛନ୍ତି। କେତୋଟି ସ୍ଥାନରେ ଚାଷୀମାନେ ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରିଥିବା ମଧ ପରିଲକ୍ଷିତ ହେଉଛି। ଯଦି ଏହି ସମସ୍ୟା ଆଗାମୀ ଦିନରେ ଜାରିରହେ ତେବେ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ଦେଇଥିବା ଟାର୍ଗେଟ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପକ୍ଷରେ କୋରୁକୋଣ୍ଡାର ବରିଷ୍ଠ ଚାଷୀ ବନମାଳି ପାତ୍ର କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା କୋରୁକୋଣ୍ଡାବ୍ଲକର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀମାନଙ୍କ ଅନଲାଇ ଟୋକନ ଆସିଛି ଏବଂ ଉକ୍ତ ଟୋକନରେ ଆସନ୍ତା ୨୬ ତାରିଖ ଶୁକ୍ରବାର ଦିନ ଧାନ ବିକ୍ରି ତାରିଖ ଧାର୍ଯ୍ୟ ରହିଛି। ତେବେ ଏହି ତାରିଖ ଦିନ ଧାନ ମଣ୍ଡି ହେଉଛି କି ନାହିଁ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ବନ୍ଧରେ ଲ୍ୟାମ୍ପସ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ୨୬ ତାରିଖ ଦିନ କୋରୁକୋଣ୍ଡାଠାରେ ଧାନମଣ୍ଡି ଆରମ୍ଭ ହେବ ଏବଂ କୋରୁକୋଣ୍ଡା ଲ୍ୟାମ୍ପ ଅଧୀନରେ ମୋଟ ୧୨ଟି ସ୍ଥାନରେ ଧାନମଣ୍ଡି ହେବ ବୋଲି ସୂଚନା ଦେଇଛନ୍ତି।

ସୃଜନିକା
ସକାଳ
THE SAKALA
www.sakalaepaper.com

# ଠିକଣା





**ସୁଚରିତା ବେହେରା**

ତା' ସହିତ ଏମିତି ଭେଟ ହେବ ବୋଲି ମୁଁ ଭାବିନଥିଲି । ହୁଏତ ଭ୍ରମ ହୋଇଥାଇପାରେ ଭାବି ବାରମ୍ବାର ତା' ନାଁ ଓ ଠିକଣାକୁ ମେଳ କରୁଥିଲି, କିନ୍ତୁ ମୋ ସବୁ ଆଶଙ୍କାକୁ ମିଛ ପ୍ରମାଣିତ କରି ସେ ସତ ହୋଇ ମୋ' ସାମ୍ନାରେ ଠିଆ ହୋଇଥିଲା । ମୁଁ ତାକୁ ଅଣଦେଖା କରି କିଚେନ୍‌କୁ ଯାଇ କଫି ଆଣିଲି । ଦୁଇ ଜଣ ସାଙ୍ଗ ସହିତ ଫୋନ୍‌ରେ କଥା ହେଲି । ରାତିରେ କେଉଁ ରେଷ୍ଟୁରାଣ୍ଟରୁ ଡିନର୍ ଅର୍ଡର୍ କରିବି ଭାବି ନେଲି । ଅଫିସ୍‌ର କିଛି ବଳକା କାମ ବି କଲି । ତଥାପି ସେ ମୋ' ସହିତ ଥିଲା । ମୁଁ ତାକୁ ଚାଲିଯିବାକୁ କହିବା ସତ୍ତ୍ୱେ ବି ସେ ସେମିତି ଠିଆହୋଇ ରହିଲା । ମୁଁ ପଚାରିଲି "ତୁ କ'ଣ ଚାହୁଁଛୁ ?" ସେ ନିରବ ରହିଲା ।

ମୁଁ ପୁଣି ଥରେ ସେ ସମାନ ପ୍ରଶ୍ନକୁ ଦୋହରାଇଲି । ତଥାପି ସେ ନିରବ ରହିଲା । ମୁଁ ତାକୁ କିଛି ନକହି ବାଲକୋନୀରେ ଆସି ବସିଲି । ଜହ୍ନରାତିର ଜୋସ୍ନା, ତାରାଭର୍ତ୍ତି ଆକାଶ, ମଧୁକାମିନୀ ଫୁଲର ବାସ୍ନା ମତେ ଅମୋଦିତ କରିବା ପରିବର୍ତ୍ତେ ଅଣନିଶ୍ୱାସୀ କରୁଥିଲା । ମୁଁ ଜୋର୍‌ରେ ଚିତ୍କାର କରି କହିଲି "ତୁ କେତେବେଳେ ଏଠୁ ଯିବୁ କହିଲୁ ।" ସେ କହିଲା "ତୁ ମତେ ମୋ ଠିକଣା ଦେଇଦେ, ମୁଁ ଚାଲିଯିବି ।" ଏଥର ମୁଁ ନିରୁତ୍ତର ରହିଲି । ସେ ବି ସେମିତି ଚୁପ୍‌ଚାପ୍ ରହିଲା । କଲିଂବେଲ୍ ଶୁଣି ଡୋର୍ ଖୋଲିଲି । ସେ ସେମିତି ମତେ ବଲ ବଲ କରି ଚାହିଁଥିଲା ।

ଡେଲିଭରି ବୟ ଖାଇବା ଦେଇ କେତେବେଳୁ ଗଲାଣି । ମୁଁ ଥରେ ତାକୁ ଆଉ ଥରେ ଡାଇନିଂ ଟେବୁଲ ଉପରେ ଥୁଆ ହୋଇଥିବା ଖାଦ୍ୟକୁ ଦେଖୁଥିଲି । କାହିଁକି କେଜାଣି ହଠାତ୍ ମୋ' ଭୋକ ମରିଗଲା । ମୁଁ କିଛି କରିବାକୁ ଚାହୁଁଥିଲି, କିନ୍ତୁ ଏତେ ରାତିରେ କରିବା ପାଇଁ ମୋ ପାଖରେ କିଛି କାମ ନଥିଲା । ମୁଁ ପୁଣି ଥରେ ତାକୁ ଚାଲି ଯିବାକୁ କହିଲି । କିନ୍ତୁ ସେ ସେମିତି ବସି ରହିଥିଲା ମତେ ଏକ ଲୟରେ ଚାହିଁ ।

ମୁଁ ମନେ ପକେଇବାକୁ ଚେଷ୍ଟା କଲି, ସମୁଦ୍ର କୂଳରେ ବାଲିଘର କରୁକରୁ ହଠାତ୍ ଅନ୍ୟମନସ୍କ ହୋଇ ସେ ଥରେ ମତେ ପଚାରିଥିଲା "ଏଇ ରାସ୍ତାର ଠିକଣା କ'ଣ ?"

ମୁଁ ସାମାନ୍ୟ ହସି କହିଥିଲି, "କହିବି ଖୁବ୍ ଶୀଘ୍ର ।"

ଉଦାସ ଆଖିରେ ସେ ସେଦିନ କହିଥିଲା, "ଦେଖିବୁ, ଯେମିତି ଡେରି ନହୋଇଯାଏ ।" ପରେ ଆମର ଦେଖା ହୋଇନି । ଜାଣିଶୁଣି ନୁହେଁ, ଅଜାଣତରେ । ସେ ବୋଧେ ଆମର ଶେଷ ଦେଖା ଥିଲା । ମୁଁ ଆଉ ପଛକୁ ବୁଲି ଦେଖିନି । ସେ ବି ମତେ ବାଧ କରିନି ଅଟକି ଯିବାକୁ । ତା'ଠୁ ଦୂରେଇ ଯିବା ମୋର ଉଦ୍ଦେଶ୍ୟ ନଥିଲା । କିନ୍ତୁ ନିଜକୁ ପ୍ରମାଣିତ କରିବାର ଦୌଡ଼ରେ କେଉଁଠି ମୁଁ ତା' ହାତ ଛାଡ଼ି ଦେଲି ମନେନାହିଁ । ଏ ଭିତରେ ଦିନ, କେବେ ମାସ ବର୍ଷରେ ପରିଣତ ହେଲା ତା' ବି ମନେ ନାହିଁ। ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି କେମିତି ସେ ମୋ ଦୁନିଆଁରୁ ଅଚାନକ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ' ରାସ୍ତାରେ ଆଗେଇ ଗଲି, ବହୁତ ଦୂରକୁ । ସେ ବୋଧେ ରହିଗଲା ସେଇଠି, ମତେ ଅପେକ୍ଷା କରି । ଏକ ଅନ୍ତହୀନ ରାସ୍ତାରେ ଚାଲୁ ଚାଲୁ ହଠାତ୍ କେବେ ସ୍ମିତା ମୋ ଜୀବନର ଠିକଣା ପାଲଟି ଗଲା ଆଉ ସେ ଅତୀତ ଭିତରେ ହଜିଗଲା ଭାବିଲେ ଏବେ ସ୍ୱପ୍ନ ପରି ଲାଗୁଛି ।

ହଠାତ୍ କଲିଂ ବେଲ୍ ଶବ୍ଦରେ ନିଦ ଭାଙ୍ଗିଲା ମୋର । କବାଟ ଖୋଲି ଦେଖିଲି ସାମ୍ନାରେ ପ୍ରତ୍ୟୁଷ, ମୋ ସହକର୍ମୀ, ବନ୍ଧୁ । "ଫୋନ୍ କାହିଁକି ରିସିଭ୍ କରୁନୁ, ସବୁ ଠିକ୍ ତ ?" ପ୍ରତ୍ୟୁଷକୁ କୌଣସି ଜବାବ ନଦେଇ ମୁଁ ତାକୁ ଖୋଜୁଥିଲି । କେହି ନଥିଲେ । ସକାଳର ସୂର୍ଯ୍ୟକିରଣ ପରଦା ଦେଇ ମୋ ଡ୍ରଇଂ ରୁମ୍‌ରେ ପଡୁଥିଲା । "ଜାଣିଛୁ, ସମୁଦ୍ର ବେଳାଭୂମିରେ ବାଲି ତଳୁ ଜଣେ ଝିଅର କଙ୍କାଳ ମିଳିଛି । ସନ୍ଧ୍ୟାରେ ଆମେ ଯେଉଁ ଜାଗାରେ ବସୁ... ।" ପ୍ରତ୍ୟୁଷର କଥାଗୁଡ଼ିକ ମୋ କାନରେ ବାଜି, ଧୀରେ ଧୀରେ ମିଳେଇ ଯାଉଥିଲା । ବର୍ତ୍ତମାନ ମୋ ନଜର ଥିଲା କେବଳ ସେଣ୍ଟର ଟେବୁଲରେ ଥୁଆ ହୋଇଥିବା ଗତକାଲିର ପେପର ଉପରେ । ■

ଜସ୍ମିନ ଗ୍ରୋଭ୍, ଗାଜିଆବାଦ
ଉତ୍ତର ପ୍ରଦେଶ

# କାକୁସ୍ଥ



**ଦେବାଶିଷ ଚକ୍ରବର୍ତ୍ତୀ**

ଥରେ କହିଲ ଦେଖି
କାହାକୁ ଭଲ ଲାଗେନି
ବସିବାକୁ ଛାଇରେ?
ହେଲେ ଭଲ ଲାଗେ କି
ଛାଇ ଲମ୍ବି ଆସିଲେ
ବୟସର ଅପରାହ୍ଣରେ?

ଯେତେ ଚାହିଁଲେ ବି
ସେ କ'ଣ ହୋଇ ପାରିବ
ଫୁଲଫୁଟା ସକାଳ ଭଳି
ବରଂ ତାକୁ ଅହରହ
ଆଖିଠାର ମାରୁ ନଥାଏ କି
ବିଷର୍ଣ୍ଣ ଗୋଧୂଳି ?

ଆପଣା ହାତରେ ରୋପିଥିବା
ଗଛ, ବୃଛ
ନିଜେ ଗଢ଼ିଥିବା ଘରଦ୍ୱାର
ଏପରି କି ନିଜ ରକ୍ତର ସ୍ୱାକ୍ଷର
ସତରେ କେହି ହୋଇ ପାରନ୍ତି କି
ଷୋଳଅଣା ଆପଣାର?

ସଂଶୟର କଳାମେଘ
ମନ ଆକାଶକୁ ଆବୋରିଲେ
ଆପଣାକୁ ମନେ ହୁଏନି କି ଅଲୋଡ଼ା ?
ଉଡ଼ାଣଖୋର୍ ଇଚ୍ଛାମାନେ
ଆଉ ଦେଇପାରନ୍ତି କି ଖଣ୍ଡିଉଡ଼ା?
ଆଖି, ନାକ, କାନ ଭଳି ଇନ୍ଦ୍ରିୟମାନେ ବି
ବିନା ନୋଟିସ୍‌ରେ
କରନ୍ତିନି କି ହରତାଳ ?
ମନ ସିଲଟରେ ଲେଖା ଅକ୍ଷରକୁ
ନିମିଷକରେ ପୋଛି ଦିଏନି କି
ବିସ୍ମୃତିର ଡଷ୍ଟର ?

ସକାଳରେ ଠିଆ ହୋଇଥିବା
ମଣିଷଟି ସିନା ଦେଖି ପାରେନି
ବୟସର ଅପରାହ୍ଣକୁ
ହେଲେ, ଅପରାହ୍ଣରେ
ଠିଆ ହୋଇଥିବା ମଣିଷଟି
ଅହରହ ଲୋଡୁ ନଥାଏ କି
ସକାଳକୁ ?
ବେଳେବେଳେ ଭାବନାଟିଏ
ଉଙ୍କି ମାରେନି କି
ପ୍ରାଚୁର୍ଯ୍ୟର ଡାହାଣୀ ଆଲୁଅ
ପଛରେ ଧାଇଁ ଅର୍ଜିଥିବା
ବ୍ୟାଙ୍କ ବାଲାନ୍ସ, ଗାଡ଼ି, ଘର, ଜମି
ତୁଳନାରେ ଢେର୍ ମୂଲ୍ୟବାନ ନୁହେଁ କି
କଙ୍କି ପ୍ରଜାପତି ପଛରେ ଧାଉଁଥିବା
ଶୈଶବର ମଧୁର ଦୁଷ୍ଟାମୀ ? ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ : ୯୪୩୭୭୫୨୩୯୫

# ପ୍ରେମିକା



**ଅଖିଳ କୁମାର ମିଶ୍ର**

ଅସଙ୍ଗତି ବନ୍ଧନର କ୍ଷଣ କ୍ଷଣର ଦହନରେ -
ପ୍ରେମ ଏକ ସଇତାନ ଅନ୍ଧାରୀ ପୋଖରୀ ହୁଡ଼ାରେ/
ବିଲିବିଲାଏ ନହକା ଚିତ୍ର ପ୍ରତିମା ବୁଢ଼ ପ୍ରହରରେ,
ଯୁକ୍ତିତର୍କ ଲହଡ଼ିର ମନରେ ମାଗେ,
ଚାଲିଯିବ ଚାଲିଯିବ କହୁଥାଏ ବାର ବାର,
ପ୍ରେମ ତା'ର ଜିଦ୍ ପିଲାଦିନର,
ସେଇଠି ଥିବ, ସେଇଠି ରହିବ ନାହିଁ,
ସଦାବେଳେ ଡରଉଥିବ ପ୍ରାପ୍ତ ଅଭିଯୋଗେ,
ସେ ସେଇ ପ୍ରେମିକା, ଜୀବନ ପରିକା ।



ତା' ଦେହରେ ଦାଗ ଟିକେ ଲାଗେ ନାହିଁ,
ସବୁ ଦାଗ ଉପହାର ଦେଇ ସାରିଛି,
ଭୁଲ୍ ସବୁ ଘୋଡ଼ାଇବାକୁ
ବନ୍ଧୁ ବାନ୍ଧିଚି କଥାର ମାନ ସରି,
ଯାଇପାରେ ସେ ବଜାର ରାସ୍ତାରେ,
ଦଉଡ଼ାଇ ପାରେ ମତେ ପ୍ରତିଟି ମୋଡ଼ରେ ।

ଚମତ୍କାର ଅଭିନୟ ତା'ର ପ୍ରତିଦିନରେ,
ଅଭିମାନ ତା'ର ରୂପାନ୍ତର ଲାଲ୍ ପଣତରେ,
ଅପରାଧ ଯେତକ ତା'ର
ମୋର ବଞ୍ଚିବାର ରାହା ।

ସେ କାହାକୁ ପ୍ରେମ ବାଣ୍ଟେ ଜଣାନାହିଁ,
ସେ କାହାକୁ ମନ ଦିଏ ସେ ହିଁ ଜାଣେ -

ସେ କିନ୍ତୁ ସଶରୀରେ,
ହାତର ଏ ଦୁନିଆରେ,
ମୋ ପ୍ରାଣ ପ୍ରେମିକା ଚେହେରାରେ । ■

ଅତିରିକ୍ତ ମହାନିର୍ଦ୍ଦେଶକ
ପିଆଇବି, ଭାରତ ସରକାର
ଭୁବନେଶ୍ୱର

## ପୁସ୍ତକ ଓ ପତ୍ରିକା ପରିଚୟ

### ମନ ବଗିଚାର ହସଫୁଲଟି

**ହଂସନାଥ ମୁଦୁଲି**





ପେଜମେକର ପବ୍ଲିକେଶନ
୧୧୭ ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୭୦ ଟଙ୍କା

"ଫୁଲଟିଏ ମୁଁ ଫୁଲଟିଏ/ ପାଖୁଡ଼ାରେ ମୋର ରଙ୍ଗର ଚମକ/ ଅନ୍ତର ମହକେ ଭରିଥାଏ/ ଫୁଲଟିଏ ମୁଁ ଫୁଲଟିଏ ।" (ଫୁଲଟିଏ ମୁଁ ଫୁଲଟିଏ) ଏମିତି ଫୁଲ, ଜହ୍ନ, ତାରା, ଆକାଶ, ପ୍ରକୃତି ଆଦିକୁ ନେଇ ପ୍ରକାଶ ପାଇଛି ହଂସନାଥ ମୁଦୁଲିଙ୍କ ଶିଶୁ / କିଶୋର ଗୀତି କବିତା ପୁସ୍ତକ 'ମନ ବଗିଚାର ହସଫୁଲଟି' । ଏହି ପୁସ୍ତକର କବିତାଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଆମୋଦଦାୟକ ସହିତ ଶିକ୍ଷଣୀୟ ମଧ ହୋଇଛି । ଜୀବନକୁ ମନ ଭରି ଉପଭୋଗ କରିବା, ପ୍ରକୃତିକୋଳରେ ହଜିଯିବା, ଶିଶୁ ମୁହଁରେ ହସ ଫୁଟାଇବା ଆଦି ଅନେକ ସାମାଜିକ ଓ ଜୀବନଧର୍ମୀ ବାର୍ତ୍ତା ରହିଛି ଏହି କବିତାଗୁଡ଼ିକରେ । ଏହି ପୁସ୍ତକରେ 'ମନ ବଗିଚାର ହସଫୁଲଟି', 'ଫୁଲଟିଏ ମୁଁ ଫୁଲଟିଏ', 'ଦେଖ ଫୁଲଟେ ଫୁଟିଛି ମୁହିଁ', 'ଜୀବନର ମୂଳ ଥାଏ', 'ଫୁଲଟେ ଫୁଟିଲେ', 'ଆକାଶରୁ ଜହ୍ନ ମୋତେ', 'ଜହ୍ନମାମୁଁ ମୁହିଁ', 'ମୁଁ ଦିନ ଆକାଶର ତାରା', 'ଉଠ ଯିବ ପାଠ ପଢ଼ି', 'ବରଷା ମୁଁ ଯାଏ ଝରି', 'ମୁଁ ଯେ କାଗଜ ଡଙ୍ଗା', 'ପ୍ରକୃତିମାତାର ହାତର ସୃଜନ', 'ଜୀବନ ଗୋଟିଏ ଫୁଲ', 'ଜୀବନ ଗୋଟିଏ ଗୀତ' ଆଦି ଗୀତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ, ଭାଷା ବେଶ୍ ବୋଧଗମ୍ୟ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବାପା ଓ ସୋଫା

**ପ୍ରଦ୍ୟୁମ୍ନ ପଟ୍ଟନାୟକ**




କାବ୍ୟଲୋକ
୨୯୭୪, ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୬୦ ଟଙ୍କା

ଜୀବନର ଅନେକ ଘଟଣା ଅନୁଭୂତି, ଅନୁଭବ ମନ ଭିତରେ ଗଭୀର ଛାପ ପକାଏ । ସେଇସବୁ ଘଟଣା ସ୍ମୃତି ହୋଇରହିଯାଏ ହୃଦୟରେ । ଘଟଣା ବହୁଳ ଜୀବନର ସେଭଳି କିଛି ସ୍ମୃତି ଓ ଅନୁଭୂତି କାହାଣୀର ରୂପ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ବାପା ଓ ସୋଫା' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ମୋଟ ୨୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପର ଭାବ, ଆବେଦନ ଓ କାହାଣୀ ସ୍ୱତନ୍ତ୍ର । 'ବାପା ଓ ସୋଫା', 'ନିରିମାଖି', 'ଅଦୃଶ୍ୟ ଲାଠି', 'ନିରଞ୍ଜନ', 'ରାସ୍ତା', 'ଅମୂଲ୍ୟ ମୋତି', 'ସ୍ୱପ୍ନ', 'ଶେଷ ଦର୍ଶନ', 'ଶେଷଲଗ୍ନ', 'ପ୍ରତୀକ୍ଷମାଣା', 'ମାତୃ ଦିବସ', 'ସାଇତା ସ୍ମୃତି', 'ଧୂମ କୁଣ୍ଡଳୀ', 'ମିଛଗପ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ ଗପରେ ମାନବୀୟ ସଂପର୍କ, ସାମାଜିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ,ସଂଘାତ, ଜୀବନର ନାନା ଘଟଣା ସାବଲୀଳ ଓ ସରଳ ଭାଷାରେ ପ୍ରକାଶ ପାଇଛି । ସମାଜରେ ନିତି ଘଟୁଥିବା ଅତି ସାଧାରଣ ଘଟଣାକୁ ଗାଳ୍ପିକ ନିଜ କଳାଚାତୁରୀ ମାଧ୍ୟମରେ ରମଣୀୟ ଭାବେ ବର୍ଣ୍ଣନା କରିଛନ୍ତି । 'ବାପା ଓ ସୋଫା' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ସତ୍ୟମେବ ଜୟତେ

**ସଂପାଦକ: ମାନସ ରଞ୍ଜନ ଦାଶ**




ସତ୍ୟମେବ ଜୟତେ ପରିବାର
ସପନପୁର, ସାଲେପୁର
କଟକ
ମୂଲ୍ୟ: ୮୦ ଟଙ୍କା

ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଛି 'ସତ୍ୟମେବ ଜୟତେ' ପତ୍ରିକା । ଏହି ପତ୍ରିକାରେ ଡକ୍ଟର ଗୌତମ ମହାରଣାଙ୍କ 'ସନାତନ ଧର୍ମର ସ୍ୱରୂପ', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକ୍ରାନ୍ତି, ଏକ କ୍ରିୟା', ସୁଧୀର ଷଡ଼ଙ୍ଗୀଙ୍କ 'ଶକ୍ତି ପୀଠ: ମାଆ ଉପାଡ଼ି ସ୍ଥଳ', ଜୟଦେବ ଲେଙ୍କାଙ୍କ 'ସ୍ୱରର ରାଣୀ ଆକାଶବାଣୀ', ଆରିଫ୍ କଟକୀଙ୍କ 'ସ୍ୱାଭିମାନୀ ସମାଜ ଗଠନରେ ସୁନାଗରିକର ଭୂମିକା' ଆଦି ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଭାବଗର୍ଭକ ହୋଇଛି । ସେହିପରି ଡକ୍ଟର କୃତ୍ତିବାସ ନାୟକଙ୍କ 'ସାନଭାଇ', ଗଗନ ଚନ୍ଦ୍ର ଦାଶଙ୍କ 'ସେଇ ଝିଅଟି', ପ୍ରଜ୍ଞାଲୀନ ସାହୁଙ୍କ 'ସମ୍ମାନ', କୁଞ୍ଜ ବିହାରୀ ସାହୁଙ୍କ 'ସୁନୟନାର ହସ' ଆଦି ଗପ ମନଛୁଆଁ ହୋଇଛି । ସେଭଳି କବିତା ବିଭାଗରେ 'ଶେଷଶିଖାର ଜ୍ୱଳନ ପୂର୍ବରୁ', ସୁନନ୍ଦା ମହାନ୍ତିଙ୍କ 'ଶବ୍ଦ ଶର', ଭକ୍ତ ଚରଣ ସାହୁଙ୍କ 'ସ୍ମୃତି ତୁମେ କେବେ...', ରାହୁଲ ତାଣ୍ଡିଙ୍କ 'ଶପଥ', ଗୀତା ଷଡ଼ଙ୍ଗୀଙ୍କ 'ସେଇ ଲୋକଟି', ସୁଧୀର କୁମାର ଦାସଙ୍କ 'ସ୍ମୃତିରେ ଗାଁ ଘର', ଅଧ୍ୟାପିକା ମନ୍ଦାକିନୀ ପାଢ଼ୀଙ୍କ 'ସ୍ୱପ୍ନ ତୁମେ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପତ୍ରିକାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ସାମାଜିକ ପରିବର୍ତ୍ତନର ସ୍ୱର



**ବୈଷ୍ଣବ ମେହେର**

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି । ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ନୁହେଁ, ବରଂ କବିତା ବ୍ୟତୀତ ଗଳ୍ପ, ଉପନ୍ୟାସ, ସ୍ତମ୍ଭରଚନା, ସମାଲୋଚନା, ନାଟକ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଭଳି ପ୍ରକାଣ୍ଡ ସାହିତ୍ୟ ବୃକ୍ଷର ପ୍ରାୟ ଶାଖାରେ ନିଜ ଛାପକୁ ଯଶସ୍ୱୀ କରାଇ ପାରିଛନ୍ତି । କିନ୍ତୁ ମର୍ମସ୍ପର୍ଶୀ ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରିଥିବା ସୁରେନ୍ଦ୍ରଙ୍କ ଅନାବିଳ ଦୁର୍ବଳତା ଯେ ଗଳ୍ପ ସାହିତ୍ୟରେ ରହିଥିଲା, ଏହା ତାଙ୍କ ଗଳ୍ପ ଭିତରକୁ ପ୍ରବେଶ ପରେ ସ୍ୱତଃ ଅନୁମାନ କରିହୁଏ । ବୋଧେ ସେଥିପାଇଁ ହିଁ ଥରେ ଏକ ସାକ୍ଷାତକାରରେ ସେ କହିଥିଲେ - "ଗଳ୍ପ-ଗଳ୍ପ-ଗଳ୍ପ ହେଉଛି ମୋର First Love ।"

ଜଣେ ସଫଳ ରାଜନୈତିଜ୍ଞ, ସାମ୍ବାଦିକ ଭାବରେ ଓଡ଼ିଶାର ପୁରପଲ୍ଲୀ ବୁଲି ବିଭିନ୍ନ ବର୍ଗର ଲୋକଙ୍କ ସଂସ୍ପର୍ଶରେ ସେ ଆସିବା ସୁଯୋଗ ଲାଭ କରିଥିଲେ । ତେଣୁ ସାଧାରଣ ଲୋକଙ୍କ ଜୀବନକୁ ଅତି ନିକଟରୁ ଅନୁଭବ କରିବାର ଅପୂର୍ବ ସୁଯୋଗ ସୁରେନ୍ଦ୍ରଙ୍କ ପ୍ରାୟ ଗଳ୍ପରେ ଗ୍ରାମୀଣ ଜୀବନର ନିଛକତା ଖୁବ୍ ଜୀବନ୍ତ ଭାବରେ ପ୍ରତିଫଳିତ ହୋଇଛି । ପାରମ୍ପରିକ ସ୍ଥିତାବସ୍ଥାକୁ ମୃତାବସ୍ଥା ପ୍ରାୟେ ମଣି ଯେଉଁ ପରିବର୍ତ୍ତନରେ ସାମୂହିକ କଲ୍ୟାଣ ସାଧିତ ହେବାକୁ ସେ ଅନୁଭବ କରୁଥିଲେ, ସକଳ ସମସ୍ୟା ସତ୍ତ୍ୱେ ତାକୁ ଗ୍ରହଣ କରିବାରେ ସେ ତିଳେମାତ୍ର ପଶ୍ଚାତଧାବନ ହୋଇ ନାହାନ୍ତି । ସୁରେନ୍ଦ୍ରଙ୍କୁ ଯେତେବେଳେ ମାତ୍ର ଷୋହଳ ବର୍ଷ ବୟସ, ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ବନ୍ଦୀ' ପ୍ରକାଶ ପାଏ ୧୯୩୮ ମସିହାରେ ତତ୍କାଳୀନ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ । ଜଣେ ତରୁଣ ଗାଳ୍ପିକର ହୃଦୟର ଭାବାବେଗ ସ୍ୱରୂପ ଅସହ୍ୟ ଅତ୍ୟାଚାରକୁ ସହ୍ୟ କରି ନପାରି ଖଟିଖିଆ ଦରିଦ୍ର ମଣିଷଟି କିପରି ଅତ୍ୟାଚାରୀ ମହାଜନ ଉପରେ ପ୍ରତିଶୋଧ ପରାୟଣ ହୋଇଯାଏ, ତାହା ଏହି ଗଳ୍ପରେ ଗାଳ୍ପିକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ର ମହାନ୍ତି ଜଣେ ଜୀବନବାଦୀ ଲେଖକ । ତା'ର ପରିଚୟ ତାଙ୍କ ଅନେକ ଗଳ୍ପରେ ମିଳିପାରେ । କର୍ମମୟ ଜୀବନର ଘାତପ୍ରତିଘାତ ଯୁଗେଯୁଗେ ମଣିଷକୁ ବୀତସ୍ପୃହ କରି ପକାଏ । ସୁରେନ୍ଦ୍ରଙ୍କ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ସକଳ ବେଦନା ଭିତରେ ଅନୁସନ୍ଧିତ୍ସୁ ମଣିଷ ଜୀବନରେ ପ୍ରକୃତ ଅମୃତର ସନ୍ଧାନ ପାଇପାରେ । ସେଥିପାଇଁ ସେ ଏକ ସାର୍ଥକ ଜୀବନ ବଞ୍ଚିବାରେ ସଫଳ ହୁଏ ବୋଲି ଦର୍ଶାଇ ଦିଆଯାଇଛି । ପ୍ରାଣର ପ୍ରାଚୁର୍ଯ୍ୟରେ ଜଣେ ଯଦି ପରିପୂର୍ଣ୍ଣ, ତେବେ ଗୋଟିଏ କି ଦୁଇ ରାତିର ଉପବାସ ତା' ପାଇଁ ସେତେଟା ବେଦନାସିକ୍ତ ହୋଇ ନପାରେ । ପୂରା ମଜୁରି ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ୍ୟ ତ ଆତ୍ମତୃପ୍ତି । ମନମୁଗ୍ଧକର ଝରଝର ଝରଣା, ସଫେଦ ଜ୍ୟୋତ୍ସ୍ନାର ଆବିଳତା, ସବୁଜ ସୁନ୍ଦର ପରିପୂର୍ଣ୍ଣ ପ୍ରକୃତିର ଆକର୍ଷଣ ଯେ ଚିରାଚରିତ ଜୀବନଠାରୁ ଖୁବ୍ ସ୍ୱତନ୍ତ୍ର । ଏହା ହିଁ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଗାଳ୍ପିକଙ୍କ ଆଭିମୁଖ୍ୟ, ଯାହା ତାଙ୍କ ଗଳ୍ପ ସଂକଳନର ନାମ ବହନ କରି ତାଙ୍କ ବାସ୍ତବ ଜୀବନ ଚରିତ୍ରର ମହନୀୟ ଦିଗକୁ ଯଥାର୍ଥ ଢଙ୍ଗରେ ଉପସ୍ଥାପିତ କରିଛି । ଏହି ପରିପ୍ରେକ୍ଷୀରେ କଥାକାରଙ୍କ 'କୃଷ୍ଣଚୂଡ଼ା' ଗଳ୍ପ ମଧ୍ୟ ସେହି ସମାନ ଆବେଦନରେ ପରିପୁଷ୍ଟ ହୋଇଛି । ଗଳ୍ପ ନାୟକ 'ସଦାନନ୍ଦ' ନିତିଦିନିଆ ସମ୍ବାଦ ଲେଖା ଛାଡ଼ି କମନୀୟ କୃଷ୍ଣଚୂଡ଼ାର ଆକର୍ଷଣକୁ ଏଡ଼ାଇ ନ ପାରି ତାକୁ ତୋଳିବାରେ ନିଜକୁ ନିୟନ୍ତ୍ରଣ କରି ନପାରିବା ମନ ଓ ହୃଦୟର ଆହ୍ୱାନ ହିଁ ଅସଲ ଜୀବନର ପରିଭାଷା ବୋଲି ବୁଝିବାକୁ ପଡ଼େ ।

ପରିସ୍ଥିତି ଯେତେ ନିଷ୍ଠୁର ହେଉନା କାହିଁକି ଆପଣାର ଲୋକଟିଏ ପାଖରେ ଥିଲେ ସବୁ ଦୁଃଖ ଆପେଆପେ ଅପସରି ଯାଏ । ସେହି ଲୋକଟି ଯେତେ ବେଳେ ଦୂରେଇ ଯାଏ, ସେତିକି ବେଳେ ମଣିଷର ଅନ୍ତଃବେଦନା ଦ୍ୱିଗୁଣିତ ହୋଇଯାଏ। ଏକଥା ସୁରେନ୍ଦ୍ରଙ୍କ 'ନୟନପୁର ଏକ୍ସପ୍ରେସ୍' ଗଳ୍ପରେ ପରିଦୃଷ୍ଟ ହୁଏ। ସେହିଭଳି ତାଙ୍କର ଅନ୍ୟତମ ସଫଳ ଗଳ୍ପ ହେଉଛି 'ମହାନଗରୀର ରାତ୍ରି' । ଯେଉଁଠି ଜଣେ ଦୁଃସ୍ଥ ନାରୀର କରୁଣ ଜୀବନ କାହାଣୀର ନିଖୁଣ ଉପସ୍ଥାପନା ପାଠକଙ୍କୁ ଅଭିଭୂତ କରିଦିଏ । ପୁନଶ୍ଚ 'ଖୋଦାନୀ' ଗଳ୍ପରେ ମାଟି ଓ ପ୍ରକୃତିର ସରଳ ମଣିଷ କିପରି ଆଧୁନିକତାର ମୋହରେ ପଡ଼ି ନିଜ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି । ସେହିପରି 'ଘନିଆର ଗଣେଶ ଚତୁର୍ଥୀ' ଗଳ୍ପରେ ଭଗବାନଙ୍କ ପୂଜାର୍ଚ୍ଚନା ହେଉ କି ବିଦ୍ୟାଳୟରେ ଶିକ୍ଷାଅର୍ଜନ ହେଉ ଏଥିରେ ସମସ୍ତଙ୍କ ସମାନ ଅଧିକାର ରହିବା ପ୍ରସଙ୍ଗ ଚିତ୍ରଣ କରାଯାଇଛି । 'ମେଣ୍ଢାଖାଇ' ଗଳ୍ପରେ ଏକ ସରଳ, ନିଷ୍ପାପ ଗ୍ରାମ୍ୟ ଜୀବନର ବାର୍ତ୍ତାକୁ ଗାଳ୍ପିକ ଜୀବନ୍ତ ଢଙ୍ଗରେ ସଜାଇ ଦେଇଛନ୍ତି । ସେହିପରି 'ଅପରିଚିତର ପରିଚୟ' ଗଳ୍ପ ତ ପ୍ରତିଟି ମଣିଷକୁ ମଣିଷତ୍ୱର ପରିଚୟ କରାଇବାର ଭାର ବହନ କରିଛି । ନିଜେ ଭୋକ ଉପାସରେ ଥାଇ ସୁଦ୍ଧା ଅନ୍ୟ ଜଣେ ଅସହାୟା ପାଇଁ ରିଲିଫ୍ ନେବାକୁ ଆସି ଜଣେ ମାନବଧର୍ମୀକୁ କିପରି ଲହୁଲୁହାଣ ହେବାକୁ ପଡ଼େ ତାହା ଏଠାରେ ଚିତ୍ରିତ ହୋଇଛି । ବାସ୍ତବରେ ଏହି ଗଳ୍ପ ମାନବିକତାର ବାସନାକୁ ବିଚ୍ଛୁରିତ କରେ । ଅପରପକ୍ଷେ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଦୁଇଟି ଗଳ୍ପ 'ଓଃ ! କାଲକାଟା' ଓ 'ରାଜଧାନୀ'ରେ ସାଧାରଣ ମଣିଷଙ୍କ ଅସହାୟତା, ଦରିଦ୍ରତାର ନିଦାନ ପାଇଁ କର୍ତ୍ତୃପକ୍ଷଙ୍କ ସ୍ୱାର୍ଥଲିପ୍ସୁ ଅନ୍ତଃସାରଶୂନ୍ୟ ଯୋଜନାକୁ ଯେଉଁଭଳି ଇଙ୍ଗିତ କରାଯାଇଛି, ସେଭଳି ସେତେବେଳର କିଛି ଲୋକଙ୍କ ରୁଗ୍‌ଣ ମାନସିକତାର ମଧ୍ୟ ଏଠାରେ ପରିପ୍ରକାଶ କରାଯିବା ଏକ ସ୍ୱଚ୍ଛ ସାମାଜିକ ପରିବର୍ତ୍ତନକୁ ଖୋରାକ ଦେଇ ଆସୁଛି । ସୁରେନ୍ଦ୍ର ମହାନ୍ତିଙ୍କ ମତରେ 'ଦାରିଦ୍ର କ୍ଷମତାଲିପ୍ସୁ ରାଜନୈତିକ ନେତାମାନଙ୍କର ଏକ ନ୍ୟସ୍ତସ୍ୱାର୍ଥ । ଦାରିଦ୍ର୍ୟ ଲୋପ ପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ । ଯେତେଦିନ ଯାଏ ଦାରିଦ୍ର ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ ।" ନିଜେ ରାଜନୀତିରେ ଥାଇ ରାଜନୈତିଜ୍ଞଙ୍କ ପ୍ରତି ଲେଖକଙ୍କ ଏଭଳି ଦୃଷ୍ଟିଭଙ୍ଗୀ କେବଳ ତାଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱର ପରିଚୟ ଦେଉ ନାହିଁ, ଏହାସହ ସାମାଜିକ ପରିବର୍ତ୍ତନର ବହ୍ନିଟିଏ ସେ ନିଜ ଗଳ୍ପ ମାଧ୍ୟମରେ ସମାଜରେ ଜଳାଇ ରଖିବାର ପ୍ରୟାସକୁ ସ୍ପଷ୍ଟ କରୁଛି । ସେହିପରି ମଣିଷ ଆତ୍ମପ୍ରଚାର ନିମିତ୍ତ କ'ଣ କରିପାରେ ତାହା ଗଳ୍ପ 'ଜୀଅନ୍ତା ଭୂତ'ରେ ପର୍ଯ୍ୟବସିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ରଚନାର ପୃଷ୍ଠଭୂମି ନିଶ୍ଚିତ ଭାବେ ବିବିଧ । ପୁରାଣ ଓ ଇତିହାସ ପ୍ରସଙ୍ଗକୁ ସେ ଅନେକ ଗଳ୍ପରେ ସ୍ଥାନ ଦେଇଥିଲେ ମଧ୍ୟ ସାମାଜିକ, ରାଜନୈତିକ ଓ ଲୋକଙ୍କ ମାନସିକ ସମସ୍ୟା ପର୍ଯ୍ୟବସିତ ତାଙ୍କ ଅନେକ ଗଳ୍ପରେ ତତ୍କାଳୀନ ଚିରାଚରିତ ପ୍ରଥା, ପରମ୍ପରା ପ୍ରତି ଲେଖକଙ୍କ ଅନ୍ତରର ବିଦ୍ରୋହକୁ ଯେତିକି ଅବଲୋକନ କରିହୁଏ, ସେତିକି ତାଙ୍କ ହୃଦୟ କୋଣରେ ଜାଗ୍ରତ ହୋଇଥିବା ଭିନ୍ନ ଏକ ସମାଜ ଗଠନର ଆକାଂକ୍ଷାକୁ ମଧ୍ୟ ହୃଦୟଙ୍ଗମ କରିହୁଏ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

### ନବୋଦୟ ବିଦ୍ୟାଳୟରେ ନବମ ଛାତ୍ରଙ୍କୁ ମାରପିଟ୍

# ୭ ଛାତ୍ର ସାତ ଦିନ ପାଇଁ ନିଲମ୍ବିତ

କୋରୁକୋଣ୍ଡା, ୨୦।୧୨ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଲା ସହରରେ ଥିବା ନବୋଦୟ ବିଦ୍ୟାଳୟ-୨ରେ ଜୁନିୟର୍ ଛାତ୍ରଙ୍କୁ ମାଡ଼ ଘଟଣାରେ ଏକାଦଶ ଶ୍ରେଣୀର ୭ଜଣ ଛାତ୍ରଙ୍କୁ ଏକ ସପ୍ତାହ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବିତ କରିଛନ୍ତି। ଏହାସହ ହଷ୍ଟେଲ କେୟାର୍-ଟେକର୍ ବିଶ୍ୱଜିତ ସରକାରଙ୍କୁ ବହିଷ୍କୃତ କରାଯାଇଛି।

ସୂଚନାନୁଯାୟୀ, ଛାତ୍ରଛାତ୍ରୀମାନେ ଘରଠାରୁ ଦୂରରେ ହଷ୍ଟେଲରେ ରହୁଛନ୍ତି। ସେଥିପାଇଁ ଅଭିଭାବକମାନେ ପିଲାମାନଙ୍କୁ କିଛି ଶୁଖିଲା ଖାଦ୍ୟ ନିଜ ପାଖରେ ରଖିବା ପାଇଁ ଦେଇଥା'ନ୍ତି। ୪ ଦିନ ତଳେ ନବମ ଶ୍ରେଣୀର ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରଙ୍କ କିଛି ଖାଦ୍ୟ ଖାଇ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ସଂପର୍କରେ ଏକାଦଶ ଶ୍ରେଣୀର ଛାତ୍ରଙ୍କ କ୍ୟାପଟେନ୍ ଏବଂ କେୟାରଟେକର୍ ଜାଣିବା ପରେ ନବମ ଶ୍ରେଣୀର କେତେକ ଛାତ୍ରଙ୍କୁ ଏକାଦଶ ଶ୍ରେଣୀର ଛାତ୍ରାବାସକୁ ଡାକି ପଚରାଉଚରା କରିବା ସହ ନିର୍ଦ୍ଧୁମ ମାଡ଼ ମାରିଥିଲେ। କେୟାର୍-ଟେକର୍ ବିଶ୍ୱଜିତ ସରକାର ମଧ୍ୟ ନବମ ଶ୍ରେଣୀ ଛାତ୍ରମାନଙ୍କୁ ବାରମ୍ବାର ପାଣି ପିଆଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।



### ■ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ବିରୋଧ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୨୦।୧୨ (ସମିସ): ବିଧାୟକଙ୍କ ଦରମା ଓ ଭତ୍ତା ଅହେତୁକ ବୃଦ୍ଧି କରାଯିବା ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନଜୀବୀ କବିତା ପାତ୍ର ଏହି ମାମଲା ଦାୟର କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି, କିଛି ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମଧ୍ୟ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଏଣୁ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର ହେବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତି ମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। କେତେକ ବିଧାୟକ ମଧ୍ୟ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିବା ବେଳେ କେଉଁ କାରଣରୁ ବିଧାୟକଙ୍କ ଦରମା ଏତେ ପରିମାଣରେ ବୃଦ୍ଧି କରାଯାଇଛି ବୋଲି ସରକାର ସ୍ପଷ୍ଟ କରିବା ଦରକାର ବୋଲି ଆବେଦନକାରୀ କହିଛନ୍ତି। ଶେଷଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ଲକ୍ଷ ଟଙ୍କା ପାଇବେ ବୋଲି ଜଣାପଡ଼ିଛି।

## ଅବଶିଷ୍ଟାଂଶ

### ରାଜଧାନୀ ଏକ୍ସପ୍ରେସ୍...

ଡିଭିଜନର ଯମୁନାମୁଖ-କାନପୁର ସେକ୍ସନରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳଟି ଏକ ହାତୀସୂଚୀତ କରିଡର ନଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ ଏହି ହାତୀ ପଲ ହଠାତ ଟ୍ରେନ୍ ସାମ୍ନାରେ ଦେଖାଦେଇଥିଲା। ଲୋକୋ ପାଇଲଟ ଜରୁରୀକାଳୀନ ବ୍ରେକ ଲଗାଇଥିଲେ ମଧ୍ୟ ହତୀ ପଲ ସହ ଟ୍ରେନ୍‌ର ଧକ୍କାକୁ ରୋକାଯାଇ ପାରି ନଥିଲା। ଉଲ୍ଲେଖଯୋଗ୍ୟ ଯେ, ସାଇରଙ୍ଗ- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ମିଜୋରାମର ସାଇରଙ୍ଗ ଓ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଛି। ଏହି ଦୁର୍ଘଟଣା ଫଳରେ ଏନ୍‌ଏଫ ରେଳବାଇର ଜମୁନାମୁଖ-କାମପୁର ସେକ୍ସନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

### ଆଣ୍ଠେଇଛି ପିଏମ୍...

ଯୁକ୍ତି ଅନୁଯାୟୀ ରୁଫଟପ୍ ସୋଲାରର ଭବିଷ୍ୟତର ଆବଶ୍ୟକତା, ଏଥିରୁ ଉଭୟ ଉପଭୋକ୍ତା ଏବଂ ପରିବେଶକୁ ମିଳୁଥିବା ଫାଇଦା, କମ୍ ଖର୍ଚ୍ଚରେ ଅଧିକ ବିଜୁଳି ଉତ୍ପାଦନ ସର୍ବୋପରି କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରଦାନ କରୁଥିବା ସବ୍‌ସିଡି ଅର୍ଥ ବାବଦରେ ଉପଭୋକ୍ତାଙ୍କୁ ସେପରି ସଚେତନ କରାଯାଉ ନାହିଁ। ଯାହାଫଳରେ ରାଜ୍ୟର ଉପଭୋକ୍ତା ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାଠାରୁ ମୁହଁ ମୋଡୁଛନ୍ତି ବୋଲି ଶକ୍ତି ସମୀକ୍ଷକ ଯୁକ୍ତି ବାଢ଼ୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରୁଫଟପ୍ ସୋଲାର ପ୍ୟାନେଲଜରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରୁଛନ୍ତି। ମାତ୍ର ଏହାର ସୁଫଳ ଉପଭୋକ୍ତା ଯେତିକି ଉଠାଇବା କଥା, ତାହାଠାରୁ ଢେର୍ ପଛରେ ରହିଥିବା ଜଣାପଡ଼ିଛି। ଅପରପକ୍ଷେ ପିଏମ୍ ସୂର୍ଯ୍ୟଘର ଯୋଜନାର ୟୁଏଲଏ(ୟୁଟିଲିଟି ଏଗ୍ରିଗେସନ ମଡେଲ) ଅଧୀନରେ ଘରୋଇ ଉପଭୋକ୍ତାଙ୍କ ପାଇଁ ସବସିଡି ଅର୍ଥ ରାଶିକୁ ଆହୁରି ବୃଦ୍ଧି କରାଯାଇଛି। ଏଥିରେ ପୂର୍ବରୁ ୧ କିଲୋୱାଟ ସୋଲାର ପ୍ୟାନେଲ ପାଇଁ ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ପଡୁଥିବା ବେଳେ ଏଣିକି ମାତ୍ର ୧୮ ୭୫ ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି।

### ଘର ସହ ନାବାଳିକାଙ୍କୁ...

ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇର ଢାକା ସେଲ୍ ଥିବା ସୂଚନା ମିଳିଛି। ଏପରି ଏକ ସେଲ୍ ହିଁ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା। ଏବେ ସେହି ପୁରୁଣା କୌଶଳକୁ ବାଂଲାଦେଶରେ ଆପଣା ଯାଇଛି। ଏହାକୁ ସରକାର ଏବଂ ଆମେରିକା ମଧ୍ୟ ସମର୍ଥନ ଦେଉଛି।

ବାଂଲାଦେଶ ନିର୍ବାଚନ ପୂର୍ବରୁ ଜାଣିଶୁଣି ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି। ନିର୍ବାଚନକୁ ଘୁଞ୍ଚାଇବା ପାଇଁ ପାକିସ୍ତାନ ସହ ମିଶି କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଏହି ଷଡ଼ଯନ୍ତ୍ର କରିଛନ୍ତି। ଆଉ ଏହାକୁ ଆମେରିକା ସମର୍ଥନ ମଧ୍ୟ ମିଳିଥିବା କୁହାଯାଉଛି। ସଂଖ୍ୟାଲଘୁ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେବା ପରେ ଚରମପନ୍ଥୀ ଏବେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି)ର ନେତାଙ୍କୁ ନିଶାଣ କରିଛନ୍ତି। ନିର୍ବାଚନୀ ସର୍ଭେରେ ଏହି ପାର୍ଟି ବିଜୟୀ ହେଉଥିବା ଜଣାପଡ଼ିବା ପରେ ବିରୋଧୀ ରକ୍ତଚାଉଳ ଚୋବାଉଛନ୍ତି। ତେଣୁ ଜାଣିଶୁଣି ନିର୍ବାଚନ ଭଣ୍ଡୁର କରିବାକୁ ପ୍ରୟାସ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ବିକ୍ଷୋଭକାରୀ ଲକ୍ଷ୍ମୀପୁର ସଦର ସ୍ଥିତି ବିଏନପି ନେତା ବିଲାଲ ହୁସେନଙ୍କ ଘରେ ଆକ୍ରମଣ କରିଛନ୍ତି। ବାହାର ପଟୁ ତାଲା ଲଗାଇ ଘର ଜାଳି ଦେଇଛନ୍ତି। ଏହି ହିଂସାର ନିଆଁରେ ବିଲାଲଙ୍କ ସାନ ଝିଅ ଆୟଶା ଅଖତର (୭) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହୁସେନଙ୍କ ସମେତ ତାଙ୍କର ଆଉ ଦୁଇ ଝିଅ ସଲମା ଅଖତାର (୧୬) ଏବଂ ସାମିଆ ଅଖତାର (୧୪) ଜଳି ଯାଇଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଦୁଇ ଝିଅଙ୍କୁ ଢାକା ହସ୍ପିଟାଲକୁ ପଠାଇ ଦିଆଯାଇଛି।

ଭାରତ ବିରୋଧୀ ନେତା ଭାବେ ପରିଚିତ ଉସମାନ ହାଦିଙ୍କୁ ଆଜି ରାଷ୍ଟ୍ରୀୟ କବିଙ୍କ ପାର୍ଶ୍ୱରେ କବର ଦିଆଯାଇଛି। ଏହା ପୂର୍ବରୁ ଦ୍ୱିପହର ୨ଟା୩୦ରେ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ହାଦିଙ୍କ ପାଇଁ ନମାଜ କରାଯାଇଥିଲା। ଏଠାରେ ଇନ୍‌କିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର ତାଙ୍କ ସମର୍ଥକଙ୍କୁ ବିକ୍ଷୋଭରେ ସାମିଲ ହେବା ପାଇଁ ଶାହବାଗ ଯିବାକୁ କହିଥିଲେ। ସେ କହିଥିଲେ ଯେ ଆମେ ଶୋକ ମନାଇବାକୁ ଆସିନାହୁଁ। ଆମ ଭାଇ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କୁ ଗୁଳି ମାଡ଼ ଘଟଣାକୁ ସପ୍ତାହେ ବିତି ଯାଇଥିଲେ କାହାକୁ ଗିରଫ କରାଯାଇ ନାହିଁ। ସେ ସରକାରଙ୍କୁ ଏ ନେଇ ୨୪ ଘଣ୍ଟା ଭିତରେ ଜବାବ ମାଗିଛନ୍ତି। ଏହା ମଧ୍ୟରେ ହାଦିଙ୍କୁ ନେଇ ଚାଞ୍ଚଲ୍ୟକର ସୂଚନା ଆସିଛି। ହାଦି ନିର୍ବାଚନରେ କାହାକୁ ସମର୍ଥନ ଦେଉ ନ ଥିଲେ। ସେ ବିଏନପି, ମହମ୍ମଦ ୟୁନୁସ ଏବଂ ଜମାତ-ଇ-ଇସଲାମି ସରକାର ଗଠନ କରୁ ବୋଲି ଚାହୁଁ ନ ଥିଲେ। ଏହି ତିନି ଦଳ ଦୁର୍ନୀତିରେ ଲିପ୍ତ ଥିବା ସେ କହୁଥିଲେ। ତେଣୁ ସେ ନୂଆ ବାଂଲା ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ମାତ୍ର ଏହି ଆଭିମୁଖ୍ୟ ତାଙ୍କ ପାଇଁ କାଳ ପାଲଟି ଯାଇଥିଲା। କାରଣ ଆଇଏସଆଇର ଢାକା ସେଲ୍ ଇନକିଲାବ ମଞ୍ଚ ଏବଂ ବିଏନପି ସରକାର ଗଠନ ନ କରୁ ବୋଲି ଚାହୁଁଥିଲା। ପାକିସ୍ତାନ ମହମ୍ମଦ ୟୁନୁସ ଏବଂ ଜମାତକୁ ସମର୍ଥନ ଦେଉଥିଲା। ହାଦିର ଲୋକପ୍ରିୟତା ଏବଂ ନିର୍ବାଚନ ସର୍ଭେରେ ବିଏନପି ସଂଖ୍ୟାଗରିଷ୍ଠତା ପାଉଥିବା ଜଣା ପଡ଼ିବା ପରେ ଆଇଏସଆଇ ହାଦିଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିଲା। ଏହା ପଛରେ ନିର୍ବାଚନ ଘୁଞ୍ଚାଇ ନିଜ ସ୍ଥିତି ମଜଭୁତ ଏବଂ ଭାରତକୁ ବଦନାମ କରିବା ଉଦ୍ଦେଶ୍ୟ ଥିଲା।

ଅନ୍ୟପକ୍ଷରେ ଇନକିଲାବ ମଞ୍ଚ ଏବଂ ଜମାତର ଚରମପନ୍ଥୀ ଶୁକ୍ରବାର ବେନାପୋଲର ଭାରତ ସୀମା ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ। ସେମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଫେରାଇବାକୁ ଦାବି କରିଥିଲେ। ଚଟଗାଁଓର ଚନ୍ଦ୍ରନାଥ ମନ୍ଦିର ବାହାରେ ମଧ୍ୟ ଚରମପନ୍ଥୀ ଧାର୍ମିକ ସ୍ଲୋଗାନ ଦେଇଥିଲେ। ସ୍ଥିତିକୁ ଦେଖି ଭାରତୀୟ ସେନା ସକ୍ରିୟ ହୋଇଯାଇଛି। ବାଂଲାଦେଶ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରୀ ମଧ୍ୟ ବାଂଲାଦେଶ ସୀମା ଗସ୍ତରେ ଯାଇଥିଲେ। ଏହା ମଧ୍ୟରେ ଭାରତୀୟ ସ୍ଥଳ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ଢାକା ସେନାମୁଖ୍ୟଙ୍କ ସହ କଥା ହୋଇଛନ୍ତି। ସେ ଭାରତୀୟ ଦୂତାବାସ ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ମଧ୍ୟରେ ବାଂଲାଦେଶ ସରକାର ହାଦିଙ୍କ ହତ୍ୟାରେ ସାମିଲ ୭ ଜଣଙ୍କୁ ଗିରଫ କରିଛନ୍ତି। ତେବେ ହିଂସା ଆରମ୍ଭ ସମୟରେ ସରକାର ଏହାକୁ ଅଟକାଇବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ। ସେନା ଏବଂ ପୁଲିସକୁ ଘଟଣାସ୍ଥଳକୁ ପଠାଇ ନ ଥିଲେ ବୋଲି ଜଣାପଡିଛି। କାରଣ ସେ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବାକୁ ଚାହୁଁଛନ୍ତି। ଆୱାମୀ ଲିଗକୁ ନିଷିଦ୍ଧ କରାଯାଇଥିବାବେଳେ ବିଏନପିକୁ ସେ ସମର୍ଥନ ଦେଉନାହାନ୍ତି। ୟୁନୁସ ଆମେରିକା ଏବଂ ପାକିସ୍ତାନ ସମର୍ଥନରେ ଚିର ଦିନ ପାଇଁ ରାଜ କରିବାକୁ ଚାହୁଁଛନ୍ତି। ତେଣୁ ସେ ଅରାଜକତାକୁ ପ୍ରୋତ୍ସାହନ ଦେଉଥିଲେ।

### ୫ ବର୍ଷରେ କଟିଛି...

ଏହି ଦୁଇଟି ରାଜ୍ୟକୁ ବାଦ୍ ଦେଲେ ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ମଧ୍ୟ ସର୍ବାଧିକ ଜବ କାର୍ଡ ହଟାଯାଇଛି। ଓଡ଼ିଶାରେ ୪୧ ଲକ୍ଷ୬୦ ହଜାର ଜବକାର୍ଡ କଟାଯାଇଥିବା ବେଳେ ମଧ୍ୟପ୍ରଦେଶରେ ୩୨ ଲକ୍ଷ ୭୦ ହଜାର, ପଶ୍ଚିମବଙ୍ଗରେ ୨୪ ଲକ୍ଷ ୨୦ ହଜାର ଓ ରାଜସ୍ଥାନରେ ୧୦.୫ ଲକ୍ଷ ଜବ କାର୍ଡ କଟାଯାଇଛି। କଟାଯିବାର ଏହି ପ୍ରକ୍ରିୟା ନିୟମିତ ଭାବେ କରାଯାଇଥାଏ।

### 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା...

କାକରରେ ଛିଡ଼ା ହେବାକୁ ବାଧ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ଏମସ୍ ନିକଟ ଡୁମୁଡୁମା ରାସ୍ତା କଡ଼ରେ।

ସୂଚନା ଅନୁସାରେ, ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱରର ୨ଟି ସ୍ଥାନ ଯଥା ଡୁମୁଡୁମା ଓ କଳ୍ପନାରେ ନିର୍ମାଣ କରାଯାଇଛି 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'। ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବିଏମସିକୁ ହସ୍ତାନ୍ତରିତ କରାଯାଇଛି। ଏହି ଦୁଇଟି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଶ୍ରମିକ ଦିବସରେ ଉଦ୍‌ଘାଟନ କରିଥିଲେ। ଶ୍ରମଜୀବୀମାନଙ୍କ ଗାରିମା ବୃଦ୍ଧିରେ ସହାୟକ ହେବା ଉଦ୍ଦେଶ୍ୟରେ ନିର୍ମିତ ଡୁମଡୁମାସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରାଯିବାର ପ୍ରାୟ ୭ମାସ ବିତିଯାଇଥିଲେ ମଧ୍ୟ ଏଯାଏ ତାହା ଶ୍ରମିକଙ୍କ କାମରେ ଲାଗିପାରିଲା ନାହିଁ। କାରଣ ଉଦ୍‌ଘାଟନ ଦିନରୁ ଏଠାରେ ତାଲା ଝୁଲୁଛି। ପୂର୍ବଭଳି ସକାଳୁ ସକାଳୁ ରାସ୍ତାରେ ଭିଡ଼ ଜମୁଛି। ତେବେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ସୁବିଧା ରହିଛି। ଯେଉଁଠି ଉଭୟ ମହିଳା ଓ ପୁରୁଷ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଶ୍ରମଜୀବୀମାନେ ଆଶ୍ରୟ ନେଇପାରିବେ। ସେହିପରି କେନ୍ଦ୍ର ପରିସରରେ ଏକ ଦୋକାନ ଘର ରହିଛି, ଯେଉଁଠାରେ ଚା, ପାନ, ଜଳଖିଆ ଆଦି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ସମେତ ପାନୀୟ ଜଳ,ଶୌଚାଳୟ ଏବଂ ପାର୍କର ମଧ୍ୟ ସୁବିଧା ରହିଛି। ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଉନଥିବାରୁ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି, ଏହି କେନ୍ଦ୍ରରେ ରହିଥିବା ଶୌଚାଳୟର ସଫାସୁତୁରା ଓ ପରିଚାଳନା ଠିକ୍ ଭାବେ କରାଯିବା ଜରୁରୀ ହୋଇଥିବା ବେଳେ ଏଥିପାଇଁ କାହାରିକୁ ନିଯୁକ୍ତି କରାଯାଇନାହିଁ। ସେହିପରି ପାର୍କର ଦାୟିତ୍ୱ ଏବଂ କେନ୍ଦ୍ର ସୁରକ୍ଷା ନିମନ୍ତେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି କରାଯିବା ପରେ ଏହାକ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଛି। ଖୁବଶିଘ୍ର ଉକ୍ତ ସଂସ୍ଥା ନିଯୁକ୍ତି କରିବାକୁ ଆଲୋଚନା ହୋଇଛି। ଏହାପରେ ସପ୍ତାହେ କି ୨ସପ୍ତାହ ମଧ୍ୟରେ ଏହି କେନ୍ଦ୍ର ଖୋଲାଯାଇ ବ୍ୟବହାର କରାଯିବ। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଏହି କେନ୍ଦ୍ର ଖୋଲା ରହିବ ବୋଲି ସୂଚନା ରହିଛି।

ସେହିପରି କଳ୍ପନାରେ ନିର୍ମିତ ଏହି ପ୍ରତୀକ୍ଷା କେନ୍ଦ୍ର ଯଦିଓ ଖୋଲା ରହିଛି କିନ୍ତୁ ଏହାକୁ ସଠିକ୍ ଭାବେ ପରିଚାଳନା କରାଯାଉନଥିବା ଅଭିଯୋଗ ହୋଇଛି। ଏଠାରେ କେହି ସୁରକ୍ଷାକର୍ମୀ ନଥିବାରୁ ସନ୍ଧ୍ୟା ହେଲେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ପାଲଟୁଛି ନିଶାଡିଙ୍କ ଆଡ୍ଡାସ୍ଥଳୀ। ତେଣୁ ଯଥାଶିଘ୍ର ବିଏମସି ଏହାର ପରିଚାଳନା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଶ୍ରମିକମାନେ ନିବେଦନ କରିଛନ୍ତି।

### ଦାଦନଗଡ଼ରେ ଶ୍ରମିକଙ୍କ...

କେରଳରେ ୨ଜଣ, ତାମିଲନାଡୁରେ ୬ ଓ ଆନ୍ଧ୍ର ପ୍ରଦେଶରେ ୭ଜଣ ଶ୍ରମିକ ନିଜ ଜୀବନ ହାରିଥିବା ଅତିରିକ୍ତ ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରତିଦିନ ଶହ ଶହ ଶ୍ରମିକ ଚାଲାଣ ହେଉଛନ୍ତି। ଶେରଗଡ଼, ହିଞ୍ଜିଳି, ଭଞ୍ଜନଗର ଓ ଆସିକା ସମେତ ଅନ୍ୟାନ୍ୟ ବ୍ଲକ୍‌ରୁ ଦଲାଲ୍ ମାନେ ବେଧଡ଼କ ଭାବେ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଯୁବକଯୁବତୀଙ୍କୁ କାମ ଲାଳସା ଦେଖାଇ ନେଉଛନ୍ତି। ଦୁଃଖର ବିଷୟ ହେଉଛି କର୍ମ ସଂସ୍ଥାରେ ନିୟୋଜିତ ପରେ ଶ୍ରମିକଙ୍କୁ କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ମୁତାବକ ପ୍ରତିକାରକ ମୂଳକ ପଦକ୍ଷେପ କିମ୍ବା ସ୍ୱାସ୍ଥ୍ୟ ସେବା ଜନିତ ମିଳୁନଥିବାରୁ ଅକାରଣରେ ପ୍ରାଣ ହରାଉଛନ୍ତି। ଫଳରେ କର୍ମ ସନ୍ଧାନରେ ଯାଇ ମର ଶରୀର ଭିଟାମାଟିକୁ ଫେରୁଛି। ଦୁର୍ଭାଗ୍ୟର ବିଷୟ ମୃତ୍ୟୁବରଣ କରିଥିବା ୨୪ଜଣଙ୍କ ମୃତ୍ୟୁ ଶ୍ରମଙ୍କ ମଧ୍ୟରୁ ମାତ୍ର ଜଣେ ଶ୍ରମିକଙ୍କ ଶ୍ରବ କାଡର୍ ରହିଛି। ବିଭିନ୍ନ ସମୟରେ ତୃଣମୂଳ ସ୍ତରରେ ବିଭାଗର ସଚେତନତା ଅଭାବ କାରଣରୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେଉନଥିବା ସହ ଏହାର ଲାଭ ପାଉପାରୁ ନାହାନ୍ତି। ଅନ୍ୟପକ୍ଷେ ଜିଲ୍ଲାରେ ସଚେତନତା ଅଭାବରୁ ଶ୍ରମିକ ମାନେ ପଞ୍ଜୀକରଣ କରୁନଥିବାରୁ ମୃତ୍ୟୁକାଳୀନ ସହାୟତା ରାଶି ମଧ୍ୟ ମିଳିପାରୁନାହିଁ। ଶ୍ରମିକ ମାନଙ୍କୁ ଚାଲାଣ କରୁଥିବା ପଞ୍ଜୀକୃତ ଦଲାଲଙ୍କ ସୂଚୀ ବିଭାଗ ପାଖରେ ଉପଲବ୍ଧ ନାହିଁ। ଯଦ୍ୱାରା ଜିଲ୍ଲର କେଉଁ ପଞ୍ଚାୟତରୁ କେତେ ଲୋକ ଦାନ ଖଟିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତାହାର ହିସାବ ରହୁନି। ଏହା ଦ୍ୱାରା ଦିନକୁ ଦିନ ଗଞ୍ଜାମ ଜିଲ୍ଲାରେ ଦାଦନ ଦୁଃଖ କମୁନଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ଶ୍ରବ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅପରପକ୍ଷେ ପଞ୍ଜିକୃତରୁ ବାଦ ପଡ଼ିଥିବା ଶ୍ରମିକଙ୍କ ମୃତ୍ୟୁ ହିସାବ ବିଭାଗ ପାଖରେ ରହୁନି। ବର୍ଷକୁ ଶତାଧିକ ଦାଦନଙ୍କ ମୃତ୍ୟୁ ହେଉଥିବା ବେଳେ ସରକାରୀ ସ୍ତରରେ ଏହାର ତଥ୍ୟ ରହୁନଥିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.**
MM-404
E-mail: dfoathmallikt@gmail.com Mob: +91 9437004236.
Letter No. 5966/1F Section/ (55/2025-26) / Dt. 17. Dec., 2025

**INVITATION FOR BIDS (IFB)**
**E- Procurement Bid Identification No. DFO(ALK)-FE & CC-02/2025-26**

1. The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work
**Construction of staff barrack at Ghodagadi under Madhapur Range.**
2. Nature of Work : Building Works
3. Class of Contractor : C&D Class
4. Estimated Cost : **1504726.00**
5. Completion Period : 2.5 Calendar Months
6. Availability of Bid Documents : 22.12.2025 (11.00 AM) to 04.01.2026(05.00 PM)
7. Last Date for Receipt of Bids : 04.01.2026 up to 05.00 PM
8. Opening of Bids : 05.01.2026 at 11:30 AM

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik Forest Division
OIPR-08125/11/0025/2526



**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT**
**(GOVT. OF ODISHA)**
**TENDER CALL NOTICE**
CAD-2784
**Bid Identification No: PA (ITDA) -KPT- 06/25-26**
**Letter No: 4173 /Dated: 19/12/2025**

| SI. No. | Particulars | Date | Time |
|---|---|---|---|
| 01 | Dale of Publication | 19.12.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 03.01.2026 | 5.30 PM |
| 03 | Date of Opening of Bid & Finalization / Selection of Bidder | 06.01.2026 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 06.01.2026 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

Project Administrator
I.T.D.A., Koraput
OIPR-19271/11/0006/2526



**THE ORISSA MINERALS DEVELOPMENT COMPANY LTD.**
**(A Government of India Enterprise)**
**CIN: L51430OR1918GOI034390**
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE HALF YEAR ENDED 30th SEP'2025 - IND-AS COMPLIANT**
(Rs.in Lakhs)

| SL. NO. | PARTICULARS | Half Year Ended | | Year Ended |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation / Other Income | 4,744.05 | 3,858.04 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 47.96 | (88.63) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 47.96 | (88.63) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 47.96 | (88.63) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 35.49 | (128.68) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,182.31) | (1,262.60) | (5,217.81) |
| 8 | Net Worth | (5,122.31) | (1,202.60) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 0.59 | (2.14) | (67.04) |
| | 2. Diluted | 0.59 | (2.14) | (67.04) |

1. The above results of the Company were approved by the Board of Directors at their respective meetings held on 19th December'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com).

**For and on behalf of the Board of Director**
Sd/-
**(Vasudha Chandra Suratkal)**
Managing Director

**Place:** Bhubaneswar
**Date:** 19th December'2025



**AFFIDAVIT**
I, Dasarath Aditya Murmu, aged about 37 years, S/o- Surai Majhi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- dhenkanal, Odisha, Pin- 759001, declare by this affidavit No. 2571, dtd- 20/12/2025, that now onwards I shall be known as **ADITYA MAJHI** for all future purposes.

**AFFIDAVIT**
I, Surai Murmu, aged about 74 years, S/o- Dasa Mathi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- Dhenkanal, Odisha, Pin- 759001, declare by this affidavit No. 2572, dtd- 20/12/2025, that now onwards I shall be known as **SURAI MAJHI** for all future purposes.

**AFFIDAVIT**
By virtue of an affidavit No.2533 before the Executive Magistrate, Sukinda, Jajpur, dtd. 11.09.2025. I, CHANCHALA MOHANTA, W/o- Budhiram Mohanta, of Vill- Sansailo Tata Colony, P.O. Sansailo, P.S. Sukinda, Dist.- Jajpur declare that my correct name is CHANCHALA MOHANTA & DOB is 01.04.1964 but in my Aadhar card bearing no. 578276803340 it is mentioned as CHANCHAKLA MOHANTA and DOB 01.01.1943. Henceforth, **CHANCHALA MOHANTA, DOB: 01.04.1964** shall be treated as correct for all purposes.

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.15.12.2025, I, Dwitikrushna Badamali, At- Kadodar, P.O. Kadodar, P.S. Birmaharajpur, Dist. Subarnapur hereby declare that I have changed my name from Ditikrushna Badamali to Dwitikrushna Badamali. Henceforth I shall be known as **Dwitikrushna Badamali** for all purposes.
**Sd/- Dwitikrushna Badamali**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 1266, dated 19.12.2025 I, BALMATI MUDULI, W/o - Binod Muduli , Residences of Village - Charamula, Po- Charamula, Ps- Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Daughter from RASAMATI MUDULI to ANJANA MUDULI. Henceforth, she shall be known as **ANJANA MUDULI** for all purposes.
**Sd/- Balmati Muduli**

**AFFIDAVIT**
By virtue of an Affidavit before the Court of the Executive Magistrate, Angul, **I, Reeta Behera,** W/o.: Ghadisen Behera, resident of At/PO.: Natada, PS: Angul Sadar, Dist.: Angul, Odisha-759123, declare by this Affidavit No.: 6239, Dated: 20.12.2025 that I have changed my name from **Rupa Behera** to **Reeta Behera**. Henceforth I shall be known as **Reeta Behera** for all future purposes.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801469
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.20.12.2025, I, SUCHITRA MAHAKUD, At- Sindurpuri, P.O. Khakata, P.S. Manamunda, Dist. Boudh hereby declare that my correct name is SUCHITRA MAHAKUD. but in my Voter Card It is mentioned as LIPSARANI MAHAKUD. That both the name s are refer to same and one person i.e. myself. Henceforth I shall be known as **SUCHITRA MAHAKUD** for all purposes.
**Sd/- SUCHITRA MAHAKUD**

**AFFIDAVIT**
By virtue of an Affidavit sworn before the Executive Magistrate, Bhubaneswar dated 15/12/2025. I, Sasmi Rekha Mohapatra, W/O. Sunil Kumar Panda, R/o. Plot No.249/2439, Barabari, Jagamara, Ps- Khandagiri, BBSR-751030, Dist- Khordna, Odisha, declare by this affidavit. that, now onwards I shall be known as **'Sashmirekha Mohapatra'** for all future purposes

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.19.12.2025, I, JANGYASINI BAGH, At- Bankbija, P.O. S. Kalapathar, P.S. Sonepur, Dist. Subarnapur hereby declare that my correct name is JANGYASINI BAGH and DOB is 17.06.1989. It is clarified that the name JAINASENI BAGH and date of birth 01.01.1988 appearing in my Aadhaar Card pertain to myself only due to clerical error. Henceforth, **JANGYASINI BAGH (DOB: 17.06.1989)** shall be treated as correct for all purposes.

**AFFIDAVIT**
By virtue of an affidavit (CF No. 01, dtd- 20/12/2025) sworn before the Executive Magistrate, Padampur. I, **Abhikesh Chhatar,** S/o- Phulkumar Chhatar, permanent & current resident of AT- Angul, PO- Dava, Dist- Bargarh, PIN- 768042, Odisha declare that I have changed my name from **Abhisek Chhatar to Abhikesh Chhatar.** Henceforth, I shall be known as **Abhikesh Chhatar** (new name) for all purposes.
**Abhikesh Chhatar**

**LOST**
I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd- 31.07.2014 & the original patta of M.S.R.O.R Khata No. 152/339 (Issue dtd. 23.09.2021) Mouza- Purena, PS- Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.
**Saroj Kumar Sahu**

**AFFIDAVIT**
By virtue of an affidavit (CF No. 41) sworn before The Notary Public, Jharsuguda dated- 03/12/2025. I, **Sudish Sah,** S/o- Mahesh Sah, resident of Near Durga Mandir, Beheramal, P.O. Industrial Estate, Jharsuguda, Odisha, do hereby declare that my name has been wrongly mentioned as **Sudishta Sah** in the Aadhaar Card and PAN Card of my son, **Chunnu Kumar.** I clarify that **Sudish Sah, Sudisti Sah** and **Sudishta Sah** all refer to one and the same.


**LOST**
By virtue of an affidavit sworn before the Notary, Angul, dtd- 19.12.2025, I, **Koushal Kishorre Agrawalla,** 55 years, S/o- Late Bipin Kumar Agrawalla, resident of Vill- Shanti Bazar, Angul Town, Po/Ps/Dist- Angul, PIN- 759122, Odisha declare that vide Khata No. 151, Plot No.1383, Area Ac.0.26 dec, Kissam Sarad-I of Mouza Hulurisingha. The registered Sale Deed bearing No. 10011502681 has been lost. I shall not be held responsible for any misuse of the same.
**Koushal Kishorre Agrawalla**

**ହଜିଛି**
ମୁଁ, **ବିଭୁତି ଭୂଷଣ ସାହୁ,** ପିତା: ୰ ଗୌରାଙ୍ଗ ସାହୁ, ବାସସ୍ଥାନ: ସତଲମା, ଥାନା: ବରପାଲି, ଜିଲ୍ଲା: ବରଗଡ, ବୟସ: ୬୩ ବର୍ଷ, ଏତଦ୍‌ଦ୍ୱାରା ଶପଥପାଠ ମାଧ୍ୟମରେ ଘୋଷଣା କରୁଅଛି କି, ମୋ ପରିବାରର ମୂଳ "ପଟ୍ଟା" ଦର୍ଶିତ ମୌଜା: ସତଲମା, ତହସିଲ: ବରପାଲି, ଖାତା ନଂ.: ୧୨୫, କ୍ଷେତ୍ର: ଏକର ୫.୭୫ ଡିସିମିଲି, ବରପାଲି ଠାରେ ତା. ୧୬.୧୨.୨୦୨୫ରିଖରେ କେଉଁଠାରେ ହଜି ଯାଇଛି। କଥିତ ଦଲିଲ୍‌କୁ ମୁଁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରି ନାହିଁ। ଯଦି ଭବିଷ୍ୟତରେ ମୁଁ ଏହାକୁ ପାଏ, ତାହାକୁ ବ୍ୟାଙ୍କ ଅଫ୍ ବରୋଦା ବରପାଲିରେ ଜମା ଦେବି। ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍ ପାଆନ୍ତି ତେବେ ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। (୧) ବିଭୁତି ଭୂଷଣ ସାହୁ: ୯୮୬୧୪୨୭୯୧୦, (୨) ସୁଧିର କୁମାର ସାହୁ: ୯୯୩୮୭୨୯୪୬୫, (୩) ବିବେକାନନ୍ଦ ସାହୁ: ୯୯୩୭୪୩୭୩୨୨

## ୨୮ ତମ 'ପରବ'ର ଦ୍ୱିତୀୟ ସନ୍ଧ୍ୟା

# ଢେମ୍‌ସା, ମାଳିପୁଟ ମେଲୋଡ଼ି, ହାମସୁଫି ବ୍ୟାଣ୍ଡରେ କମ୍ପିଲା ମଞ୍ଚ





କୋରାପୁଟ,୨୦।୧୨(ସମିସ): ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୨୫ର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଶୀତ ସତ୍ତ୍ୱେ ଭରପୂର ଜନ ସମାଗମ ଦେଖିବାକୁ ମିଳିଛି। ପରବ ପଡ଼ିଆରେ ଜିଲାପାଳ ତଥା ପରବ କମିଟି ଅଧକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, କୋରାପୁଟ ଏସ୍‌ପି ରୋହିତ ବର୍ମା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ସିଡିଓ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ବୃନ୍ଦ ପରବ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୋରାପୁଟ

### ପରବ ଦେଶର ଶ୍ରେଷ୍ଠ ଲୋକ ମହୋତ୍ସବ: ମନ୍ତ୍ରୀ ସୁରେଶ ପୂଜାରୀ

ଜିଲ୍ଲାର ଆଦିବାସୀ ମହୋତ୍ସବ ପରବ ଦେଶର ଶ୍ରେଷ୍ଠ ଜିଲ୍ଲା ମହୋତ୍ସବ ବୋଲି ମୁଖ୍ୟ ଅତିଥି କହିଥିଲେ। କୋରାପୁଟ ଦୃଷ୍ଟି ବାଧିତ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସ୍ୱାଗତ ଭାଷଣ ଦେଇଥିବାବେଳେ ସିଡିଓ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡାବିତ ଲକ୍ଷ୍ମଣ ଦିଶାରୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ ପରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସ ଅନ୍ତେବାସୀଙ୍କ ନୃତ୍ୟ, ମାଳିପୁଟ ମେଲୋଡ଼ି, ପଟ୍ଟାଙ୍ଗି ଓ ନନ୍ଦପୁରର ଢେମସା, ମାଲକାନଗିରିର ବଣ୍ଡା ନୃତ୍ୟ, ପୁରୀର ଶ୍ରେୟା ପଣ୍ଡାଙ୍କ ମାଳଖମ୍ବ ନୃତ୍ୟ, ଗଞ୍ଜାମର ଶ୍ୟାମ ଘନ ବେହେରାଙ୍କ ପଶୁ ମୁଖା ନୃତ୍ୟ, ମହାରାଷ୍ଟ୍ର ନାଗପୁରର ବିଦ୍ୟା ଭାବେଙ୍କ ଲାୱଣି ନୃତ୍ୟ ଏବଂ ହମସୁଫି ବ୍ୟାଣ୍ଡରେ ପରବ ମଞ୍ଚ କମ୍ପି ଉଠିଥିଲା। ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ନୃତ୍ୟରେ ଝୁମି ଉଠିଥିଲେ। ଏହା ବ୍ୟତୀତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## 'ପରବ'ରେ ଯନ୍ତ୍ରଣା ଦେଉଛି ନେଟୱର୍କ ସମସ୍ୟା

ପୋଡ଼ାଗଡ଼,୨୦।୧୨(ସମିସ): କୋରାପୁଟ ଜିଲ୍ଲାର ଆଦିବାସୀ ମହୋତ୍ସବ ପରବ ଜାତୀୟସ୍ତରର ହୋଇଥିବାବେଳେ ପରବକୁ ଆସୁଥିବା ପର୍ଯ୍ୟଟକଙ୍କୁ ଯନ୍ତ୍ରଣା ଦେଉଛି ନେଟୱର୍କ ସମସ୍ୟା। ଜିଲ୍ଲା ବାହାରୁ ତଥା ରାଜ୍ୟ ବାହାରୁ ଆନେକ ପର୍ଯ୍ୟଟକ କୋରାପୁଟର ସୌନ୍ଦର୍ଯ୍ୟ ଉପଭୋଗ ନିମନ୍ତେ ଆସୁଛନ୍ତି। ଦିନଯାକ କୋରାପୁଟର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲି ଉପଭୋଗ କରିବା ପରେ ସନ୍ଧ୍ୟାରେ କୋରାପୁଟ ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବରେ ଆସି ବୁଲା ବୁଲି କରିବା ସହ ଅନେକ ପ୍ରକାର ସାମଗ୍ରୀ କିଣିବାକୁ ଲୋକମାନେ ଭିଡ଼ କରୁଛନ୍ତି। କିନ୍ତୁ କୌଣସି ଗୁଗଲ ପେ କିମ୍ବା ଫୋନ ପେ କାମ କରୁ ନଥିବା ହେତୁ ପର୍ଯ୍ୟଟକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେହେତୁ ନଗଦ ନିଜ ପାଖରେ ନଥିବାରୁ ଅନେକେ ଅନ ଲାଇନ ମାଧ୍ୟମରେ ଟଙ୍କା ଦେବା କହି ପରବ ଉତ୍ସବରେ ଆସୁଛନ୍ତି। କିନ୍ତୁ ଏଠାରେ ନେଟୱର୍କର ସୁବିଧା ନଥିବାରୁ ବାଧ୍ୟ ହୋଇ କିଣିଥିବା ବା ପସନ୍ଦ କରିଥିବା ଜିନିସ ନ ନେଇ ମାନ ଦୁଃଖରେ ଫେରୁଥିବା ପର୍ଯ୍ୟଟକମାନେ କହିଛନ୍ତି। ଯାହାଫଳରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ପରବରେ ବ୍ୟବସାୟ କମ୍ ହେବା ଆଶଙ୍କା ଦେଖାଦେଇଛି। ଜିଲ୍ଲା ପ୍ରଶାସନର ତଥା ପରବ କମିଟି ଏହି ଦିଗରେ ଧ୍ୟାନ ଦେବା ଉଚିତ୍ ବୋଲି ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକମାନେ କହିଛନ୍ତି।

## କୋରାପୁଟ ମିଡିଆ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୨୦।୧୨(ସମିସ): ଜାତୀୟସ୍ତର ଆଦିବାସୀ ମହୋତ୍ସବ ପରବ ୨୦୨୫ର ଦ୍ୱାତୀୟ ରଜନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ କୋରାପୁଟ ମିଡ଼ିଆ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରବ ମଞ୍ଚରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପେନ୍‌ସିଲରେ ଅଙ୍କା ଯାଇଥିବା ଅବିକଳ ଫଟୋକୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ସୌମ୍ୟ ରଞ୍ଜନ ସାହୁଙ୍କ ଦ୍ୱାରା ଅଙ୍କା ଯାଇଥିବା ଫୋଟ ଦେଖି ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଫୋଟୋ ଫ୍ରେମରେ ସାମ୍ବାଦିକ ସିଏଚ ଭଗବତୀ ଆଚାରୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଦିନ ପାଇଁ ଶୋଭାଯାତ୍ରା




ନନ୍ଦପୁର,୨୦।୧୨(ସମିସ): ଡିସେମ୍ବର ୨୫ ବଡ଼ଦିନ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ନନ୍ଦପୁର ସହର। ବଡଦିନ ପାଇଁ ସ୍ଥାନୀୟ ନନ୍ଦପୁର ବ୍ଲକର ଖ୍ରୀଷ୍ଟୀୟ ଭାଇ ଭଉଣୀମାନଙ୍କ ଦ୍ୱାରା ବିରାଟ ଶୋଭାଯାତ୍ରା ବାହାରି ଶନିବାର ସହର ପରିକ୍ରମା କରିଥିଲା। ପରେ ନନ୍ଦପୁର ଆମ୍ବେଦକର ଛକରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାଳକ କିଶୋର କଟିମ୍, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ଗଙ୍ଗାଧର ଖରା, ନନ୍ଦପୁର ପ୍ରେସ କ୍ଲବ୍‌ର ତ୍ରିନାଥ ଖରା, ପାଳକ ଆଶିଷ କୁଲଦୀପ, ସତ୍ୟ ଦାନ ଖୋସଲା, ଅବଶୋଲ ଖେମୁଣ୍ଡୁ, ଶାନ୍ତିଶିଳ ପାତ୍ର, ଶଙ୍କର ବିଡିକା, ଟଙ୍କଧର ଉଲ୍ଲାସ, ଲୟେଶ ଖରା, ଶଶି ଭୂଷଣ ପାତ୍ର, ଉର୍ମିଳା କୁଲଦୀପ, ଅର୍ଜୁନ ସୀସା, ଭୀଷ୍ମ ପାଣି, ଜୈତୀ ଭୂଷଣ ଖରା, ସମ୍ପାଦକ ରମେଶ କୁମାର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରେଭ ବିମଳ ରାଓ ସ୍ମିଥ୍ ପରିଚାଳନା କରିଥିବାବେଳେ ମୋହନ ରାଓ ସ୍ମିଥ ଧନ୍ୟବାଦ ଅର୍ପଣ କରିଥିଲେ।

**● ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା**

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୦।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍‌ରେ ଜୈନିକ ନାବାଳିକାଙ୍କୁ ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୪୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଆଜି ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟର ଭାରପ୍ରାପ୍ତ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ପ୍ରଜ୍ଞା ନଳନୀ ମିଶ୍ର ଏହି ମାମଲାର ଶୁଣାଣି କରିବା ସହ ତାଙ୍କ ରାୟରେ ଅଭିଯୁକ୍ତ ରାଜପାଲମ ଗ୍ରାମର ଲକ୍ଷ୍ମଣ ଦାଡିଆ (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଭାରତୀୟ ଦଣ୍ଡବିଧାନ ଆଇନ ଅନୁଯାୟୀ ସମୁଦାୟ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୪୨ ହଜାର ଟଙ୍କା ଜରିମାନା ଟଙ୍କାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ପ୍ରଦାନ ନ କଲେ ଅଧିକ ୧୪ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ। ମାମଲା ଅନୁଯାୟୀ, ଗତ ୨୦୨୦ ମସିହା ଅଗଷ୍ଟ ୧୬ ତାରିଖରେ ସୁନାବେଡ଼ା ଥାନା ଅଞ୍ଚଳରେ ୧୫ ବର୍ଷିୟା ନାବାଳିକା ନିଜ ବଡବାପାଙ୍କ ଘରକୁ ଚାଲାଚାଲି ଯାଉଥିବା ବେଳେ ସୁନାବେଡ଼ା ହରିଣ ପାର୍କ ନିକଟରେ ଅଭିଯୁକ୍ତ ଲକ୍ଷ୍ମଣ ଏବଂ ଜଣେ ନାବାଳକ ବାଇକ ଯୋଗେ ଆସି ତାଙ୍କ ବଡବାପାଙ୍କ ଘରକୁ ନେଇଯିବେ କହି ନିକଟସ୍ଥ ଏକ ଜଙ୍ଗଲକୁ ନେଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ନାବାଳାକ ବାହାରେ ଜଗି ରହିଥିଲେ। ନାବାଳିକା କୌଣସି ପ୍ରକାରେ ଅଭିଯୁକ୍ତଙ୍କ କବଳରୁ ଖସିଆସି ନିକଟରେ ଏକ ବୁଦା ମୂଳରେ ଲୁଚିଯାଇଥିଲେ। ପରେ ନାବାଳିକା ବହୁ କଷ୍ଟରେ ନିକଟରେ ରହିଥିବା ଏକ ମହିଳାଙ୍କ ଘରକୁ ଯାଇ ଆଶ୍ରୟ ନେଇଥିଲେ। ଫୋନ ମାଧ୍ୟମରେ ନାବାଳିକା ନିଜ ବାପାଙ୍କୁ ଖବର ଦେଇଥିଲେ। ବାପା ଖବର ପାଇବା ପରେ ଥାନାକୁ ଯାଇ ପୁଲିସକୁ ସାଥିରେ ନେଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଘଟଣା ବିଷୟରେ ପରିବାର ଏବଂ ପୁଲିସ ଆଗରେ ବର୍ଣ୍ଣନା କରିଥିଲେ। ସୁନାବେଡ଼ା ଥାନାରେ ଏନେଇ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାର ତଦନ୍ତ ତତ୍କାଳିନ ଏସ୍‌ଆଇ ଭୀମସେନ ନାୟକ ଏବଂ ମୁକୁନ୍ଦ ମେଲେକା କରିଥିଲେ। କୋର୍ଟରେ ୧୨ଜଣ ସାକ୍ଷ୍ୟ ବୟାନ ରେକର୍ଡ କରାଯାଇଥିଲା। ସେହିପରି ଅଭିଯୁକ୍ତଙ୍କ ଠାରୁ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଡ. ଗାୟତ୍ରୀ ଦେବୀ ପରିଚାଳନା କରିଥିଲେ।

## ଓଲଟିଲା ଗୋରୁ ବୋଝେଇ କଣ୍ଟେନର; ୩୦ରୁ ଊର୍ଦ୍ଧ୍ୱ ଗୋରୁ ମୃତ

କୋଟପାଡ,୨୦।୧୨(ସମିସ): କୋରାପୁଟ ଜିଲା କୋଟପାଡ଼ରେ ଘୁମର ପଞ୍ଚାୟତ ପୂର୍ତ୍ତ ବିବାଗ ଜୟପୁରକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକ ଗୋରୁ ବୋଝେଇ କଣ୍ଟେନର ଓଲଟି ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଛି। ଘୋଟଣା ସ୍ଥଳରୁ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛି। ଖବରପାଇ କୋଟପାଡ଼ ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଲାଇଥିବାବେଳେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା, ଗୋରକ୍ଷକ ଦଳ, ଘୁମୋର ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଗୋରୁ ଏହି ଅଞ୍ଚଳରୁ ପ୍ରତ୍ୟେକ ଦିନ ଏଭଳି କଣ୍ଟେନରରେ ଗୋରୁଚାଲାଣ ହେଉଥିବା କୋଟପାଡ଼ ପୁଲିସ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗୋରକ୍ଷକ ସଂଘ ଅଭିଯୋଗ କରିଛନ୍ତି।

## ରାଜସ୍ୱ ମନ୍ତ୍ରୀଙ୍କୁ ଜିଲ୍ଲା ପରିଷଦ ଅଧକ୍ଷାଙ୍କ ଦାବିପତ୍ର



କୋରାପୁଟ,୨୦।୧୨(ସମିସ): ଲୋକ ମହୋତ୍ସବ ପରବର ଦ୍ୱିତୀୟ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ସାକ୍ଷାତ କରି ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସରେ ସୁଶ୍ରୀ ମେଲେକା ଏବଂ କୋରାପୁଟ ପୌର ପରିଷଦ ୩ ନଂ ୱାର୍ଡର କାଉନସିଲର କାଦମ୍ବିନୀ ସେଠୀ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ଏକ ଆଦିବାସୀ ବହୁଳ ପଛୁଆ ଜିଲ୍ଲା, କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ବର୍ତ୍ତମାନ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ବହନ କରୁଛି, ତେଣୁ କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳ ସମେତ ରାୟଗଡା, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲା ସହ ୪ ଲେନ ରାସ୍ତା ସଂଯୋଗ କରିବାକୁ ସୁଶ୍ରୀ ମେଲେକା ଦାବି କରିଛନ୍ତି। ସେହିପରି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ, ଇସିଜି ଟେକ୍ନିସିଆନ, ନର୍ସିଂ ଆଟେନାଣ୍ଟ, ମେଡିକାଲ ଆଟେନାଣ୍ଟ ଭଳି ପାରାମେଡିକାଲ ବିଷୟ ଉପରେ ଶିକ୍ଷାଦାନ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଏହା ବ୍ୟତୀତ କୋରାପୁଟ ଜିଲ୍ଲାରେ ଇଣ୍ଟିଗ୍ରେଟେଡ ବିଏଡ୍ ଶିକ୍ଷା ବ୍ୟବସ୍ଥା, ସରକାରୀ ଫାର୍ମାସୀ କଲେଜ୍, ସେମିଳିଗୁଡାଠାରେ ପ୍ରସ୍ତାବିତ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା ପ୍ରମୁଖ ଦାବି କରିଛନ୍ତି।

**● ଋଣ ପରିଶୋଧ ପରେ ମଧ୍ୟ ଜୋରଜବରଦସ୍ତ**

## ୨ ଟ୍ରକ ନେଇଗଲା ଫାଇନାନ୍ସ ସଂସ୍ଥା, ଥାନାରେ ଅଭିଯୋଗ

ରାୟଗଡ଼ା, ୨୦।୧୨(ସମିସ): ଋଣ ପରିଶୋଧ ପରେ ମଧ୍ୟ ଜୋରଜବରଦସ୍ତ ଟ୍ରକ ନେଇଯିବା ଭଳି ଘଟଣାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଟ୍ରକ ମାଲିକ। ରାୟଗଡ଼ା ସହରର ଜଣେ ଯୁବକ ବି.ରମେଶ ବିଶାଖାପାଟଣା ସ୍ଥିତ ସାଗର ଫାଇନାନ୍ସ ନାମକ ଏକ ଫାଇନାନ୍ସ କମ୍ପାନିରୁ ଋଣ ଆଣି ୩ଟି ଟ୍ରକ ଆଣିଥିଲେ। ଋଣ କିସ୍ତି ବାବଦରେ ମୂଳ ଓ ସୁଧ ମିଶାଇ ୭ ୬ଲକ୍ଷ ଟଙ୍କା ସାଗର ଫାଇନାନ୍ସରେ ପୈଠ ମଧ୍ୟ କରିଥିଲେ। ତେବେ ପରବର୍ତି ସମୟରେ ସମ୍ପୃକ୍ତ ଋଣ କମ୍ପାନୀ ରମେଶଙ୍କୁ ଆଉ ଅତିରିକ୍ତ ୫୦ଲକ୍ଷ ଋଣ ପରିଶୋଧ ବାବଦରେ ମାଗିଥିଲା। ହେଲେ କମ୍ପାନୀ ଠକୁଥିବା ନେଇ ରମେଶ ରାୟଗଡ଼ା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାକୁ ବିଚାର କରି ଡିସେମ୍ବର ୧୧ ତାରିଖରେ ମାମଲା ଫଇସଲା ନହେବା ପର୍ଯ୍ୟନ୍ତ ଗାଡ଼ି ଜବତ ନକରିବା ପାଇଁ ସମ୍ପୃକ୍ତ ସାଗର ଫାଇନାନ୍ସ କମ୍ପାନୀକୁ ନିର୍ଦ୍ଦେଶ ଜାରି କରିଥିଲେ। ତେବେ ସାଗର ଫାଇନାନ୍ସ କର୍ମଚାରୀ ଗିଁ ରୋଡ଼ରେ ରହୁଥିବା ରମେଶଙ୍କ ଡ୍ରାଇଭର ଘର ସମ୍ମୁଖରୁ ଦୁଇଟି ଟ୍ରକ ଜୋର ଜବରଦସ୍ତି ନେଇଯାଇଛନ୍ତି। ଡ୍ରାଇଭର ଓ ରମେଶ ସେମାନଙ୍କୁ ଅଟକାଇବାରୁ ସେମାନଙ୍କୁ ଧମକାଇଥିବା ନେଇ ରମେଶ ରାୟଗଡ଼ାଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଏବଂ ରମେଶ ତାଙ୍କ ୨ଟି ଟ୍ରକ ଫେରି ପାଇନଥିବା କହିଛନ୍ତି। ଏନେଇ ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ପଚାରିବାରୁ ସମ୍ପୃକ୍ତ କମ୍ପାନୀକୁ ଥାନାରେ ହାଜର ହେବା ପାଇଁ ସୂଚନା ଦିଆଯାଇଛି, ସେମାନେ ଆସିଲେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ



କୋରାପୁଟ,୨୦।୧୨(ସମିସ): ସାମ୍ବାଦିକ ସୁନ୍ଦର କୁମାର ପାଣିଙ୍କ ବାପା ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ନରେଶ କୁମାର ପାଣିଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇଛି। ଗଜପତି ଜିଲ୍ଲା ସେରଙ୍ଗ ଗ୍ରାମରେ ଖ୍ରୀଷ୍ଟିଆନ ଧର୍ମ ରୀତିନୀତି ଅନୁଯାୟୀ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ୧୮ ତାରିଖ ରାତିରେ ହଠାତ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ହସପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ପାଣି ଛାତ୍ର ଜୀବନରୁ ସେବା ମନୋବୃତି ଥିବାରୁ ଶିକ୍ଷା ଲାଭ ପରେ ଦେଶ ସେବା କରିବାକୁ ଭାରତୀୟ ସେନା ବାହିନୀରେ ଯୋଗ ଦେଇଥିଲେ। ସେନା ବାହିନୀରେ ଦୀର୍ଘବର୍ଷ ନିୟୋଜିତ ଥିଲେ। ଅବସର ନେବା ପରେ ସେ କୋରାପୁଟ ଜିଲ୍ଲା ସୁନାବେଡ଼ା ଏସବିଆଇରେ ଚାକିରି କରିଥିଲେ।

## କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ପଟ୍ଟାଙ୍ଗି,୨୦।୧୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟିଆର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ସେ ନିଜ ଅଭିଭାଷଣରେ ଉପଯୁକ୍ତ ଶିକ୍ଷା ହିଁ ସମାଜ ପ୍ରତି ଦାୟିତ୍ୱବୋଧର ଚେତନା ଆଣିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କୋଟିଆ ସରପଞ୍ଚ ଲିୟୁଗେମେଲ, ଡିଡବଲ୍ୟୁଓ ସୁନୀଲ ତାଣ୍ଡି, ଗୋଷ୍ଠି ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ, ପ୍ରିନ୍‌ସିପାଲ ଓଏଭି କୋଟିଆ ପ୍ରତାପ ଖାଲକୋ, ବିଦ୍ୟାଳୟର ଏସଏମ୍‌ସି ସୀଙ୍ଗୁରୁ ଗେମେଲ୍, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଟ୍ଟାଙ୍ଗି ଅନିଲ ସେଠି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ଭତରା ବାର୍ଷିକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟବକ୍ତା ଶ୍ରୀ ନାୟକ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର କାର୍ଯ୍ୟନିର୍ଦ୍ଧାରଣରେ ଧୈର୍ଯ୍ୟ, ସାହସ ଓ ସଂଯମତାର ଆବଶ୍ୟକତା ଉପରେ ଆଲୋକପାତ କରି ଆଗାମୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ସୁଧୀର ଗୁଣ୍ଡା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ରୀନା ରନ୍ଧାରୀ, ରଂଜିତା ବରାଳ, ହେମନ୍ତ ସେନ, ନମିତା ପ୍ରଧାନ, ମୋତି ଦାସ, ସରୋଜ ଜେନା, ମୁକୁନ୍ଦ କିଣ୍ଡାଲ, ଗୌରୀଶଙ୍କର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଶପ୍ତ ଗାଁ କାଉକୁଣ୍ଡ

# ନଦୀ ପାର ପାଇଁ ବାଜିରେ ଲାଗୁଛି ଜୀବନ



ବୈପାରୀଗୁଡା,୨୦।୧୨(ସମିସ): ଯାତାୟତ ପାଇଁ ରାସ୍ତା ନାହିଁ। ବିପଦ ସଂକୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଲୋକେ। କେବଳ ଯେ ସେତିକି ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଭଳି ମୌଳିକ ସୁବିଧା ଏହି ଗାଁରେ ଆଜି ପର୍ଯ୍ୟନ୍ତ ପହଞ୍ଚି ନାହିଁ। ଏଠାରେ ସରକାରୀ ଯୋଜନା ସତେ ଯେମିତି ସାତ ସପନ। ସବୁ ସୁବିଧାରୁ ବଞ୍ଚିତ ହୋଇ ଗାଁ ଲୋକେ ଏକ ପ୍ରକାର ଅଭିଶପ୍ତ ଜୀବନ ଯାପନ କରୁଛନ୍ତି । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଚିପାକୁର ପଂଚାୟତ କାଉକୁଣ୍ଡ ଗାଁରେ ଏଭଳି ଦେଖିବାକୁ ମିଳିଛି । କାଉକୁଣ୍ଡ ଗାଁ ଲୋକଙ୍କ ଦୁଃଖ ଧର୍ମଗାଡ ପାହାଡି ନଦୀ। ଏଠାରେ ବିପଦସଂକୁଳ ଅବସ୍ଥାରେ ପାର ହେଉଛନ୍ତି ଲୋକେ। ଏଠାରେ ନଦୀ ପାର ପାଇଁ ଜୀବନ ବାଜିରେ ଲାଗୁଛି । ଛାତିଏ ପାଣିରେ ପ୍ରବେଶ କରି ନଦୀ ପାର ହେଉଛନ୍ତି ଗ୍ରାମବାସୀ। ମହିଳା ହେଉ କି ପୁରୁଷ ହେଉ କିଏ ତ କାଖରେ କୁନି ଛୁଆକୁ ଧରି ପାର ହେଉଛି, ଆଉ କିଏ ତ ମୁଣ୍ଡରେ ଜିନିଷ ଧରି ପାଣି ସୁଅ କାଟି ଆଗକୁ ବଢୁଛି । ଏ ଚିତ୍ର କେବଳ ଆଜି ଗୋଟିଏ ଦିନର ନୁହଁ, ଏଭଳି ଦୀର୍ଘ ବର୍ଷ ଧରି ଅସୁବିଧା ସମ୍ମୁଖୀନ ହେଉଛନ୍ତି ଗାଁ ଲୋକେ। ବର୍ଷା ଋତୁ ଆସିଲେ ଏମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ । ଏଠାରେ ଏମାନେ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାନ୍ତି । କାରଣ ଗାଁ କୁ ଗୋଟିଏ ପଟେ ଜଙ୍ଗଲ ଅନ୍ୟ ପଟେ ନଦୀ ଘାରିରହିଛି । ତଥାପି ବାଧ୍ୟ ହୋଇ ନଦୀ ପାର ହେବାକୁ ପଡେ। ଏହି ଧର୍ମଗାଡ ନଦୀରେ ପାର ସମୟରେ ଗାଁ ୨ ଜଣଙ୍କ ଜୀବନ ଯାଇଛି । ଜରୁରୀ କାଳୀନ ପରିସ୍ଥିତିରେ ଗର୍ଭବତୀ କିମ୍ବା ରୋଗୀଙ୍କୁ ବୁହାହୁଏ। କାଉକୁଣ୍ଡ ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ତ ନିର୍ମାଣ ହୋଇ ନଦୀ ପର୍ଯ୍ୟନ୍ତ ଯାଇଛି କିନ୍ତୁ ନଦୀରେ ପୋଲ ନିର୍ମାଣ ହୋଇ ପାରିନି । ଏଥିପାଇଁ ପୋଲ ପାଇଁ ଦାବୀ କରିଛନ୍ତି ଗାଁ ଲୋକେ। ନଦୀରେ ପୋଲ ନଥିବା ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଗମନଗମ ସୁବିଧା ଗାଁରେ ପହଞ୍ଚି ନାହିଁ। ଗାଁରେ ଦୀର୍ଘ ବର୍ଷ ଧରି ୩୦ରୁ ଅଧିକ କନ୍ଧ ପରିବାର ବସବାସ କରିଆସୁଛନ୍ତି। ହେଲେ ଦୁଃଖର କଥା ସେମାନଙ୍କ ପାଖେ ସରକାରୀ ଯୋଜନା ପହଞ୍ଚିପାରିନାହିଁ। ଗାଁ ଲୋକେ ପାନୀୟ ଜଳ ପାଇଁ ନଦୀ ଉପରେ ଭରସା କରନ୍ତି। ରାତି ପାଇଲେ ଗାଁ ମହିଳା ଗରା ବାଲ୍ଟି ଧରି ପାଣି ପାଇଁ ନଦୀକୁ ବାହାରି ପୋଡ଼ନ୍ତି। ଗାଁରେ ନଳକୂଅ ଅଛି କିନ୍ତୁ ସେଥିରୁ ବାହାରୁଛି ଗଳିଆ ପାଣି। ଆଉ ଶିକ୍ଷା କଥା ନ କହିଲେ ଭଲ। ଗାଁ ରେ ଅଙ୍ଗନବାଡି କେନ୍ଦ୍ର ଗୃହ ଆର୍ଥିକ ବର୍ଷ ୨୦୧୫-୧୬ ଅନୁଯାଇ ନିର୍ମାଣ ଆରମ୍ଭ ହୋଇଛି କିନ୍ତୁ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ। ଯୋ ଦ୍ୱରାକି ବାଧ ହୋଇ ଅଙ୍ଗନବାଡି ଦିଦିଙ୍କ ଘର ପିଣ୍ଡା ରେ ୧୩ ଜଣ ପିଲାଙ୍କୁ ନେଇ କେନ୍ଦ୍ର ଚଲାଉଛନ୍ତି। ସେହିପରି ଗାଁ ରେ ଥିବା ପଢା ପିଲାଙ୍କ ସଂଖ୍ୟା କମ ଯୋଗୁଁ ୨୦୧୯ ମସିହାରେ ବିଦ୍ୟାଳୟ ବନ୍ଦ କଲା ଶିକ୍ଷା ବିଭାଗ କ୍ଷ ନିକଟରେ ୨ କିଲୋମିଟର ଦୂରରେ ଥିବା ବାଗଖଦ୍ରା ସ୍କୁଲ ସହ ଏହି କାଉକୁଣ୍ଡ ବିଦ୍ୟାଳୟକୁ ମିଶା ଯାଇଛି। ଜଙ୍ଗଲ ରାସ୍ତା ଯୋଗୁଁ ଗାଁର ପିଲାଙ୍କୁ ବିଦ୍ୟାଳୟ ପଠାଉନାହାନ୍ତି ଅଭିଭାବକ। ଏବେ ଏହି ଗାଁର ପ୍ରାୟ ୧୭ ପିଲା ଡ୍ରପ୍ ଆଉଟ ହୋଇ ଘରେ ରହି ଶିକ୍ଷାରୁ ବଞ୍ଚିତ ଅଛନ୍ତି ବୋଲି ଗାଁ ଲୋକେ କହିଛନ୍ତ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ଗାଁକୁ କେବେ ଆସନ୍ତି ନାହିଁ । କହିବାକୁ ଗଲେ ଏଠାରେ ସରକାରଙ୍କ ସମସ୍ତ ପ୍ରକାର ମୌଳିକ ସୁବିଧା ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ, ଗମନଗମନ ଆଦି ସୁବିଧା ଅପହଞ୍ଚ। ଏନେଇ ଆମେ ସରପଞ୍ଚ ରାଜୁ ଖିଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନଦୀ ଉପରେ ପୋଲ ନିର୍ମାଣ ହେଲେ କାଉକୁଣ୍ଡ ଗାଁର ଉନ୍ନତି ହେବ। ଗାଁରେ ସବୁ ସୁବିଧା ପହଞ୍ଚି ପାରିବ। ବ୍ରିଜ ପାଇଁ ବୈପାରୀଗୁଡା ବିଡ଼ିଓ ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନା କରାଯାଇଛି। ଅତିଶୀଘ୍ର ବ୍ରିଜ କାମ ଆରମ୍ଭ ହେବ ବୋଲି ପ୍ରତିଶୃତି ମିଳିଛି । କିନ୍ତୁ କାମ ଆରମ୍ଭ ହେଉନି । ଅନ୍ୟପଟେ ଗାଁର କୃପା ଖରା, ଲକ୍ଷ୍ମଣ ଗୋଲରୀ ଖିଲ, ମାଣିକ ଖିଲ, ଦୌମତି ଖରା ପ୍ରମୁଖ ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି ।

# ବଂଶଧାରା ସୃଜନୀ କମିଟି ବୈଠକ



ଗୁଣପୁର,୨୦।୧୨(ସମିସ): ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ସୃଜନୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ମୁଖ୍ୟ ଚିନ୍ମାରି ଭାନୁମତୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାସ ୧୧ ତାରିଖରେ ୱାଟର ବଲ୍, କଳଶ ଚାଲି, ଡାଟ୍ ଗ୍ୟାମ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ଉତ୍ସବ ଚାଲିବା ସମୟରେ ୨୬ ତାରିଖ ସନ୍ଧ୍ୟାରେ ଦକ୍ଷିଣ ଓଡ଼ିଶା ପାରମ୍ପରିକ ନିରାମିଷ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥର ଏହି କାର୍ଯ୍ୟକ୍ରମକୁ ଅଧିକ ଆଦୃତ କରିବାକୁ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦେବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଟି ସସ୍ମିତା ବାଉରୀ, ଚାରୁବାଳା ଶତପଥି, ନନ୍ଦିନୀ ପଣ୍ଡା, ଜୟଶ୍ରୀ ସତପଥି, ଭି. ସର୍ମିଳା, ଉମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଙ୍ଗାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ



ସେମିଳିଗୁଡ଼ା,୨୦।୧୨(ସମିସ): କୋରପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ୍ ସ୍ଥିତ ପୁଙ୍ଗାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ "ଏମିନାନ୍ସ" ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନୁଏଲ୍ ଚନ୍ଦ୍ର ପାଇକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସେମିଳିଗୁଡାର ଆସିଷ୍ଟାଣ୍ଟ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରିୟମ୍ବଦା ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କୁନ୍ଦୁଲିର ସିଆର୍‌ସିସି, ମୁନିବର ସ୍ୱାଇଁ, ପୁଙ୍ଗାର ସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ର ସମ୍ମାନିତ ଅତିଥି ଏବଂ ସମାଜସେବୀ ଶେଖ ଇବ୍ରାହିମ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଫଳତା ହାସଲ କରିବା ପାଇଁ ଭଲ ପାଠ ପଢ଼ିବା ସହ ଖେଳ କୁଦ, ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମମାନଙ୍କରେ ଅଂଶ ଗ୍ରହଣ କରି ନିଜର ସାମଗ୍ରିକ ବିକାଶ କରିବା ପାଇଁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ମାନୁଏଲ୍ ପାଇକ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀ ସିବିଏସ୍‌ଇ ଟପ୍ପର ଅଙ୍କିତ ନିକାଶ ଖୋସଲା ଏବଂ ଦ୍ୱାଦଶ ଶ୍ରେଣୀ ସିବିଏସଇ ଟପ୍ପର ସ୍ୱାର୍କଲିନ ଦାସଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱେତାଲିନ ତିର୍କି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶ୍ରୀମାନ ଆଶୀର୍ବାଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ



ଚନ୍ଦ୍ରପୁର, ୨୦।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆଜି ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଆବିଷ୍କାର କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ଅତିରିକ୍ତ ଶିକ୍ଷା ଅଧିକାରୀ ସିଂଗନା ତାଡ଼ିଙ୍ଗ, ଉମାକାନ୍ତ ମିଶାଲ, ବାଳକୃଷ୍ଣ ବିହାରି, ପିଏମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ ଉପସ୍ଥିତ ଥିଲେ। ବିଜ୍ଞାନ ଗଣିତ କୁଇଜ୍ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ମାନପାତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଦୀପ କୁମାର ଚୌଧୁରୀ, କୈଳାସ ଶବରଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ଧାନ ଓ ମକାର ଅଭାବୀ ବିକ୍ରି; ପ୍ରଶାସନ ଓ ସରକାରଙ୍କ ଉପରେ ବର୍ଷିଲେ ପ୍ରଦୀପ ମାଝି

# ୨ ଦିନରେ ସମାଧାନ ନ ହେଲେ ୨୨ରୁ ୩ ବ୍ଲକ୍‌ରେ ଅଖଚକ ବନ୍ଦ

ନବରଙ୍ଗପୁର/ ଉମରକୋଟ,୨୦।୧୨(ସମିସ):




ନବରଙ୍ଗପୁର ଜିଲାରେ ତେଜୁଛି ଚାଷୀ ଆନ୍ଦୋଳନ। ଧାନ ଓ ମକାର ଅଭାବୀ ବିକ୍ରିକୁ ନେଇ ଜିଲାର ତିନୋଟି ବ୍ଲକରେ ଚକଅଖ ଆସନ୍ତା ୨୨ ତାରିଖରୁ ୨୯ ଯାଏଁ ବନ୍ଦ ରହିବ। ନବରଙ୍ଗପୁର ଜିଲା ଉମରକୋଟ ଦର୍ଗାଗୁଡ଼ା ଠାରେ ତିନୋଟି ବ୍ଲକର ଚାଷୀଙ୍କୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ଯୋଗଦେଇ ଏପରି ସୂଚନା ଦେଇଛନ୍ତି। ବର୍ତ୍ତମାନ ମଣ୍ଡିରେ ଅବବ୍ୟସ୍ଥାକୁ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଉପରେ ସେ ବର୍ଷିଛନ୍ତି। ଓଡ଼ିଶା ସରକାର ବାରମ୍ବାର ପ୍ରତିଶୃତି ସତ୍ତ୍ୱେ ନବରଙ୍ଗପୁର ଜିଲାରେ କେଜିଏ ଧାନ ମଧ୍ୟ ଉଠାଇ ପାରିଲେ ନାହି। ଚାଷୀ ନିରାସ ଓ ହତାଶ ହୋଇ ଆତ୍ମହତ୍ୟା କରିବା ଛଡ଼ା ଆଉ ଅନ୍ୟ ଉପାୟ ନାହିଁ, ଚଳିତ ବର୍ଷର ଧାନ ସରକାର ଆସନ୍ତା ୨୦୨୬ରେ ଉଠାଇବେକି ବୋଲି ପ୍ରଶ୍ନ କରିଛନ୍ତି ପ୍ରଦୀପ ମାଝୀ। ଭାରତ ବର୍ଷରେ ସମଗ୍ର ନବରଙ୍ଗପୁର ଜିଲା ମକାଚାଷ ପାଇଁ ସୁନାମ ରହିଥିବା ବେଳେ ମକା କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାର ୨୪୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି, ହେଲେ ଆମ ଅଞ୍ଚଳର ଚାଷୀ ୧୭୦୦ ରୁ ୧୮୦୦ ଟଙ୍କାରେ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମକା ମିଶନ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି ପୂର୍ବତନ ସାଂସଦ ଶ୍ରୀ ମାଝୀ। ତେଣୁ ଦୁଇ ଦିନ ମଧ୍ୟରେ ଚାଷୀଙ୍କ ସମସ୍ୟାର ସମାଧାନ ନହୁଏ ତେବେ ୨୨ ତାରିଖ ସକାଳୁ ରାଜ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଚାଷୀମାନେ ଧାନ ଓ ମକା ରଖି ବିକ୍ଷୋଭ କରିବେ ଏବଂ ଉମରକୋଟ, ଝରିଗାଁ ଓ ରାଇଘର ବ୍ଲକରେ ଆଗାମୀ ୭ ଦିନ ଅର୍ଥାତ ୨୯ ତାରିଖ ଯାଏଁ ଚକଅଖ ବନ୍ଦ ରହିବ। ସେହିଭଳି ଓଡ଼ିଶା ଓ ଛତିଶଗଡ଼କୁ ସଂଯୋଗ କରୁଥିବା ରାସ୍ତା ବନ୍ଦ କରିଦିଆଯିବ। ଜିଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ବନ୍ଦ କରିଦିଆଯିବ ବୋଲି ପୂର୍ବତନ ସାଂସଦ ପ୍ରଦୀପ କହିଛନ୍ତି। ଅତ୍ୟାବଶ୍ୟକୀୟ ସେବାକୁ ବାଦ ଦିଆଯିବ, ଦୋକାନ ବଜାର ଖୋଲା ରହିବ, ସରକାରୀ ବେସରକାରୀ ସ୍କୁଲ, କଲେଜ ସବୁ ଖୋଲା ରହିବ ବୋଲି କହିଛନ୍ତି। ସରକାର ଯଦି ୨୯ ତାରିଖ ସୁଦ୍ଧା ଚାଷୀଙ୍କ ସମସ୍ୟା ନଶୁଣନ୍ତି ତାହେଲେ ଜିଲ୍ଲା ସାରା ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଚାଷୀ ଭାଇଙ୍କୁ ବଞ୍ଚାଇବାକୁ, ନ୍ୟାୟ ଦେବା ପାଇଁ ସମସ୍ତ ବ୍ୟବସାୟୀ ଅନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡିକୁ ସହଯୋଗ କରିବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାକୁ ପ୍ରଦୀପ ମାଝୀ ଅନୁରୋଧ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଅଶୋକ ମୂର୍ତ୍ତି, ସୁକଦେବ ଗଣ୍ଡ, ପେଣ୍ଡ୍ରା ସ୍ୱାଇଁ, କିଶୋର ସାହୁ, ପ୍ରେମା ପାଣ୍ଡେ, ଦେବି ସିଂ ମାଝି, କୈଳାସ ନାୟକ, ପ୍ରଫୁଲ୍ଲ ପଣ୍ଡା, ଚନ୍ଦନ ବେହେରା, ତପନ ଦେବନାଥ, ଭିକି ନାୟକ, ଶୋଭା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଯୁକ୍ତ ଦୁଇ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଲକ୍ଷ୍ମୀପୁର,୨୦।୧୨(ସମିସ): ଶନିବାର ଲକ୍ଷ୍ମୀପୁର ଯୁକ୍ତ ଦୁଇ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ଗିରିଜା କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଝିନ୍ନ ହିକକା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ଧ୍ୟାନ ଦେଇ ଉତ୍ତମ ମଣିଷ ହେବା ପାଇଁ ନିଜ ଅଭିଭାଷଣରେ କହିଥିଲେ। ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ପାଠ ପଢ଼ା ସହ ସୁସ୍ଥ ମସ୍ତିକ ଓ ସୁସ୍ଥ ଶରୀର ଗଠନ ନିମନ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ରହି ଭଲ ପଢିବା ପାଇଁ ଉପଦେଶ ଦେଇଥିଲେ। ସମାଜସେବୀ ସଙ୍ଗୀତା ମିଶ୍ର ଛାତ୍ରଛାତ୍ରୀଙ୍କୁ ପିତାମାତାଙ୍କୁ ସମ୍ମାନ ଦେବାସହ ଭଲ ମଣିଷଟିଏ ହୋଇ ସମାଜରେ ଠିଆ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା କର୍ମଚାରୀ ହରେକୃଷ୍ଣ ସାହୁ ମହାବିଦ୍ୟାଳୟରେ କ୍ରୀଡା ଶିକ୍ଷକ ତଥା ଅନ୍ୟାନ୍ୟ ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବାକୁ ଲୋକ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଏହି ବାର୍ଷିକ ଉତ୍ସବ ପୂର୍ବରୁ କ୍ରୀଡା, ରଚନା, କୁଇଜ୍ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେଥିରେ ଯେଉଁମାନେ କୃତିତ୍ୱ ହାସଲ କରିଥିଲେ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଯୁକ୍ତ ତିନି ଓ ଦୁଇର ସମସ୍ତ କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମୌତସୀ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ବରିଷ୍ଠ ଅଧ୍ୟାପକ ଡ. ଜଗନ୍ନାଥ ରଥ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ



ମାଲକାନଗିରି,୨୦।୧୨(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି ପରିସରରେ ଦୁଇ ଦିନ ଧରି ଜାରି ରହିଥିବା ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ସମରୋହରେ ମୁଖ୍ୟଅତିଥି ରୂପେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସଭାପତିତ୍ୱରେ ସମାରୋହଟି ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ କାଲିମେଳା ରମେଶ ବରୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଇରପୁଟ ଦିଲ୍ଲୀପ କୁମାର ଗଣ୍ଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଥିଲି ସୁମିତ ବିଶ୍ୱାସ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, ଆବାହକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି ମମତା ସଏ ପ୍ରମୁଖ ମଞ୍ଚାସୀନ ରହି ଥିଲେ। ମୁଖ୍ୟଅତିଥି ବିଧାୟକ ନରସିଂହ ମାଡ଼କାମୀ ନିଜ ଜିଲ୍ଲା ତଥା ରାଜ୍ୟର ଟେକ ରଖିବା ନିମନ୍ତେ କଠିନ ଅଧ୍ୟବସାୟ ସହ ଏକ ବିକଶିତ ଆତ୍ମନିର୍ଭର ରାଷ୍ଟ୍ର ଓ ରାଜ୍ୟର ସ୍ୱପ୍ନ ପୂରଣ ନିମନ୍ତେ ସମସ୍ତେ ସଂକଳ୍ପ ବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସାତଗୋଟି ସବ୍‌ଥିମରୁ ଶ୍ରେଷ୍ଠ ସାତଟି ପ୍ରକଳ୍ପ ରାଜ୍ୟସ୍ତର ନିମନ୍ତେ ଚୟନ କରାଯାଇଥିଲା। ପରିପୋଷଣୀୟ କୃଷିରୁ ଦିବ୍ୟାଭାରତୀ ପାଙ୍ଗି, ବର୍ଜ୍ୟବସ୍ତୁ ପରିଚାଳନାରୁ ଆକାଶ ମଣ୍ଡଳ, ସବୁଜ ଶକ୍ତିରୁ ଶିଉଲି ମିସ୍ତ୍ରୀ, ଉତ୍କୃଷ୍ଟ ବୈଷୟିକ ଜ୍ଞାନ କୌଶଳରୁ ରାହୁଳ ରଏ, ଗାଣିତିକ ଅନୁସୃଜନରୁ ଶୁଭମ କୁମାର ବେହେରା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରୁ ଦୀପିକା ରାଜୁ, ଜଳ ସଂରକ୍ଷଣ ଓ ପରିଚାଳନାରୁ ସଂଜନା ରଙ୍ଗାଧର, ରାଜ୍ୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ନିମନ୍ତେ ଚୟନ ହୋଇଛନ୍ତି। ସେହିଭଳି ମୁକ୍ତ ମଞ୍ଚ କୁଇଜ ଓ ଓରିଗାମୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ କୁନି ବୈଜ୍ଞାନିକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ ବ୍ଲକ୍‌ରୁ ୪୯ ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମଞ୍ଚ ପରିଚାଳନା ବିଜ୍ଞାନ ଶିକ୍ଷକ ସଂଦୀପ୍ତ କୁମାର ଦାସ କରିଥିବା ବେଳେ ସଞ୍ଜୀବ କୁମାର ବୈଦ୍ୟ, ଦେବରାଜ ସେଠୀ, ଶିବ ପ୍ରସାଦ ପାତ୍ର ,ମାନସ ସେନାପତି , ରଞ୍ଜିତ ପରିଜା , ସ୍ମୃତିରେଖା ଓଝା, ଅନିମା ମହାନ୍ତି, ସନ୍ଧ୍ୟାରାଣୀ ମହାପାତ୍ର, ନମିତା ଚାଲାଣ, ଶୁଭଶ୍ରୀ ଶଥପଥୀ, ମମତା ନାୟକ, ଅଙ୍କିତା ସେଠ, ପ୍ରିୟମ୍ବଦା ବିଶ୍ୱାଳ, ଚିରଞ୍ଜୀବ ପଣ୍ଡା, ଦୁର୍ଗାମାଧବ ପାଢ଼ୀ, ଗୁପ୍ତ ଶଙ୍କର ଗନ୍ତାୟତ, ଶରତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର



କୋଷାଗୁମୁଡ଼ା,୨୦।୧୨(ସମିସ): ଜିଲ୍ଲା ଶିକ୍ଷା ବିଭାଗ ନବରଙ୍ଗପୁର ଆନୁକୂଲ୍ୟରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଷାଗୁମୁଡାଠାରେ ଚାଲିଥିବା ଅଷ୍ଟମ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଗୋଷ୍ଠୀ ଶିକ୍ଷାଧିକାରୀ ସମରେନ୍ଦ୍ର ଭୌମିକ, ରେଡ଼କ୍ରସ ପତାକା ଉତ୍ତୋଳନ କରିଥିଲେ। ଆୟୋଜକ ସମ୍ପାଦକ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ହାଲଦାରଙ୍କ ସମେତ ରେଡ଼କ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ଜିଲ୍ଲା ରେଡ଼କ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ, ରେଡ଼କ୍ରସ ଯୁଗ୍ମ ସମ୍ପାଦକ ନଳିନୀ କାନ୍ତ ପାତ୍ର ଏବଂ ସମସ୍ତ କାଉନସେଲର ଓ ଜୁନିୟର୍ସ ଅଂଶଗ୍ରହଣକାରୀଙ୍କୁ ନେଇ ସର୍ବଧର୍ମ ପାର୍ଥନା ପରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ପରେ ପ୍ଲାକାର୍ଡ ନେଇ କୋଷାଗୁମୁଡ଼ା ମୁଖ୍ୟ ରାସ୍ତାରେ ନଗର ପରିକ୍ରମା କରାଯାଇଥିଲା। ପରେ ରାସ୍ତା ପାଶ୍ୱର୍ ଏବଂ ହସ୍ପିଟାଲ, ବିଦ୍ୟାଳୟ ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଜିଲ୍ଲା ରେଡ଼କ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାଥମିକ ଚିକିତ୍ସା ବିଷୟରେ ସମସ୍ତ ଜୁନିଅର୍ସମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଫାଷ୍ଟଏଡ଼ର ସଚେତନତା ସମ୍ପର୍କୀୟ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥଲା। ଏହି ଅବସରରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ହସ୍ତକଳା ପ୍ରଦର୍ଶନୀ ହୋଇଥିଲା। ପରେ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉ ଜିଲ୍ଲା ଶିକ୍ଷାଧିକାରୀ ତଥା ରେଡ଼କ୍ରସ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରେଣ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାଶ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ଗୋଷ୍ଠୀ ଶିକ୍ଷାଧିକାରୀ ସମରେନ୍ଦ୍ର ଭୌମିକ, ଜିଲ୍ଲା ରେଡ଼କ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ଜିଲ୍ଲା ରେଡ଼କ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ହାଲଦାର ମଞ୍ଚାସୀନ ଥିଲେ। ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରେଡ଼କ୍ରସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ନଳିନୀ କାନ୍ତ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ମ୍ୟାଲେରିଆ ଜ୍ୱରରେ ହଷ୍ଟେଲ ଛାତ୍ରଙ୍କ ମୃତ୍ୟୁ

କାଲିମେଳା,୨୦।୧୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚିତ୍ରାଙ୍ଗପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ମ୍ୟାଲେରିଆ ଜ୍ୱରରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ମାଙ୍ଗିଗୁଡ଼ା ଗ୍ରାମର ପ୍ରକାଶ ମାଡକାମୀଙ୍କ ପୁଅ ଦେବା ମାଡକାମୀ ଚିତ୍ରାଙ୍ଗପାଲ୍ଲୀ ବିଦ୍ୟାଳୟର ଛାତ୍ରାବାସରେ ରହି ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ବୁଧବାର ଦିନ ତାଙ୍କ ଦେହ ଅସୁସ୍ଥ ହେବାରୁ ହଷ୍ଟେଲ କର୍ତ୍ତୃପକ୍ଷ ଏମଭି -୫୫ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କୁ ଚିକିତ୍ସା କରାଇଥିଲେ। ପରେ ଦେହ ସୁସ୍ଥ ନ ହେବାରୁ ଗୁରୁବାର ପୁନର୍ବାର ସ୍ଥାନୀୟ ଆଶା ତାଙ୍କ ରକ୍ତ ନମୁନା ପରୀକ୍ଷା କରିବାରୁ ତାଙ୍କୁ ମ୍ୟାଲେରିଆ ଜ୍ୱର ହୋଇଥିବା ଜାଣିବାକୁ ପାଇଥିଲେ। ପରିବାର ବର୍ଗଙ୍କୁ ଖବର ଦେବାରୁ ସେମାନେ ଦେବାକୁ ଶୁକ୍ରବାର ଦିନ ଘରକୁ ନେଇଯାଇଥିଲେ। ଘରେ ପୁଅର ଦେହ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ତାର ଶନିବାର ଭୋର ପ୍ରାୟ ୪ ଟା ସମୟରେ ତାଙ୍କର ମୃତ୍ୟୁ ଘଟିଛି।

# ନୂତନ ଥାନାଧିକାରୀଙ୍କୁ ଉତ୍କଳ ସାମ୍ବାଦିକ ସଙ୍ଘର ସ୍ୱାଗତ ସମ୍ବର୍ଦ୍ଧନା



ମାଲକାନଗିରି,୨୦।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ସ୍ଥିତ ମାଲକାନଗିରି ସଦର ଥାନାରେ ନୂତନ ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି ଆର ବିଜୟ କୁମାର। ତେବେ ସେ କାର୍ଯ୍ୟରେ ଯୋଗ ଦେବା ପରେ ଆଜି କୋରୁକୋଣ୍ଡା ବ୍ଲକ୍ ଉତ୍କଳ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ଓ ସଦସ୍ୟମାନେ ତାଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ନୂତନ ଥାନାଧିକାରୀ ବିଜୟ କୁମାର ସାମ୍ବାଦିକମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ଅଞ୍ଚଳରେ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିବା ସହ ସାମ୍ବାଦିକମାନଙ୍କ ସହଯୋଗ ମଧ୍ୟ ଲୋଡିଥିଲେ। ସୂଚନା ଥାଉ କି, ଶ୍ରୀ ବିଜୟ କୁମାର ପୂର୍ବେ ଦୁର୍ନୀତି ନିବାରଣ ବିଭାଗରେ କାର୍ଯ୍ୟରତ ଥିଲେ। ପୂର୍ବ ଥାନାଧିକାରୀ ହିମାଂଶୁ ଶେଖର ବାରିକଙ୍କ ବଦଳି ପରେ ଶ୍ରୀ ବିଜୟ କୁମାରଙ୍କୁ ବର୍ତ୍ତମାନ କୋରୁକୋଣ୍ଡା ସ୍ଥିତ ମାଲକାନଗିରି ସଦର ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ କାର୍ଯ୍ୟରେ ଯୋଗ ଦେବା ପରେ କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ପ୍ରଦୀପ କୁମାର ମହାରଣା, କୋଷାଧ୍ୟକ୍ଷ ଅବିନାଶ ବେହେରାଙ୍କ ସହ ସାମ୍ବାଦିକ ସୁଧାଂଶୁ ଶେଖର ମହାନ୍ତି, ସୁରେନ୍ଦ୍ର ହାଲବାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ଜୟପୁରରେ ଆରଡିସି କାର୍ଯ୍ୟାଳୟ, ସ୍ୱତନ୍ତ୍ର ସର୍କିଟ ହାଉସ ପ୍ରତିଷ୍ଠା ଦାବି

ଜୟପୁର,୨୦।୧୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ମୁଖ୍ୟ ଏବଂ କେନ୍ଦ୍ରୀୟ ସହର ଜୟପୁରଠାରେ ନୂତନ ଭାବେ ରାଜସ୍ୱ ଡିଭିଜନାଲ କମିଶନ (ଆରଡିସି) କାର୍ଯ୍ୟାଳୟ ଏବଂ ସ୍ୱତନ୍ତ୍ର ସର୍କିଟ ହାଉସ ସ୍ଥାପନ କରିବାକୁ ଜୟପୁର ବିକାଶ ମଞ୍ଚ ପକ୍ଷରୁ ଆଜି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ଜୟପୁରଠାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାର ୪ଟି ଜିଲ୍ଲା ବ୍ରହ୍ମପୁର ଆରଡିସି ଅଧିନରେ ରହିଥିବା ବେଳେ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଦୀର୍ଘ ଦୂରତାରେ ରହିଥିବା ଆରଡିସି କାର୍ଯ୍ୟାଳୟକୁ ଯାତାୟାତରେ ସମସ୍ୟା ଦେଖାଦେଉଛି। ତେଣୁ ଜୟପୁରଠାରେ ଏହା ପ୍ରତିଷ୍ଠା ହେଲେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଜିଲ୍ଲା ସମେତ କଳାହାଣ୍ଡି ଜିଲ୍ଲାକୁ ମଧ୍ୟ ଏଥିରେ ସାମିଲ କରାଗଲେ ସାଧାରଣ ଲୋକମାନେ ସୁବିଧାରେ ଜୟପୁରଠାରେ ପହଞ୍ଚି କାର୍ଯ୍ୟାଳୟ ଠାରେ ନିଜ ନିଜ କାର୍ଯ୍ୟ କରିବାର ସୁବିଧା ପାଇପାରିବେ। ଦୀର୍ଘବର୍ଷ ଧରି ଏହି ଦାବି ରହିଛି, ତେଣୁ ଏହି ଯଥାର୍ଥ ଦାବିକୁ ବିଚାର କରାଯାଇ କାର୍ଯ୍ୟକାରୀ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିବା ସହ ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଏନେଇ ଅବଗତ କରାଇଥିଲେ। ଏଥିସହ ଜୟପୁରରେ ଏକ ସ୍ୱତନ୍ତ୍ର ସର୍କିଟ ହାଉସର ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ମଞ୍ଚର ସାଧାରଣ ସମ୍ପାଦକ ନବକୃଷ୍ଣ ରଥ, ନରସିଂହ ପାଣିଗ୍ରାହୀ, ସୁଧାଂଶୁ ଶେଖର ପଟ୍ଟନାୟକ, ନରସିଂହ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବକ୍ସିଂ ପ୍ରତିଯୋଗିତାରେ ଜୟପୁରର ଯୁବକଙ୍କୁ ସ୍ୱର୍ଣ୍ଣ

ଜୟପୁର,୨୦।୧୨(ସମିସ): ରାଉରକେଲାର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଗତ ୧୮ ଏବଂ ୧୯ ତାରିଖ ଦୁଇଦିନ ଅନୁଷ୍ଠିତ ହୋଇଥିବା ନବମ ସର୍ବୋତ୍କୃଷ୍ଟ ପୁରୁଷ ଓ ମହିଳା ରାଜ୍ୟ ବକ୍ସିଂ ପ୍ରତିଯୋଗିତାରେ ଜୟପୁର ସହରର ଯୁବ ଖେଳାଳି ଅରଜିତ ମହାପାତ୍ର ୯୦ କିଲୋଗ୍ରାମ ଊର୍ଦ୍ଧ୍ୱ ବର୍ଗରେ ଚମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗିତା କୋରାପୁଟ ଜିଲ୍ଲାରୁ ୨ ଖେଳାଳି ଅରଜିତ ୯୦ କିଲୋରୁ ଊର୍ଦ୍ଧ୍ୱ ଏବଂ ବିକାଶ ସାହୁ ୬୦ କିଲୋରୁ ଊର୍ଦ୍ଧ୍ୱ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ସ୍ୱର୍ଣ୍ଣ ବିଜେତା ଖେଳାଳି ଅରଜିତଙ୍କୁ କୋରାପୁଟ ଆର୍ମଚର ବକ୍ସିଂ ସଂଘର ସଭାପତି ଶଶୀଭୂଷଣ ଦାଶ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି।



# ରାଜସ୍ୱ ନିରୀକ୍ଷକ ତାଲିମ ପ୍ରତିଷ୍ଠାନ ଉଦ୍‌ଘାଟିତ



ଜୟପୁର,୨୦।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ଫୁଲବାଡଠାରେ ନବ ନିର୍ମିତ ରାଜସ୍ୱ ନିରୀକ୍ଷକ ତାଲିମ ପ୍ରତିଷ୍ଠାନ ଭବନର ଆଜି ଉଦଘାଟିତ ହୋଇଥିଲା । ରାଜ୍ୟର ଚତୁର୍ଥ ତମ ଏହି ତାଲିମ ପ୍ରତିଷ୍ଠାନ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ରିବନ କାଟି, ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ। ଦୀର୍ଘ ୪ ବର୍ଷ ହେଲାଣି ନିର୍ମାଣ ହୋଇ ଉଦଘାଟନ ଅପେକ୍ଷାରେ ରହିଥିବା ଏହି ୨କୋଟି ୯ ଲକ୍ଷ ଟଙ୍କାରେ ନିର୍ମିତ ଏହି ଭବନରେ ଏକା ସମୟରେ ଅତ୍ୟାଧୁନିକ ଯନ୍ତ୍ରପାତି, ଅନଲାଇନ ବ୍ୟବସ୍ଥା ସହିତ ୨ଟି ସ୍ମାର୍ଟ ପ୍ରଶିକ୍ଷଣ କକ୍ଷ ସମେତ ସମୁଦାୟ ୪୦ଟି କକ୍ଷ ରହିଛି। ଏଠାରେ ଏକା ସଙ୍ଗେ ୭୮ ଜଣ ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିପାରିବେ। ସେହିପରି ୬୦ଟି ବେଡ ବିଶିଷ୍ଟ ପୁରୁଷ ଏବଂ ୪୦ଟି ବେଡ ବିଶିଷ୍ଟ ଦୁଇଟି ପୃଥକ ପୃଥକ ସମୁଦାୟ ୩ କୋଟି ୬୦ ଲକ୍ଷ ଟଙ୍କାର ହୋଷ୍ଟେଲ ଭବନ ନିର୍ମାଣ କରାଯାଇ କାର୍ଯ୍ୟକାରୀ କରାଯାଇଛି। ପ୍ରତିଷ୍ଠାନର ପାଚେରୀ ଏବଂ ଭବନର ସୁରକ୍ଷା ପାଇଁ ସିସି କ୍ୟାମେରାରେ ସଂଲଗ୍ନ କରାଯାଇଛି। ଏହି ଅବସରର ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଏହି ଭବନ କାର୍ଯ୍ୟକାରୀ ହେବା ପରେ କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାର ରାଜସ୍ୱ ନିରୀକ୍ଷକମାନେ ତାଲିମ ଗ୍ରହଣ କରିପାରିବେ। ମନ୍ତ୍ରୀ ଶ୍ରୀ ପୂଜାରୀ ଭବନ ପରିଦର୍ଶନ କରିବା ସହିତ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନଲାଇନ ଏବଂ ମୋବାଇଲ ଆପ ମାଧ୍ୟମରେ ଜମି କିଣାବିକା ବ୍ୟବସ୍ଥା କରାଯିବ। କୌଣସି ବ୍ୟକ୍ତି କାର୍ଯ୍ୟାଳୟକୁ ଯିବାର ଆବଶ୍ୟକ ନାହିଁ, ତହସିଲ କାର୍ଯ୍ୟାଳୟ ଘରକୁ ଘର ବୁଲି ଏହା ଲୋକଙ୍କ ସମସ୍ତ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ପରିସରରେ ବୃକ୍ଷରୋପଣ କରିବା ସହିତ ଏହି ପ୍ରତିଷ୍ଠାନ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେବ ବୋଲି କହିଥିଲେ। ଏଥିରେ କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ ବିଧାୟକ ରୂପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ତାଲିମ ଗ୍ରହଣ କରୁଥିବା ଭାରତୀୟ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ପାତ୍ର, ତହସିଲଦାର ସବ୍ୟସାଚୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିନେତା ଶ୍ରୀନିବାସନଙ୍କ ପରଲୋକ



କୋଚି, ୨୦।୧୨(ଏଜେନ୍ସି): ଲୋକପ୍ରିୟ ମାଲାୟଲମ ଅଭିନେତା ଶ୍ରୀନିବାସନଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଅଭିନେତା ହେବା ସହ ନିର୍ଦ୍ଦେଶକ, ସ୍କ୍ରିନରାଇଟର, ପ୍ରଯୋଜକ ମଧ୍ୟ ଥିଲେ। ସେ ଆଜି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ସମସ୍ୟା ଓ ହୃଦଘାତରେ ପୀଡିତ ଥିଲେ। ସେ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ଉଦୟାମପୁରସ୍ଥିତ ନିଜ ଘରେ ହିଁ ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ଡାଏଲିସିସ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ କୋଚିର ତ୍ରିପୁନିଥୁରାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ହିଁ ସେ ପରଲୋକ ଗମନ କରିଥିଲେ। ୧୯୫୬ ଏପ୍ରିଲ ୬ରେ ସେ କେରଳର ଥାଲାସେରି ନିକଟସ୍ଥ ପଟ୍ଟାୟମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ସ୍କୁଲ ଶିକ୍ଷକ ଓ ମାତା ଜଣେ ଗୃହିଣୀ ଥିଲେ। ପାଠ ପଢ଼ା ସାରିବା ପରେ ସେ ଚେନ୍ନାଇର ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରୁ ସିନେମା ସମ୍ପର୍କରେ ଅଧ୍ୟୟନ କରିଥିଲେ। ନିଜର ସଫଳ କ୍ୟାରିଅରରେ ସେ ୨୨୫ଠାରୁ ଅଧିକ ସିନେମାରେ କାର୍ଯ୍ୟ କରିଛନ୍ତି।

## ଟ୍ରେନ୍‌ରେ କଟି ୩ ମୃତ

କୋଲକାତା, ୨୦।୧୨(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଶନିବାର ସକାଳେ ଟ୍ରେନ୍‌ରେ କଟି ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଘନ କୁହୁଡି କାରଣରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏଥିରେ ୨ ଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏମାନେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତହେରପୁର ରାଲିରେ ଯୋଗ ଦେବାକୁ ବାହରି ଥିଲେ। ଏହି ଦୁର୍ଘଟଣା ତହେରପୁର ଓ ବଡ଼କୁଲ୍ଲା ଷ୍ଟେସନ ମଝିରେ ହିଁ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ୪୦ ଜଣ ବିଜେପି ସମର୍ଥକ ଏକ ବସ ଯୋଗୁଁ ମୁର୍ସିଦାବାଦରୁ ତହେରପୁର ଆସୁଥିଲେ। କିନ୍ତୁ ବସରୁ ୫ଜଣ ଓହ୍ଲାଇ ରେଳ ଲାଇନ ପାର କରି ଯିବାକୁ ପ୍ରୟାସ କରୁଥିଲେ। ହଠାତ ଟ୍ରେନ୍ ଆସିଥିଲା ଓ ଘନ କୁହୁଡି ଯୋଗୁଁ ସେମାନେ ନିଜକୁ ବଞ୍ଚାଇ ପାରିନଥିଲେ। ମୃତକଙ୍କୁ କ୍ରିଷ୍ଣାନଗର ଥାନାକୁ ନିଆଯାଇଛି ଓ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ବିଜେପି ନେତୃତ୍ୱକୁ ସମାଲୋଚନା କରିଛି।

## ତୋଶାଖାନା ଦୁର୍ନୀତି ମାମଲା | ଇମ୍ରାନ, ପତ୍ନୀ ବୁଶ୍‌ରାଙ୍କୁ ୧୭ ବର୍ଷ ଜେଲ୍, ୧୬ କୋଟି ଜରିମାନା

ଇସଲାମାବାଦ୍, ୨୦।୧୨(ଏଜେନ୍ସି): ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପାକସ୍ତାନ ତେହେରିକ-ଇ ଇନ୍‌ସାଫ ପାର୍ଟିର ପ୍ରତିଷ୍ଠାତା ତଥା ସୁପ୍ରିମୋ ଇମ୍ରାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ସରକାରୀ ଉପହାର ଦୁର୍ନୀତି-୨ ମାମଲାରେ ୧୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ଫେଡେରାଲ ଇନଭେଷ୍ଟିଗେସନ ଏଜେନ୍ସି (ଏଫ୍‌ଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ରାୟ ଶୁଣାଇଛନ୍ତି। ଦୁହିଁଙ୍କ ଉପରେ ୧୬.୪ କୋଟି ଟଙ୍କାର ଜରିମାନା ମଧ୍ୟ କରାଯାଇଛି।

ଏହି ମାମଲା ଏକ ଦାମୀ ବୁଲଗାରୀ ଘଡ଼ି ସେଟ୍ ସହିତ ଜଡିତ। ଏହି ଘଡ଼ି ସେଟ୍ ୨୦୧୮ରେ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଇମ୍ରାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଓ ଏହାର ମୂଲ୍ୟ ୨ କୋଟି ଟଙ୍କା ଥିଲା। ତେବେ ଏହି ଉପହାରର ପ୍ରକୃତ ମୂଲ୍ୟ ବିଷୟରେ ଇମ୍ରାନ ପାକିସ୍ତାନ ଅଭିଲେଖାଗାରକୁ ଜଣାଇ ନଥିଲେ। ସେ କହିଥିଲେ ଏହି ଘଡିର ମୂଲ୍ୟ ମାତ୍ର ୫ ଲକ୍ଷ ଟଙ୍କା।



ଫଳରେ ଏହି ଘଡି ପାକିସ୍ତାନ ସରକାରୀ ରାଜକୋଷକୁ ଯାଇପାରି ନଥିଲା। ଇମ୍ରାନ ଏହାକୁ ବ୍ୟକ୍ତିଗତ ଭାବେ ବିକ୍ରି କରିବାକୁ ଚାହୁଁଥିଲେ। ରାୱଲପିଣ୍ଡିର ଆଦିଆଲା ଜେଲ୍‌ରେ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ସ୍ୱତନ୍ତ୍ର ଜଜ୍ ଶାହରୁଖ ଅଞ୍ଜୁମନ୍ ଏହି ରାୟ ଶୁଣାଇଛନ୍ତି।

ଅନ୍ୟଏକ ଦୁର୍ନୀତି ମାମଲାରେ ଇମ୍ରାନ ୨୦୨୩ରୁ ଆଦିଆଲା ଜେଲ୍‌ରେ ରହିଛନ୍ତି। ଇମ୍ରାନ ୭୩ ବର୍ଷୀୟ ହୋଇଥିବାରୁ ଓ ବୁଶରା ଜଣେ ମହିଳା ହୋଇଥିବାରୁ ଦଣ୍ଡ କମ୍ କରାଯାଇଛି ବୋଲି କୁହାଯାଇଛି। ବୁଶରାଙ୍କ କାରଣରୁ ଇମ୍ରାନ ଏହି ଦୁର୍ନୀତି ମାମଲାରେ ଫସି ଯାଇଥିଲେ। ଉପହାର ସ୍ୱରୂପ ମିଳିଥିବା ଘଡ଼ିକୁ ଇମ୍ରାନ ପତ୍ନୀ ବୁଶରାଙ୍କୁ ଦେଇଥିଲେ। ବୁଶରା କିନ୍ତୁ ଏହି ଘଡ଼ିକୁ ନିଜର ଜଣେ ମନ୍ତ୍ରୀଙ୍କ ଦ୍ୱାରା ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ନିୟମ ଅନୁସାରେ ଯଦି କୌଣସି ଉପହାରର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ଏହାକୁ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି କିଣିପାରିବେ। ଯଦି କେହି ନ କିଣନ୍ତି, ତେବେ ଏହାର ନିଲାମୀ ହୋଇଥାଏ। କିନ୍ତୁ ଇମ୍ରାନ ୨ କୋଟି ଟଙ୍କାର ଘଡିର ମୂଲ୍ୟକୁ କେତେବେଳେ ୫ ଓ କେତେବେଳେ ୭ ଲକ୍ଷ ଟଙ୍କା ବୋଲି କହିଥିଲେ। ସେ ଏହି ମୂଲ୍ୟରେ କ୍ରୟ କରି ତାକୁ ପ୍ରକୃତ ମୂଲ୍ୟ ଅର୍ଥାତ୍ ଦୁଇ କୋଟି ଟଙ୍କାରେ ବିକ୍ରି କରିଥିଲେ ଓ ଏହି ମାମାଲାରେ ଫସିଯାଇଥିଲେ। ଉଲ୍ଲେଖଥାଉ କି, ଇମ୍ରାନଙ୍କ ବିରୋଧରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ଚାଲୁଛି। ସେ ୨୦୨୩ ଅଗଷ୍ଟରୁ ଜେଲ୍‌ରେ ରହିଛନ୍ତି। ଦୁର୍ନୀତି ମାମଲାରେ ତାଙ୍କୁ ୧୪ ବର୍ଷ ଜେଲ ହୋଇସାରିଛି। ଏଥିରେ ସରକାରୀ ଉପହାର (ତୋଶାଖାନା ମାମଲା) ବିକ୍ରୟ ଓ ସରକାରୀ ଗୁପ୍ତତଥ୍ୟ ଲିକ୍ ମାମଲା ସାମିଲ ରହିଛି।

## ହାଦିଙ୍କର ଅନ୍ତିମ ସଂସ୍କାରରେ ଭାରତବିରୋଧୀ ସ୍ଲୋଗାନ

ଢ଼ାକା, ୨୦।୧୨(ଏଜେନ୍ସି): ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ପରିଚିତ ଥିବା ଛାତ୍ରନେତାଉସ୍ମାନହାଦିଙ୍କରଆଜିଅନ୍ତିମସଂସ୍କାରକରାଯାଇଛି। ଢାକା ବିଶ୍ୱବିଦ୍ୟାଳୟାରେ ଜାତୀୟ କବି କାଜି ନାଜରୁଲ ଇସଲାମଙ୍କ କବର ନିକଟରେ ତାଙ୍କୁ ସାମାଧି ଦିଆଯାଇଛି। ଏହାପୂର୍ବରୁ ଅପରାହ୍ଣ ୨.୩୦ରେ ସଂସଦ ଭବନର ସାଉଥ ପ୍ଲାଜାରେ ତାଙ୍କ ପାଇଁ ଜନାନା ନମାଜ ପାଠ କରାଯାଇଥିଲା। ତେବେ ଏହି ଅନ୍ତିମ ସଂସ୍କାର ବେଳେ ତାଙ୍କର ସମର୍ଥକମାନେ ଭାରତ-ବିରୋଧୀ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ହାଦିଙ୍କ ହତ୍ୟାକାଣ୍ଡ ପଛରେ ଭାରତର ହାତ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି କାରଣରୁ ହାଦିଙ୍କ ସମର୍ଥକମାନେ ବାଂଲାଦଦେଶର ବିଭିନ୍ନ ସ୍ଥାନରେ ଭାରତୀୟ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି।

ଇତିମଧ୍ୟରେ ଇନ୍‌କିଲାବ ମଞ୍ଚର ନେତା ଅବଦୁଲ୍ଲା ଅଲ ଜାବେର ନାମଜ ପାଠ ପରେ ସମର୍ଥକଙ୍କୁ ଶାହାବାଗ ଯିବାକୁ ଆହ୍ୱାନ୍ନ ଦେଇଥିଲେ। ଆମେ ଶୋକ କିମ୍ବା ଦୁଃଖ ପ୍ରକାଶ କରିବାକୁ ଆସିନାହୁଁ। ଆମେ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କ ହତ୍ୟା ଘଟଣାର ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ସେ କହିଥିଲେ। ଏହି ମାମଲାରେ ସରକାର ଗତ ୨୪ ଘଣ୍ଟା ମଧ୍ୟରେ କି ପଦକ୍ଷେପ ନେଇଛନ୍ତି ସେ ନେଇ ସ୍ୱଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ନମାଜ ପରେ ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ କହିଥିଲେ ଯେ ଯେପର୍ଯ୍ୟନ୍ତ ବାଂଲାଦେଶର ଅସ୍ତିତ୍ୱ ରହିଛି, ସେ ପର୍ଯ୍ୟନ୍ତ ହାଦି ଆମ ହୃଦୟରେ ରହିଥିବେ। ସେ ଜଣେ ଉଦୀୟମାନ ଯୁବ ନେତା ଥିଲେ। ଏହାସହିତ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ହାଦିଙ୍କ ହତ୍ୟାକାରୀଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ ହାଦୀ ସ୍ୱାଧୀନ ପ୍ରାର୍ଥୀ ଭାବେ

- **କାଜି ନଜରୁଲ ଇସ୍‌ଲାମଙ୍କ କବର ନିକଟରେ ସମାଧି**
- **ହିନ୍ଦୁ ଯୁବକଙ୍କ ଭିଡ଼ ହତ୍ୟା ମାମଲାରେ ୭ ଗିରଫ**

ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଥିଲେ। ୟୁନୁସ, ଖାଲେଦା ଜିଆଙ୍କ ବିଏନପି ଏବଂ କଠୋରପନ୍ଥୀ ଜମାତ ଇସଲାମୀ ସହ ତାଙ୍କର ମତାନ୍ତ ଥିଲା। ସେ ପାକିସ୍ତାନ ବା ଅନ୍ୟ କୌଣସି ରାଷ୍ଟ୍ରର ହସ୍ତକ୍ଷେପକୁ ପସନ୍ଦ କରୁନଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।



ଇତିମଧ୍ୟରେ ବାଂଲାଦେଶରେ ଗତକାଲି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ମାମଲାରେ ରାପିଡ ଆକ୍ସନ ବାଟାଲିଅନ (ଆରଏବି) ୭ ଜଣ ଲୋକଙ୍କୁ ଗିରଫ କରିଛି। ଆରଏବି-୧୪ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ ଗିରଫ କରିଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଦୀପୁ ଏକ କାରଖାନାାରେ କାମ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ଉପରେ ତାଙ୍କ ଦିବ୍ୟାଙ୍ଗ ପିତା, ମାତା, ପତ୍ନୀ ଓ ପିଲା ନିର୍ଭର କରୁଥିଲେ। ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, କଂଗ୍ରେସ ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଏହି ଘଟଣାକୁ ନିନ୍ଦା କରିଛନ୍ତି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ମଧ୍ୟ ଏହି ଘଟଣାକୁ ନନ୍ଦା କରିଛି। ଉଲ୍ଲେଖଥାଉ କି, ଆୱାମୀ ଲିଗ୍ ସୁପ୍ରିମୋ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପରେ ଭାରତ- ବିରୋଧୀ ହିଂସା କମିବାର ନା ନେଉନାହିଁ। ହସିନା ଭାରତରେ ଆଶ୍ରୟ ନେଇଥିବାରୁ ତାଙ୍କର ବିରୋଧୀମାନେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି। ନିହତ ଯୁବ ନେତା ହାଦି ମଧ୍ୟ ଭାରତ ବିରୋଧରେ ବିସ୍ଫୋରକ ବୟାନ ଦେଉଥିଲେ।

## ବିପଦରେ ଜମ୍ମୁ-କଶ୍ମୀରର ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ

ଶ୍ରୀନଗର, ୨୦।୧୨(ଏଜେନ୍ସି): ଜମ୍ମୁ-କଶ୍ମୀରର କିସ୍ତୱାରରେ ଚେନାବ ନଦୀ ଉପରେ ନିର୍ମିତ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପକୁ ନେଇ ଏବେ ବିପଦ ସୃଷ୍ଟି ହୋଇଛି। ଜମ୍ମୁ-କଶ୍ମୀର ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପରେ କାର୍ଯ୍ୟରତ ୨୯ଜଣ ଶ୍ରମିକ ଆତଙ୍କବାଦୀଙ୍କ ସମ୍ପର୍କରେ ରହିଛନ୍ତି। ଏହି ଶ୍ରମିକମାନେ ଦେଶ ବିରୋଧୀ ଓ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଏହି ଶ୍ରମିକମାନଙ୍କୁ ନିଯୁକ୍ତ ଦେବାର ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ପୁଲିସ କମ୍ପାନୀକୁ କହିଛି। ଏହି ଶ୍ରମିକମାନେ ଏବେ ପ୍ରକଳ୍ପର ସୁରକ୍ଷା ନେଇ ଗମ୍ଭୀର ବିପଦ ସୃଷ୍ଟି କରିଛନ୍ତି। ଏଭଳି ଶ୍ରମିକଙ୍କ କାର୍ଯ୍ୟକଳାପ ଓ ଗତିବିଧି ଉପରେ କମ୍ପାନୀ ନଜର ରଖିବା ଉଚିତ ବୋଲି କୁହାଯାଇଛି। ଏହି ୮୫୦ ମେଗାୱାଟ୍‌ର ପ୍ରକଳ୍ପ ନ୍ୟାସନାଲ ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ (ଏନ୍‌ଏଚ୍‌ପିସିଏଲ୍) ଓ ଜମ୍ମୁ-କଶ୍ମୀର ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ କରାଯାଉଛି। ୩, ୭୦୦ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ (ଏମ୍‌ଇଆଇଏଲ)କୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୨୯ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ସକ୍ରିୟ ଥିବା କିମ୍ବା ଆତ୍ମସମର୍ପଣ କରିଥିବା ଆତଙ୍କବାଦୀଙ୍କ ସମ୍ପର୍କୀୟ ବୋଲି ପୁଲିସ ଭେରିଫିକେଶନରେ ଜାଣିବାକୁ ପାଇଥିଲା। ଜଣେ କର୍ମଚାରୀଙ୍କ ଦାଦା ହିଜବୁଲ ମୁଝାହିଦ୍ଦିନର ଆତଙ୍କବାଦୀ ମହମ୍ମଦ ଅମିନ ବୋଲି ଜଣାପଡ଼ିଛି। ଏମ୍‌ଇଆଇଏଲ କମ୍ପାନୀ ମଧ୍ୟ ଏ ନେଇ ନିଜର ସ୍ୱଷ୍ଟୀକରଣ ଦେଇଛି। ଶ୍ରମିକମାନେ ନିଜେ ଆତଙ୍କବାଦୀ ହୋଇ ନଥିବାରୁ ସେମାନଙ୍କୁ ହଟାଇବା କଷ୍ଟକର। ଏମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଆପରାଧିକ ମାମଲା ନାହିଁ। ତେବେ ଏମାନଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ଏମ୍‌ଇଆଇଏଲ ପୁଲିସକୁ ଆଶ୍ୱାସନା ଦେଇଛି।

## ଯାତ୍ରୀଙ୍କୁ ମାଡ଼ମାରି ପାଇଲଟ ନିଲମ୍ବିତ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରର ଟର୍ମିନାଲ-୧ରେ ଦାୟିତ୍ୱରେ ନଥିବା ଜଣେ ପାଇଲଟ ଶୁକ୍ରବାର ଅଙ୍କିତ ଦିୱାନ ନାମକ ଜଣେ ଯାତ୍ରୀଙ୍କ ସହ ମାଡ଼ପିଟ୍ କରି ତାଙ୍କୁ ଲହୁଲୁହାଣ କରିଥିଲେ। ଏହାପରେ ଅଙ୍କିତ ସାମାଜିକ ଗଣମାଧ୍ୟମରେ ନିଜ ସହିତ ହୋଇଥିବା ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ ନିଜର ଆହତ ହୋଇଥିବା ରକ୍ତାକ୍ତ ଚେହେରା ଓ ପାଇଲଟଙ୍କ ପୋଷାକ ମଧ୍ୟ ପୋଷ୍ଟ କରିଥିଲେ। ଘଟଣା ସାମ୍ନାକୁ ଆସିବା ମାତ୍ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଏୟାର ଇଣ୍ଡିଆର ସମ୍ପୃକ୍ତ ପାଇଲଟ ବୀରେନ୍ଦ୍ର ସେଜୱାଲଙ୍କୁ ନିଲମ୍ବିତ କରାଯାଇଛି।



ପାଇଲଟ ଡ୍ୟୁଟିରେ ନଥିଲେ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। ସେ ଅନ୍ୟଏକ ବିମାନର ଯାତ୍ରୀ ଥିଲେ। ଆମେ ତାଙ୍କୁ ଦାୟିତ୍ୱରୁ ହଟାଇଛୁ ଓ ତଦନ୍ତ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଘଟଣା ପରେ ଅଙ୍କିତ ଦିୱାନ ଏହି ଘଟଣା ପରେ ଏକ ପୋଷ୍ଟ ଲେଖିଛନ୍ତି। ଏହି ମାମଲାକୁ ରଫାଦଫା କରିବା ପାଇଁ ମୋ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଜବରଦସ୍ତି ମୋ ଦ୍ୱାରା ଏକ ଚିଠି ଲେଖାଯାଇଥିଲା। ଯଦି ମୁଁ ଏପରି ନ କରିଥାନ୍ତି ତେବେ, ମୋତେ ବିମାନ ଯାତ୍ରାରୁ ବଞ୍ଚିତ ହେବାକୁ ପଡ଼ିଥାନ୍ତା ବୋଲି ସେ କହିଛନ୍ତି।

## ୨୪ରେ ଇସ୍ରୋ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍‌କ୍ଷେପଣ କରିବ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଖ୍ରୀଷ୍ଟମାସ ପୂର୍ବରୁ ଆସନ୍ତା ୨୪ ତାରିଖରେ ତା'ର ସବୁଠାରୁ ଶକ୍ତିଶାଳୀ ରକେଟ ମହାକାଶକୁ ଛାଡିବ ବୋଲି ଘୋଷଣା କରିଛି। ଏହାକୁ ଇସ୍ରୋର ବାହୁବଳୀ ରକେଟ ବା ଏଲ୍‌ଭିଏମ୍‌୩ (ଲଞ୍ଚ ଭେଇକଲ ମାର୍କ-୩) ବୋଲି କୁହାଯାଉଛି। ଏହି ରକେଟ ମାଧ୍ୟମରେ ଆମେରିକର ବ୍ଲ୍ୟୁବାର୍ଡ ବ୍ଲକ-୨ ନାମକ ଏକ ବିଶାଳ ବାଣିଜ୍ୟିକ ଉପଗ୍ରହକୁ ମହାକାଶକୁ ପଠାଯିବ। ଏହି ରକେଟର ଉଚ୍ଚତା ୪୩ ମିଟର ଓ ଓଜନ ୬୪୦ ଟନ ବୋଲି କୁହାଯାଇଛି। ଏହି ରକେଟ ୮, ୦୦୦ କେଜି ଓଜନର ଜିନିଷକୁ ଲୋ ଆର୍ଥ ଅର୍ବିଟକୁ ନେଇ ପାରିବ। ବ୍ଲ୍ୟୁବାର୍ଡ ବ୍ଲକ-୨ ଉପଗ୍ରହର ଓଜନ ପାଖାପାଖି ୬.୫ ଟନ ବୋଲି କୁହାଯାଇଛି। ୨୪ ତାରିଖ ୮.୫୪ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ୍ ପ୍ୟାଡରୁ ଏହାକୁ ଛଡ଼ାଯିବ। ଦେଶବ୍ୟାପୀ ଥିବା ମହାକାଶପ୍ରେମୀ ଏହି ଉଦ୍‌କ୍ଷେପଣ ପ୍ରକ୍ରିୟାର ସିଧାପ୍ରସାରଣ ଦେଖିପାରିବେ। ଏହି ମିଶନ ଏଲଭିଏମ୍-୩ ରକେଟର ଷଷ୍ଠ ଉଡାଣ କାର୍ଯ୍ୟକ୍ରମ ହେବ। ଇସ୍ରୋ ଏବେ ଏହାଠାରୁ ଅଧିକ ଶକ୍ତିଶାଳୀ ରକେଟ 'ସୂର୍ଯ୍ୟ (ଏନ୍‌ଜିଏଲ୍‌ଭି)' ଉପରେ କାର୍ଯ୍ୟ କରୁଛି। ଏହାର ଉଚ୍ଚତା ୯୨ ମିଟର ହେବ ଓ ଭବିଷ୍ୟତରେ ଏହା ଚନ୍ଦ୍ର ଅଭିଯାନରେ ସହାୟକ ହେବ। ଏହି ଐତିହାସିକ ମୁହୂର୍ତ୍ତକୁ ଶ୍ରୀହରିକୋଟାରେ ଥିବା ଲଞ୍ଚ୍ ଭେଇକଲ ଗ୍ୟାଲେରୀରରେ ସିଧାସଳଖ ଦେଖିହେବ। ଏହାକୁ ୟୁଟ୍ୟୁବ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିହେବ।

## ଆମେରିକା ଆକ୍ରମଣରେ ୭୦ ଆଇଏସ୍ ଆଡ୍ଡା ଧ୍ୱଂସ

ଡମାସ୍କସ, ୨୦।୧୨(ଏଜେନ୍ସି): ଆମେରିକା ଶୁକ୍ରବାର ପଶ୍ଚିମ ଏସିଆ ଦେଶ ସିରିଆରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ସହିତ ଜଡିତ ୭୦ଟି ଠିକଣା ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଛି। କିଛିଦିନ ତଳେ ସିରିଆରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜଣେ ଟ୍ରାନ୍ସଲେଟରଙ୍କୁ ମାରିଦିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ମୃତ୍ୟୁବରଣ କରିଥିବା ଦୁଇ ଆମେରିକୀୟ ସୈନିକ ଆୟୋବା ରାଜ୍ୟର ବାସନ୍ଦା। ଆୟୋବା ରାଜ୍ୟକୁ 'ହକ୍‌ଆଇ ଷ୍ଟେଟ୍' କୁହାଯାଇଥାଏ। ଏଥିପାଇଁ ଏହା 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ଆମେରିକା କହିବା ଅନୁସାରେ ଆତଙ୍କବାଦୀ ରହୁଥିବା ଠିକଣା ଅସ୍ତ୍ରଶସ୍ତ୍ର ରଖାଯାଉଥିବା ଗୋଦାମ ଉପରେ ହିଁ ଆକ୍ରମଣ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଅପରେସନ ନେଇ ନିଜର ପ୍ରତିକ୍ରିୟା ପକାଶ କରିଛନ୍ତି। ନିଜ ପ୍ରତିଶ୍ରୁତି ପୂରଣ କରିଛି ବୋଲି ସେ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟି ହେଗସେଥ କହିଛନ୍ତି ଯେ, ପ୍ରତିଶୋଧ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହା କୌଣସି ନୂଆ ଯୁଦ୍ଧର ଆରମ୍ଭ ନୁହଁ ବୋଲି ସେ ସ୍ୱଷ୍ଟ କରିଛନ୍ତି। ଯେଉଁମାନେ ଆମେରିକା ସୈନ୍ୟକୁ ମାରିଛନ୍ତି ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଥିଲା ବୋଲି ସେ ସ୍ୱଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ନିଜ ନାଗରିକ ତଥା ସୈନ୍ୟଙ୍କ ରକ୍ଷା ପାଇଁ କେବେ ପଛକୁ ହଟିବା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଡିସେମ୍ବର ୧୩ରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜେଟ ଟ୍ରାନ୍ସଲେଟରଙ୍କୁ ଆକ୍ରମଣ କରାଯାଇ ମାରି ଦିଆଯାଇଥିଲା। ଅବଶ୍ୟ ଆଇଏସ୍‌ଆଇଏସ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନଥିଲା। ଏହାପରେ ଆମେରିକା କିଛି ଜବାବ ଦେବ ବୋଲି ଆଶଙ୍କା ମଧ୍ୟ କରାଯାଉଥିଲା। ଆକ୍ରମଣକାରୀଙ୍କୁ ଆମେରିକା ଜବାବ ଦେଉଛି ବୋଲି ଟ୍ରମ୍ପ କହିଛନ୍ତି।

## ଅନୁପ୍ରବେଶକାରୀଙ୍କୁ କିଏ ଦେଉଥିଲା ଶରଣ?

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ବର୍ଷ ବର୍ଷ ଧରି କଂଗ୍ରେସ କରିଥିବା ତ୍ରୁଟିକୁ ଆମେ ସୁଧାରିବାକୁ ପ୍ରୟାସ କରୁଛୁ। ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ଯୋଜନାବଦ୍ଧ ଭାବେ ଶରଣ ଦେଉଥିଲା। କିନ୍ତୁ ଆମେ ସେମାନଙ୍କୁ ହଟାଇବାକୁ ପ୍ରୟାସ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୌହାଟୀର ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। କଂଗ୍ରସ ସବୁବେଳେ ଆସାମର ବିରୋଧରେ କାର୍ଯ୍ୟ କରିଆସୁଛି। ଅନୁପ୍ରବେଶକାରୀଙ୍କୁ ଶରଣ ଦେବା ଫଳରେ ରାଜ୍ୟରେ ଜନସଂଖ୍ୟାରେ ଆଶାତୀତ ପରିବର୍ତ୍ତନ ହୋଇଛି। ଏବେ ଏହା ଆସାମର ସୁରକ୍ଷା ସାଙ୍ଗକୁ ରାଜ୍ୟର ପରିଚୟକୁ ବିପଦରେ ପକାଇଛି। ଏହିକ୍ରମରେ ସେ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଦେଶ ବିରୋଧୀ ଲୋକଙ୍କ କବଳରୁ ସରକାର ଆସାମର ସମ୍ବଳକୁ ମୁକ୍ତ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ମୋଦୀ ଦୁଇଦିନିଆ ଗସ୍ତରେ ଆସାମ ଯାଇଛନ୍ତି। ସେ ଗୌହାଟୀରେ ଲୋକପ୍ରିୟ ଗୋପୀନାଥ ବୋର୍ଦୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ଟର୍ମିନାଲ ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ପ୍ରଥମ ପ୍ରକୃତି-ଥିମ୍ ବିଶିଷ୍ଟ ବିମାନ ବନ୍ଦରର ଟର୍ମିନାଲ ବିବେଚିତ ହେଉଛି। ଏହାର ଥିମ୍ ବାଉଁଶ ବଗିଚା ଉପରେ ନିର୍ମିତ ହୋଇଛି। ମୋଦୀ ରବିବାର ଆସାମରେ ୧୫, ୬୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।



ଏହା ପୂର୍ବରୁ ସେ ଗୋପୀନାଥ ବୋର୍ଦ୍ଦୋଲୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପୂର୍ବରୁ ସେ ପଶ୍ଚିମବଙ୍ଗରେ ରାଲିରେ ଯୋଗ ଦେଇ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାର ଜନତାଙ୍କୁ ଲୁଟପାଟ୍ କରିବା ସହ ଡରାଇବାର ସବୁ ସୀମା ପାରକରିଛି।

## ଧରାପଡ଼ିଲା କ୍ଲିଣ୍ଟନଙ୍କ କାରନାମା; ଏପ୍‌ଷ୍ଟିନ ଫାଇଲରୁ ଟ୍ରମ୍ପ ଗାଏବ୍

ୱାସିଂଟନ, ୨୦।୧୨ (ଏଜେନ୍ସି): ବିଶ୍ୱରେ ଚହଳ ପକାଇଥିବା ବହୁ ଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲ ଖୋଲିଛି। ଏହା ଅନେକ ବଡ଼ ବଡ଼ ବ୍ୟବସାୟୀ, ନେତା ଓ ସେଲିବ୍ରିଟିଙ୍କ କଳା କାରନାମାର ଗୁମର ଖୋଲି ଦେଇଛି। ଭାରତୀୟ ସମୟ ଶୁକ୍ରବାର ରାତି ୨ଟା୩୦ରେ ଆମେରିକା ନ୍ୟାୟ ବିଭାଗ ଏହି ଯୌନ କେଲେଙ୍କାରୀରେ ଯୌନ ପିପାସୁ ଏପଷ୍ଟିନଙ୍କ ସହ ଜଡ଼ିତ ୩ ଲକ୍ଷ ଦଲିଲକୁ ୭ଟି ସେଟ୍‌ରେ ଜାରି କରିଛି। ଆହୁରି କିଛି ଫାଇଲ ଜାରି କରାଯିବ ବୋଲି କୁହାଯାଇଛି। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନେକ ହାଇପ୍ରୋଫାଇଲ ବ୍ୟବସାୟୀ, ସେଲିବ୍ରିଟି, ଶିକ୍ଷାବିତ ଏବଂ ରାଜନେତାଙ୍କ ନାମ ରହିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ପପ୍ ସିଙ୍ଗର ମାଇକେଲ ଜ୍ୟାକସନ, ହଲିଉଡ ଅଭିନେତା କ୍ରିସ ଟକ୍କର, କେଭିନ ସ୍ପେସି, ଆମେରିକୀୟ ଉପସ୍ଥାପକ ଓପ୍ରା ୱିନଫ୍ରେ, ଆରବପତି ରିଚାର୍ଡ ବ୍ରେସନନ, ବ୍ରିଟେନ ରାଜକୁମାର ଆଣ୍ଡ୍ରୁ ଏବଂ ତାଙ୍କ ପତ୍ନୀ ସାରା ଫର୍ଗୁସନ ପ୍ରମୁଖ ସାମିଲ ଅଛନ୍ତି। ଏହି ଦଲିଲର ପ୍ରଥମ ୭ ପୃଷ୍ଠାରେ ମସାଜ ଦେଉଥିବା ୨୫୪ ମହିଳାଙ୍କ ନାମ ରହିଛି। ତେବେ ସେମାନଙ୍କ ପରିଚୟ ପ୍ରକାଶ କଲେ ବିପଦ ଥିବାରୁ ମୁହଁକୁ କଳା କରିଦିଆଯାଇଛି।

କିଛି ଫଟୋରେ ଯୁବତୀଙ୍କ ସହ କ୍ଲିଣ୍ଟନ ଗାଧୋଉଥିବା ଏବଂ ପାର୍ଟି କରୁଥିବା ଦେଖାଯାଉଛି। ଆଉ କିଛି ଫଟୋରେ ସେ ଯୁବତୀଙ୍କ ସହ ହଟ୍-ଟବରେ ନଜର ଆସୁଛନ୍ତି। କିନ୍ତୁ ଉକ୍ତ ଯୁବତୀଙ୍କ ଫଟୋକୁ କଳା କରିଦିଆଯାଇଛି। ଅନ୍ୟ ଏକ ଫଟୋରେ ଏପଷ୍ଟିନଙ୍କ ସହଯୋଗୀ ଘିସଲାନୀ ମାକ୍ସୱେଲଙ୍କ ସହ କ୍ଲିଣ୍ଟନ ପହଁରୁ ଥିବା ଦେଖାଯାଉଛି। ସେହିପରି ମିକି ଜାଗର ଏବଂ ମାଇକେଲ ଜ୍ୟାକସନଙ୍କୁ ଏକାଠି ଦେଖିବାକୁ ମିଳୁଛି। ବ୍ରିଟିଶ ଯୁବରାଜ ଆଣ୍ଡ୍ରୁ ୫ ମହିଳାଙ୍କ କୋଳରେ ଶୋଇଥିବା ଦେଖାଯାଉଛି। ତାଙ୍କ ପତ୍ନୀ ସାରାଙ୍କୁ ଅନ୍ୟ ଜଣେ ମହିଳାଙ୍କ ସହ ଦେଖାଯାଇଛି। ଏପଷ୍ଟିନର କୋଳରେ ନାବାଳିକା ବସିଥିବା ନଜର ଆସୁଛି। ଏପିଷ୍ଟନ ଫାଇଲକୁ ୪ଟି ସେଟ୍‌ରେ ଜାରି କରାଯାଇଛି। ଏଥିରେ ୩.୫୦୦ରୁ ଅଧିକ ଫାଇଲ ଏବଂ ୨.୫ ଜିବିର ଫଟୋ ସାମିଲ ରହିଛି। ୯୫ ହଜାରରୁ ଅଧିକ ଫଟୋ ଥିବା କୁହାଯାଉଛି। ଏହି ଖୁଲାସାର କି ପ୍ରଭାବ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ। ତେବେ ଜାତୀୟ ସୁରକ୍ଷା ସହ ଜଡ଼ିତ ଥିବାରୁ ଆଉ କିଛି ଫାଇଲକୁ ରୋକି ଦିଆଯାଇଛି ବୋଲି

- **ଯୁବତୀଙ୍କ ସହ ହଟ୍-ଟବରେ ବିଲ୍ କ୍ଲିଣ୍ଟନ**
- **ମାଇକେଲ ଜ୍ୟାକ୍‌ସନଙ୍କ ଫଟୋ ଭାଇରାଲ**

ଆମେରିକା ନ୍ୟାୟ ବିଭାଗ କହିଛି। ଫାଇଲ୍ସରେ ଥିବା କଣ୍ଟାକ୍ଟ ବୁକ୍‌ରେ ଟ୍ରମ୍ପଙ୍କ ନାମ ମଧ୍ୟ ରହିଛି। ତେବେ ଏହି ବୁକ୍ କାହାର ତାହା ଜଣାପଡ଼ି ନାହିଁ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ଯୌନ ଅପରାଧୀ ଏପଷ୍ଟିନର ଘନିଷ୍ଠ ସହଯୋଗୀ ଥିଲେ। ସେ ଅନେକ ମାସ ପର୍ଯ୍ୟନ୍ତ ଏହି ଫାଇଲକୁ ଜାରି ନ କରିବା ପାଇଁ ଲଢେଇ ଲଢ଼ି ଥିଲେ। ମାତ୍ର ଯୌନକର୍ମୀ ଚାଲାଣ ମାମଲାରେ ଜେଲ୍‌ରେ ଥିବାବେଳେ ୨୦୧୯ରେ ନ୍ୟୁୟର୍କ ଜେଲ୍‌ରେ ଏପଷ୍ଟିନ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। କିନ୍ତୁ ସେ ସମୟରେ ଜେଲ୍‌ର ସ୍ଥିତିକୁ



ଦେଖିଲେ ଏହା ହତ୍ୟାକାଣ୍ଡ ଭଳି ମନେ ହୁଏ। କାରଣ ଏହି ଘଟଣା ଦିନ କୌଣସି ସିସିଟିଭି କାମ କରୁ ନ ଥିଲା। କୌଣସି ସୁରକ୍ଷାକର୍ମୀ ସେଲ୍ ଭିତରେ ନ ଥିଲେ। ତେଣୁ ଏହି ମାମଲାକୁ ଚପାଇବା ପାଇଁ ଜେଲ୍‌ରେ ଏପଷ୍ଟିନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।

ଏହି ଏପଷ୍ଟିନ ଫାଇଲ ଜାରି କରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ପଡ଼ିଥିଲା। ବିରୋଧୀଙ୍କ ସହିତ ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ ମଧ୍ୟ ଏହା ସପକ୍ଷରେ ଗୃହରେ ଭୋଟ କରିଥିଲା। ବହୁମତରେ ବିଲ୍ ପାରିତ ହୋଇଥିବା ଟ୍ରମ୍ପ ଏହାକୁ ରୋକି ପାରି ନ ଥିଲେ। ଏଥିପାଇଁ ବ୍ରିଟେନ ରାଜା ମଧ୍ୟ ଚାପ ପକାଇଥିବା କୁହାଯାଉଥିଲା। ସେଥିପାଇଁ ଟ୍ରମ୍ପ ବ୍ରିଟେନ ଗସ୍ତରେ ଯାଇ ରାଜା ଚାର୍ଲ୍ସଙ୍କୁ ଭେଟିଥିଲେ। କିନ୍ତୁ ଏହାର କୌଣସି ଲାଭ ମିଳି ନ ଥିଲା। ଏହି ଫାଇଲରେ ବ୍ରିଟେନ ଯୁବରାଜ ଆଣ୍ଡ୍ରୁଙ୍କ ନାମ ରହିଛି। ପରିବାର ଇଜ୍ଜତ ତଳେ ପଡ଼ିଯିବ ବୋଲି ବ୍ରିଟେନ ରାଜା ମଧ୍ୟ ଏହାକୁ ରୋକିବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି।



# ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପରିବାର ଛାଡ଼ି ଅନେକ ବାହାରକୁ ଆସନ୍ତି। କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ କିଏ ଚାକିରି କରିବା ଉଦ୍ଦେଶ୍ୟରେ। ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ। ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ। ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଯେଉଁଥିରେ ଭରପୂର କମେଡି ଅଛି। ବିଶେଷକରି ଏହି କାହଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛି। 'ଲକ୍ଷେଶ୍ୱର ପ୍ରଡ଼କସନ୍' ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି। 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୁମନ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି। ■


# ବ୍ରହ୍ମପୁରର ପର୍ଶୁ

କେକେ ଜଣେ ଉଚ୍ଚକୋଟୀର ଅଭିନେତା। ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ନିଆରା ଛାପ ଛାଡ଼ି ଯାଆନ୍ତି। ଆଗାମୀ ଚଳଚ୍ଚିତ୍ର 'ଲଢେଇ'ରେ ତାଙ୍କୁ ସେମିତି ଏକ ଦମ୍‌ଦାର ଚରିତ୍ର ମିଳିଛି। ପର୍ଶୁ ଜେନା ଯିଏ କି ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ। ବ୍ରହ୍ମପୁର ସହର ତା' କଥାରେ ଚାଲେ। ରାଜନୈତିକ ମହଲରେ ବି ତା'ର ବେଶ୍ ଭଲ ହାତ। ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡ଼ି ପର୍ଶୁ ଜେନା ଗ୍ୟାଙ୍ଗରେ ଯୋଗ ଦିଅନ୍ତି। ପର୍ଶୁ ସେମାନଙ୍କୁ ଶରଣ ଦିଏ, କାମ ଦିଏ। କିନ୍ତୁ ଏଭଳି ସମୟ ଆସେ ସେମାନେ ପର୍ଶୁଙ୍କୁ ଆଉ ମାନନ୍ତି ନାହିଁ। ଏଇଠାରୁ କାହାଣୀ ମୋଡ଼ ନିଏ। ଆଗକୁ କ'ଣ ଘଟେ, ତାହା ଫିଲ୍ମ ଦେଖିଲା ପରେ ଦର୍ଶକେ ଜାଣି ପାରିବେ। ଡିସେମ୍ବର ୩୧ରେ ସିନେମା 'ଲଢ଼େଇ' ମୁକ୍ତିଲାଭ କରୁଛି। ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି କେକେ କହିଛନ୍ତି। ■



# ଏଥର '୪ ଇଡିୟଟ୍ସ'

ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରୀ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି। ଏହାରି ଭିତରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା। ଏବେ ନିର୍ମାତା ଏହାର ସିକ୍ୱେଲର ଅସ୍ଥାୟୀ ନାମକରଣ କରିଛନ୍ତି। ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି। ଆଗକୁ ଏହାର ନାଁରେ




ପରିବର୍ତ୍ତନ ବି ହୋଇପାରେ। ଯଦିଓ ସିକ୍ୱେଲର କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି, ତଥାପି ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କୁହାଯାଉଛି। ସେହିପରି ସିକ୍ୱେଲରେ ଚତୁର୍ଥ ଇଡିୟଟ୍‌ର ସନ୍ଧାନରେ ଏବେ ଏହାର ନିର୍ମାତା ଅଛନ୍ତି। ପ୍ରଥମ ଭାଗ ତୁଳନାରେ ଏହାର ସିକ୍ୱେଲ ଯେଭଳି ଅଧିକ ଭଲ ହେବ, ସେ ଦିଗରେ ପ୍ରଚେଷ୍ଟା ଚାଲିଛି। ଅନ୍ୟପଟେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ଅମିର ଖାନ୍, ଆର୍ ମାଧବନ, ଶରମନ ଯୋଶୀ ଏବଂ କରିନା କପୁର ସାମିଲ ଥିଲେ। ବକ୍ସ ଅଫିସ୍‌ରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା। ■

# ଫି' ପାଇଁ ଚର୍ଚ୍ଚାରେ ସନ୍ନି



ଖୁବ୍ ଶୀଘ୍ର ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨'। ଏହା ୧୯୯୭ ମସିହାରେ ସୁପରହିଟ୍ ଫିଲ୍ମ 'ବର୍ଡର'ର ସିକ୍ୱେଲ। ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ତେବେ ଫିଲ୍ମର ମୁଖ୍ୟ ଚରିତ୍ରରେ ସନ୍ନି ଦେଓ୍ୱଲ ନଜର ଆସିବେ। ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି। ଏପରିକି ଉକ୍ତ ସିନେମାର ସେ ହେଲେ ଦାମୀ ଅଭିନେତା। ସେ ୫୦ କୋଟି ଟଙ୍କା ନେବେ। ତାଙ୍କର ଏହି ଫି' 'ବର୍ଡର' ସିନେମା ତୁଳନାରେ ୪୦ ଗୁଣ ଅଧିକ। ବରୁଣ ଏବଂ ଦିଲଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ। ଏହି ୱାର୍ ସିନେମା ଲାଗି ବରୁଣଙ୍କୁ ୧୫-୨୦ କୋଟି ଟଙ୍କା ଦିଆଯିବ। ସେହିପରି ଦିଲଜିତ୍‌ଙ୍କୁ ପ୍ରାୟ ୧୦ କୋଟି ଦିଆଯିବ। ଅନ୍ୟପଟେ ଏହି ସିନେମାଟି ୨୦୨୬ ମସିହା ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■

## ପରଦା ପଛର କାହାଣୀ

# ୧୦୫ ଥର ଖାରଜ ପରେ ମନୋନୀତ


ଗୀତ ହେଉଛି ଫିଲ୍ମର ଜୀବନ। ଏଭଳି ଅନେକ ପୁରୁଣା କ୍ଲାସିକ୍ ଗୀତ ରହିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି। ତେବେ ଗୀତ ଲେଖି ପରଦାରେ ଚିତ୍ରଣ କରିବା ଖୁବ୍ କଷ୍ଟକର। ଏଥିପାଇଁ ଗୀତ ଲେଖାଠୁ ନେଇ ସୁଟିଂ ପର୍ଯ୍ୟନ୍ତ ସବୁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ' ଚଳଚ୍ଚିତ୍ର। ଏହି ଫିଲ୍ମରେ ଏଭଳି ଏକ ଗୀତ ରହିଛି, ଯାହାକୁ ସଙ୍ଗୀତକାର ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ। ଗୀତିଟି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..."। ଏହି ଗୀତ ଲେଖିବାକୁ ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ। ସେ ଗୀତଟିକୁ ୧୦୬ ଥର ଲେଖିବା ପରେ ସଫଳ ହୋଇଥିଲେ। ୬ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା। ଗୀତର ସୁଟିଂ ପାଇଁ ଫିଲ୍ମ ନିର୍ମାତା ଏକ ଭବ୍ୟ ବିଳାସମୟ ସେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ। ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଗୀତକୁ କୋକିଳକଣ୍ଠୀ ଲତା ମଙ୍ଗେସକର୍ ସୁଲଳିତ କଣ୍ଠରେ ଗାନ କରିଥିଲେ। "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." ଗୀତରେ ଅଭିନେତ୍ରୀ ମଧୁବାଳା ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ କରିଛନ୍ତି। କେ. ଏସ୍ ଆସିଫ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ' ଫିଲ୍ମ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ୧୬ ବର୍ଷ ସମୟ ଲାଗିଥିଲା। ତେବେ ୧୦୫ ଥର ଲେଖିବା ପରେ ଚୂଡ଼ାନ୍ତ ହୋଇଥିବା "ପ୍ୟାର୍ କିୟା ତୋ ଡର୍‌ନା କ୍ୟା..." ଗୀତଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ। ■



# "ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ"

## ରୋଶନ ରାଉତ, ଅଭିନେତା





**ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି। କାହାର ସ୍ୱପ୍ନ ସତ ହୁଏ ଆଉ କାହାର ସ୍ୱପ୍ନ ସ୍ୱପ୍ନରେ ରହିଯାଏ। ତେବେ ସଫଳ କଳାକାର ହେବାକୁ ବେଶ୍ ପରିଶ୍ରମ ସାଧନା କରିବାକୁ ପଡ଼ିଥାଏ। ଏମିତି ଜଣେ କଳାକାର ହେଉଛନ୍ତି ।ରସୁଲ୍‌ଗଡ଼ର ରୋଶନ ରାଉତ, ଯିଏ ନିଜର ପ୍ରତିଭା ବଳରେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି। ସିନେମା ଦେଖି ଅଭିନେତାଟିଏ ହେବାକୁ ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନ ପୂରା କରିବାକୁ ପ୍ରଥମେ ସେ ଡ୍ୟାନ୍ସ କ୍ଲାସରେ ଯୋଗ ଦେଇଥିଲେ। ପରେ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଡିସନ୍ ଦେଇ ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଥିଲେ ରୋଶନ। ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଲକି' ଭୂମିକାରେ ଅଭିନୟ କରୁଛନ୍ତି। ରୋଶନଙ୍କ ଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ**

**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ପିଲାଦିନେ ଅଧରାତି ଯାଏଁ ମୁଁ ସବୁ ହିନ୍ଦୀ ସିନେମା ଦେଖୁଥିଲି। ହେଲେ ପଢ଼ାରେ କେବେ ଅବହେଳା କରୁନଥିଲି। ସିନେମା ଦେଖି ଅଭିନୟ ପ୍ରତି ମୋର ଦୁର୍ବଳତା ବଢ଼ିଥିଲା। ଦ୍ୱାଦଶ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି। କଲେଜ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଯୋଗ ଦେଇଥିଲି। 'ଏବଂ ଅଭିମନ୍ୟୁ' ମୋର ଅଭିନୀତ ପ୍ରଥମ ମଞ୍ଚ ନାଟକ। ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି। ପରେ ପରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ବିଷର୍ଣ୍ଣ ଭାରତ', 'ତନ୍ଦ୍ରାଲୋକର ପ୍ରହରୀ', 'ବାବାଜୀ' ଆଦି ମଞ୍ଚ ନାଟକରେ ଅଭିନୟ କରି ଦର୍ଶକଙ୍କଠାରୁ ଅଜସ୍ର ଭଲପାଇବା ପାଇଛି। ଜଣେ କଳାକାର ନିଜକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ଚାହେଁ। ସେମିତି ମୋର ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା। ଅଡିସନ୍ ଦେଇ ମନୋନୀତ ହେଲି। 'କିଏ' ହେଉଛି ମୋର ପ୍ରଥମ ଧାରାବାହିକ। 'ତୋ ପାଇଁ ମୁଁ', 'ସୌଭାଗ୍ୟବତୀ', 'ଦିବ୍ୟଦୃଷ୍ଟି', 'ଝିଲି', 'ରାଜଯୋଗ' ଆଦି ଧାରାବାହିକରେ ଅଭିନୟ କରିଛି। ଏବେ 'ତୋରି ପାଇଁ ତୋ ପାଇଁ' ରେ 'ଲକି' ଭୂମିକାରେ ଅଭିନୟ କରୁଛି।

**'ତୋରି ପାଇଁ ତୋ ପାଇଁ'ର ଲକି ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ଏହି ଧାରାବାହିକରେ ମୁଁ ରାମର ସାନ ଭାଇ ଲକ୍ଷଣ ଭୂମିକାରେ ଅଭିନୟ କରୁଛି। ସମସ୍ତେ ମୋତେ ଲକି ଡାକୁଛନ୍ତି। ଲକି ବହୁତ ପଜିଟିଭ। ରାମଙ୍କୁ ଲକ୍ଷଣ ଯେମିତି ଭଲପାଉଥିଲେ ଏଥିରେ ମୁଁ ମୋ ଭାଇ ରାମଙ୍କୁ ସେତିକି ଭଲ ପାଉଛି। ହେଲେ ଦୁଃଖର ବିଷୟ ମୋର ଧର୍ମପତ୍ନୀ ଜଣେ ଖଳପ୍ରକୃତିର। ଆମ ଘର ଭାଙ୍ଗିବା ତାଙ୍କର ମୂଳ ଉଦ୍ଦେଶ୍ୟ। ଏ ବିଷୟରେ ଲକି ଅଜଣା। ହେଲେ ବି ଲକି ପରିବାରର ସୁଖ ସମୃଦ୍ଧି ବଜାୟ ରଖିବା ପାଇଁ ଭାଇ ଆଉ ପତ୍ନୀ ଉଭୟଙ୍କୁ ନେଇ ଚଳୁଛି।

**ପ୍ରଥମ ଦିନ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ମଞ୍ଚରେ ଅଭିନୟ କଲାପରେ ଯେ କୌଣସି ସ୍ଥାନରେ ଅଭିନୟ କରିବା ସହଜ ହୁଏ। ମଞ୍ଚରେ ବିନା କଟ୍ କି ଓକେରେ ସଂଳାପ କୁହାଯାଏ। ତେବେ କ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଟେକ୍ନିକାଲ୍ ଜ୍ଞାନ ସଂପର୍କରେ ଜାଣିବାକୁ ପଡ଼ିଥାଏ। ତେଣୁ ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା। ସିନିୟର୍ କଳାକାରଙ୍କଠାରୁ କାମ ଶିଖିଥିଲି। ପରେ କ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି।

**ସୁଟିଂ ନଥିଲେ କ'ଣ କରନ୍ତି?**

● ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଗୁଡ଼ିକ ପଢ଼େ। ଗୀତ ଗାଇବାକୁ ବହୁତ ଭଲପାଏ। ପରିବାର ସହିତ ସମୟ ବିତାଏ। ଫିଟ୍ ରହିବାକୁ ଭୋର୍‌ରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ। ପରେ ଜିମ୍ ଯାଏ। ସୁଟିଂ ଥିଲେ ସମୟ ଅନୁସାରେ କାମ କରେ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● 'ଝିଲି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମେ ସମସ୍ତେ ଭଲ ସାଙ୍ଗ ଥିଲୁ। 'ଝିଲି'ସୁଟିଂ ସେଟ୍ ସାଇଟ୍‌ରେ ଭଗବାନ ଶିବ ଓ ହନୁମାନଙ୍କର ମନ୍ଦିରଟି ଥିଲା। ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆଳତୀ ଯାଇ ଦେଖୁଥିଲୁ। ସକାଳୁ ବି ସମୟ କାଢ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ। ସେହି ସମୟ ମୋ ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ।

**କେଉଁ ଚରିତ୍ରରେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି?**

● 'ଝିଲି' ଧାରାବାହିକର ହାପି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି।

**ବଡ଼ ପରଦାରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛନ୍ତି?**


● ଜଣେ କଳାକାର ପାଇଁ ବଡ଼ ପରଦା କି ଛୋଟ ପରଦା କିଛି ନ ଥାଏ। ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ। ନିଃଶ୍ୱାସ ଚାଲିଥିବା ଯାଏଁ ଅଭିନୟ କରିବି। ■

# ଆଣ୍ଟି-ଡୋପିଙ୍ଗ୍ ନିୟମ ଉଲ୍ଲଙ୍ଘନ
# ଭାରତ ବିଶ୍ୱରେ ପ୍ରଥମ

ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି): ପ୍ରଥମଥର ଲାଗି ଆଣ୍ଟି-ଡୋପିଂ ନିୟମ ଉଲ୍ଲଙ୍ଘନ କରିବାରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୩ ବର୍ଷ ଲାଗି ପ୍ରକାଶିତ ଏହି ରିପୋର୍ଟରେ ଭାରତର ଆଥ୍ଲେଟମାନେ ୨୨୨ଟି ନିୟମ ଉଲ୍ଲଙ୍ଘନ କରି ଧରାପଡ଼ିଛନ୍ତି। ଏହି ବିଭାଗରେ ରୁଷ ପ୍ରଥମ ସ୍ଥାନ ଅଧିକାର କରିଥାଏ। ୱାଡା ଦ୍ୱାରା କରାଯାଇଥିବା ପରୀକ୍ଷାରେ ଏହି ନିୟମ ଉଲ୍ଲଙ୍ଘନକାରୀ ଧରାପଡ଼ିଛନ୍ତି ଓ ସେମାନଙ୍କୁ ଦଣ୍ଡବିଧାନ କରାଯିବ ବୋଲି ଜଣାଯାଇଛି। ଡିସେମ୍ବର ୧୯ରେ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି।

ଏହି ୨୨୨ଟି କେସ୍ ମଧ୍ୟରୁ ପୁରୁଷ ବିଭାଗରେ ୪୫ଟି ଓ ମହିଳା ବିଭାଗରେ ୧୭୦ଟି କେସ୍ ଧରାପଡ଼ିଛି। ସେମାନଙ୍କ ମଧ୍ୟରୁ ଆଥଲେଟିକ୍ସରେ ୬୩, ଭାରୋତ୍ତୋଳନରେ ୩୭, ପାୱାରଲିଫ୍ଟିଂରେ ୩୩, ରେସଲିଂରେ ୧୧ ଓ ବକ୍ସିଂରେ ୯ଟି କେସ ରହିଛି। କେବଳ କେନିଆ ଆଥଲେଟିକ୍ସରେ ୬୫ଟି କେସ୍ ଧରାପଡ଼ିବା ସହ ଭାରତକୁ ଅତିକ୍ରମ କରିଛି।

# ଇଂଲଣ୍ଡର ଆସେସ ଆଶା ଧୂଳିସାତ୍



ଆଡିଲେଡ୍,୨୦।୧୨(ଏଜେନ୍ସି): ଅଧିନାୟକ ପ୍ୟାଟ କମିନ୍ସଙ୍କ ଦମ୍‌ଦାର ଓ ନାଥାନ ଲାୟନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୮୫ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୪୯ ରନ୍ କରିଥିଲା। ଏହା ଫଳରେ ଇଂଲଣ୍ଡ ଆଗରେ ୪୩୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଛି। ଏହା ଫଳରେ ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବାକୁ ଇଂଲଣ୍ଡକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୨୨୮ ରନ୍ ଆବଶ୍ୟକ ହେଉଛି। ଏହି ଲକ୍ଷ୍ୟରେ ପହଞ୍ଚିବା ଇଂଲଣ୍ଡ ଲାଗି କେବଳ କଷ୍ଟକର ନୁହେଁ, ଅସମ୍ଭବ। ଏହା ଫଳରେ ପ୍ରଥମ ଦୁଇଟି ଟେଷ୍ଟରେ ପରାଜିତ ହୋଇଥିବା ଇଂଲଣ୍ଡର ଆସେସ୍ ସିରିଜ୍ ଜିତିବା ଆଶା ଧୂଳିସାତ ହୋଇଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଟ୍ରାଭିସ ହେଡ୍ ସର୍ବାଧିକ ୧୭୦ ଓ ଆଲେକ୍ସ କ୍ୟାରୀ ୭୨ ରନ୍ କରିଥିଲେ। ଇଂଲଣ୍ଡର ଜୋଶ ଟଙ୍ଗ୍‌ଙ୍କୁ ୪ଟି ଓ ବ୍ରାଇଡନ କାର୍ସଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଜ୍ୟାକ୍ କ୍ରଲୀ ୮୫, ଜୋ ରୁଟ୍ ୩୯ ଓ ହ୍ୟାରୀ ବ୍ରୁକ୍ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର କମିନ୍ସ ଓ ଲାୟନଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଛି।

# କାଭେମ ହଜ୍‌ଙ୍କ ଅପରାଜିତ ଶତକ

ମାଉଣ୍ଟ ମାଉଙ୍ଗାନୁଇ,୨୦।୧୨(ଏଜେନ୍ସି): କାଭେମ ହଜ୍‌ଙ୍କ ଅପରାଜିତ ଶତକ, ବ୍ରାଣ୍ଡନ କିଙ୍ଗ୍ ଓ ଅନ୍ୟମାନଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ନ୍ୟୁଜିଲାଣ୍ଡ ସହ ଚାଲିଥିବା ତୃତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ ଏଡ଼ାଇବାରେ ସମର୍ଥ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ହଜ୍‌ଙ୍କ ଅପରାଜିତ ୧୦୯, କିଙ୍ଗଙ୍କ ୬୩ ରନ୍ ସହାୟତାରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୬ ୱିକେଟରେ ୩୮୧ ରନ୍ କରିବା ସହ ଫଲୋଅନ୍ ଏଡାଇବାକୁ ସମର୍ଥ ହୋଇଛି। ହଜ୍‌ଙ୍କ ସହ ଆଣ୍ଡରସନ ଫିଲିପ୍ ୧୨ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନ୍ କ୍ୟାମ୍ପବେଲ ଓ ଆଲିକ୍ ଆଥାନାଜେ ୪୫ ରନ୍ ଲେଖାଏଁ, ଜଷ୍ଟିନ ଗ୍ରିଭ୍‌ସ ୪୩ ଓ ଟେଭିନ୍ ଇମ୍‌ଲାଚ୍ ୨୭ ରନ୍‌ର ଲଢୁଆ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ ଡଫି ଓ ଆଜାଜ ପଟେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟର ଆଉ ୨ ଦିନ ଖେଳ ବାକି ରହିଛି।

## ନ୍ୟୁଜିଲାଣ୍ଡ ଟୁର୍ ଓ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

# ବାଦ୍ ପଡ଼ିଲେ ଶୁବମାନ୍ ଗିଲ୍





ମୁମ୍ବଇ,୨୦।୧୨(ଏଜେନ୍ସି)

ଆସନ୍ତାବର୍ଷ ବା ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ବାଦ୍ ପଡ଼ିଛନ୍ତି ଦକ୍ଷିଣ ଆଫ୍ରିକା ବିପକ୍ଷ ଟୁର୍‌ରେ ଉପଅଧିନାୟକ ଥିବା ଶୁବମନ ଗିଲ୍। ଟେଷ୍ଟ ଓ ଦିନିକିଆ ଦଳର ନେତୃତ୍ୱ ନେଉଥିବା ଗିଲ୍ ଟି-୨୦ ଫର୍ମାଟରେ ଫର୍ମ ହରାଇଛନ୍ତି। ସେ ଏହି ଫର୍ମାଟରେ ରନ୍ ସଂଗ୍ରହ କରି ନପାରିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଆଜି ଦଳ ଘୋଷଣା କରିବା ଅବସରରେ ଏହି ସୂଚନା ଦେଇଛନ୍ତି। ସାମସନଙ୍କ ସ୍ଥାନରେ ଗିଲ ଖେଳିବା ପରଠାରୁ ୧୫ଟି ମ୍ୟାଚ୍‌ରେ ୨୯୧ ରନ୍ କରିଥିଲେ ମଧ୍ୟ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଟପ୍ ଅର୍ଡରରେ ଆମକୁ ସ୍ଥିରତା ଦରକାର। ବିନା ପାର୍ଟନରସିପ୍‌ରେ ଦଳ ଚାପରେ ରହୁଥିବାରୁ ଗିଲ୍‌ଙ୍କୁ ବାଦ୍ ଦିଆଯାଇଛି ବୋଲି ଅଗରକର କହିଛନ୍ତି। ଗିଲ୍‌ଙ୍କ ସହ ସିରିଜ୍‌ର ନଂ-୧ ୱିକେଟକିପର ଜିତେଶ ଶର୍ମା ମଧ୍ୟ ବାଦ୍ ପଡ଼ିଛନ୍ତି। ସେମାନଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ୱିତୀୟ ୱିକେଟକିପର/ରିଜର୍ଭ ଓପନର ଭାବେ ଇଶାନ କିସାନ ଦଳକୁ ଫେରିଛନ୍ତି। ଫର୍ମରେ ନ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଅକ୍ଷର ପଟେଲ ଉପଅଧିନାୟକ ପଦକୁ ଫେରିଛନ୍ତି। ଏହାଛଡ଼ା ଫିନିସର ରିଙ୍କୁ ସିଂଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। ଏହି ଟିମ୍ ମଧ୍ୟ ଭାରତରେ ଜାନୁଆରୀ ୨୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଖେଳିବ। ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୫ଟି ଟିମ୍‌କୁ ନେଇ ଗଠିତ ଗ୍ରୁପ୍-ଏ'ରେ ଭାରତ ଫେବୃଆରୀ ୭ରେ ଆମେରିକା ସହ ଖେଳି ଅଭିଯାନ ଆରମ୍ଭ କରିବ। ଫେବୃଆରୀ ୧୨ରେ ନାମିବ୍ୟା, ୧୫ରେ ପାକିସ୍ତାନ ଓ ୧୮ରେ ନେଦରଲାଣ୍ଡସ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳିବ। ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓପନ ରହିଛନ୍ତି। ସଞ୍ଜୁ ନଂ-୧ ଓ ଇଶାନ ନଂ-୨ ୱିକେଟକିପର ରହିଛନ୍ତି। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର, ତିଲକ ବର୍ମା ଓ ରିଙ୍କୁ ସିଂଙ୍କ ସହ ୪ ଅଲରାଉଣ୍ଡର ଅଛନ୍ତି। ୨ଜଣ ପେସ୍ ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଓ ୨ଜଣ ଅକ୍ଷର ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବୋଲିଂ ଅଲରାଉଣ୍ଡର ରହିଛନ୍ତି। ପେସ ବୋଲର ଭାବେ ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଖେଳିବେ। ଦୁଇ ସ୍ପେଶାଲିଷ୍ଟ ସ୍ପିନର ହେଲେ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ।

### ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |
| ୨୧।୨ରୁ ୧।୩ ସୁପର-୮ ମୁକାବିଲା | ୪।୩ ଓ ୫।୩ ସେମିଫାଇନାଲ୍ | ୮।୩ ଫାଇନାଲ୍ |

### ନ୍ୟୁଜିଲାଣ୍ଡ ଗସ୍ତସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ଘୋଷିତ ଦଳ

ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍‌ରା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ।


# ମନ୍ନତାଙ୍କୁ ରୌପ୍ୟ

ଭୁବନେଶ୍ୱର,୨୦।୧୨(ସମିସ): ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି କିଟ୍‌କୁ ଆଉ ଦୁଇଟି ପଦକ ମିଳିଛି। କିଟ୍‌ର ମନ୍ନତା ମିଶ୍ର ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ଓ ଦିବ୍ୟାଙ୍କା ପ୍ରଧାନ ୫ମ ସ୍ଥାନ ଅଧିକାର କରିଛନ୍ତି। ୫୦ ମିଟର ବଟରଫ୍ଲାଏରେ ନୀଳାବ୍ଜା ଘୋଷ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ସମ୍ବଲପୁରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନରେ କିଟ୍ ପୁରୁଷ ଦଳ ରନର୍ସ ଅପ୍ ହୋଇଛନ୍ତି। ଏମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଜାତୀୟ ସୁଟିଂ ଚାମ୍ପିଅନସିପ୍

# ଗୁରୁଜୋତ, ରାୟଜାଙ୍କୁ ସ୍ୱର୍ଣ୍ଣପଦକ





ଭୁବନେଶ୍ୱର,୨୦।୧୨(ସମିସ): ନୂଆଦିଲ୍ଲୀର ଡକ୍ଟର କାର୍ଣ୍ଣି ସିଂହ ସୁଟିଂ ରେଞ୍ଜ୍‌ରେ ୬୮ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଜିନ୍ଦଲ ଷ୍ଟିଲ ପ୍ରୋତ୍ସାହିତ ସୁଟର ଗୁରଜୋତ ସିଂହ, ରାୟଜା ଧୀଲନ ଓ ମୈରାଜ ଅହମ୍ମଦ୍ ଖାନ୍ ଏକାଧିକ ପଦକ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗୁରଜୋତ୍ ଓ ରାୟଜା ସ୍ୱର୍ଣ୍ଣ ଜିତିଥିଲାବେଳେ ମୈରାଜଙ୍କୁ ରୌପ୍ୟ ପଦକ ମିଳିଛି। ପୁରୁଷ ସ୍କିଟ୍ ଇଭେଣ୍ଟରେ ଗୁରଜୋତ ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ଏକାଧିକ ଅଲିମ୍ପିଆନଙ୍କୁ ପଛରେ ପକାଇ ସେ ପ୍ରଥମସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ସ୍କିଟ୍‌ରେ ରାୟଜା ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ କରି ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଉଭୟ ସିନିଅର ଓ ଜୁନିଅର ମହିଳା ସ୍କିଟ୍‌ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏମାନଙ୍କ ବ୍ୟତୀତ ମୈରାଜ ଅହମ୍ମଦ୍ ଖାନ୍ ଦୁଇଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସର୍ବୋଚ୍ଚ ସ୍ତରରେ ସ୍ଥିର ପ୍ରଦର୍ଶନ କରି ପରବର୍ତ୍ତୀ ପିଢ଼ିର ସୁଟରମାନଙ୍କୁ ପ୍ରେରଣା ଯୋଗାଇବା ସହ ଜିନ୍ଦଲ ଷ୍ଟିଲ ସେମାନଙ୍କ ଯାତ୍ରାରେ ଦୀର୍ଘକାଳୀନ ପ୍ରୋତ୍ସାହନ ଜାରି ରଖି ଗର୍ବିତ।

# ଆଜି ସର୍ବଭାରତୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଫାଇନାଲ୍

ଭାପୁର,୨୦।୧୨(ସମିସ): ଏଠାରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଦିନ ହେବ। ଏହି ଫାଇନାଲରେ ପରସ୍ପରକୁ ଭେଟିବେ ଭୁବନେଶ୍ୱର ଦୁଇ ଦଳ ସାଇ ଇଲେଭେନ ଓ ଟମାଣ୍ଡୋ କ୍ରିକେଟ କ୍ଲବ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଖେଳପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଛି। ପ୍ରଥମ ସେମିଫାଇନାଲରେ ଏମଏମସିସି ସମ୍ବଲପୁରକୁ ହରାଇ ସାଇ ଇଲେଭେନ ଓ ଦ୍ୱିତୀୟ ସେମିଫାଇନାଲରେ କେସିଏ କଳାହାଣ୍ଡି କୁ ହରାଇ ଟମାଣ୍ଡୋ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଦଳ ସେମାନଙ୍କ ସମସ୍ତ ଶକ୍ତି ଖଟାଇ ଚାମ୍ପିଅନ ହୋଇ ଦେଢ ଲକ୍ଷ ଟଙ୍କା ଓ ବୃହତ୍ ଟ୍ରଫି ଜିତିବା ପାଇଁ ଚେଷ୍ଟା କରିବେ। ଫାଇନାଲରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ , ବିଧାୟକ ଅରୁଣ କୁମାର ସାହୁ, ରମେଶ ବେହେରା, ପ୍ରଦୀପ ସାହୁ ଓ ମୁଖ୍ୟ ଆକର୍ଷଣ ମଧ୍ୟପ୍ରଦେଶର ରାଜ୍ୟ ସଭା ସାଂସଦ ଉମେଶ ନାଥ ମହାରାଜ ଯୋଗ ଦେବେ ବୋଲି ଆୟୋଜକ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ● ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ ଫାଇନାଲରେ ବାରଙ୍ଗ ବାୟାର-ତଣ୍ଡିକଣା

ବାରଙ୍ଗ,୨୦।୧୨(ସମିସ): ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣାମେଣ୍ଟର ୭ମ ଦିବସ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ ବାରଙ୍ଗ ବାୟାର ୬-୪ ଟାଇବ୍ରେକର ଗୋଲରେ ଆମଣର ଜୟଦୁର୍ଗା କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ସୁଜିତ୍ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ତାଣ୍ଡିକଣାର କୃଷକବନ୍ଧୁ କ୍ଲବ୍ ୨-୦ ଗୋଲରେ କଟକ ସିଆରଆରଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

**ଗୋଠପୁର - ପ୍ରତାପନଗରୀ ଫାଇନାଲ:** ସେହିପରି ଅନ୍ୟ ଏକ ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗୋଠପୁରର ମା ମଙ୍ଗଳା କ୍ଲବ ୧-୦ ଗୋଲରେ ମୁଣ୍ଡୁମାଣର ଜୟଜଗନ୍ନାଥ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ପ୍ରତାପନଗରୀ ପ୍ରତାପ କ୍ଲବ୍ ମଧ୍ୟ ୧-୦ ଗୋଲ ରେ ବାଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ନକୁଳ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ରବିବାର ଫାଇନାଲ ମୁକାବିଲା ଖେଳାଯିବ।

## ମହିଳା କାନୋସ୍ପ୍ରିଣ୍ଟ ଦଳ ଚୟନ ଶିବିର ସୋମବାର

କଟକ,୨୦।୧୨(ସମିସ): ୩୬ତମ ଜାତୀୟ ପୁରୁଷ ଓ ମହିଳା କାନୋସ୍ପ୍ରିଣ୍ଟ ଚାମ୍ପିଅନସିପ୍ ହେବାକୁ ଯାଉଛି। ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ଆସନ୍ତା ସୋମବାର ୨୨ ତାରିଖରେ ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ ଦଳ ଚୟନ ଶିବିର ଆୟୋଜନ ହେବ। ପ୍ରତ୍ୟେକ ଜିଲ୍ଲାର ଖେଳାଳି ଏଥିରେ ଭାଗ ନେଇ ପାରିବେ। ବିଭିନ୍ନ ବିଭାଗରେ ଚାକିରି କରୁଥିବା ଖେଳାଳି ମଧ୍ୟ ଶିବିରରେ ସାମିଲ ହୋଇ ପାରିବେ। ଇଚ୍ଛୁକ ଜଳକ୍ରୀଡ଼ା ପ୍ରତିଯୋଗୀମାନେ ରାଜ୍ୟ ଦଳର ପ୍ରଶିକ୍ଷକ ଜନସନ ସିଂହ ଓ ରାଜ କୁମାର ନିସାଦଙ୍କ ସହ ଯୋଗାଯୋଗ କରିବାକୁ ସଂଘର ସମ୍ପାଦକ ବିପିନ ଦାଶ ନିବେଦନ କରିଛନ୍ତି।

# ଭାରତର ରେକର୍ଡ ୯ମ ସିରିଜ୍ ବିଜୟ




ଅହମ୍ମଦାବାଦ୍,୨୦।୧୨(ଏଜେନ୍ସି): ଏଠାରେ ଶୁକ୍ରବାର ଖେଳାଯାଇଥିବା ୫ମ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୨୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୨୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ୬୩ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଓ ୧୦ ୱିକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ଫଳରେ ଭାରତ ୩-୧ ବ୍ୟବଧାନରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଜିତିବା ସହ ଏକାଧିକ ରେକର୍ଡର ଅଧିକାରୀ ହୋଇଛି।

**୯, ୧୦ ଓ ୧୧:** ଏହି ସିରିଜ୍ ବିଜୟ ଫଳରେ ଭାରତ ଘରୋଇ ମାଟିରେ ରେକର୍ଡ ୯ମ ସିରିଜ୍ ବିଜୟୀ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ୨୦୦୬ରୁ ୨୦୧୦ ମଧ୍ୟରେ ଅଷ୍ଟ୍ରେଲିଆ କ୍ରମାଗତ ୮ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲା।

ସେହିପରି ସମସ୍ତ ଟି-୨୦ରେ ଭାରତ କ୍ରମାଗତ ୧୦ଟି ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହା ମଧ୍ୟରେ ଏସିଆ କପ୍ ଓ ବିଶ୍ୱକପ୍ ରହିଛି। ପୂର୍ବରୁ ପାକିସ୍ତାନ ୨୦୧୬ରୁ ୨୦୧୮ ମଧ୍ୟରେ ୧୧ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଛି।

୨୦୨୩ରେ ଭାରତ ଶେଷଥର ୱେଷ୍ଟଇଣ୍ଡିଜ୍ ନିକଟରୁ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିଥିଲା। ଏହାକୁ ମିଶାଇ ଭାରତ ୧୧ଥର ସକାଶେ ଦ୍ୱିପାକ୍ଷିକ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହି ରେକର୍ଡ ଭାରତ ନାମରେ ରହିଛି। ପୂର୍ବରୁ ଦଳ କ୍ରମାଗତ ୧୨ଟି ଦ୍ୱିପାକ୍ଷିକ ସିରିଜ୍‌ରେ ବିଜୟୀ ହୋଇଛି।

**୧୬:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତ ଖେଳିଥିବା ସମସ୍ତ ଟି-୨୦ରେ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବରୁ ୨୦୦୭ ଇଂଲଣ୍ଡ ବିପକ୍ଷ ଡର୍ବାନ ଟି-୨୦ରେ ଯୁବରାଜ ସିଂହ ୧୨ଟି ବଲ୍‌ରେ ୫୦ ରନ୍ ପୂରଣ କରି ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ କରିଥିଲେ। ଗତବର୍ଷ ଇଂଲଣ୍ଡ ବିପକ୍ଷରେ ଅଭିଷେକ ଶର୍ମା ୧୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

**୫ମ ଖେଳାଳି:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ ଟି-୨୦ରେ ୨୦୦୦ ରନ୍ ଓ ୧୦୦ ୱିକେଟ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ଖେଳାଳି। ତାଙ୍କ ପୂର୍ବରୁ ମାଲେସିଆର ବିରନଦୀପ ସିଂହ, ଜିମ୍ବାୱେର ସିକନ୍ଦର ରାଜା, ବାଂଲାଦେଶର ସାକିବ ଅଲ ହାସନ ଓ ଆଫଗାନିସ୍ତାନର ମହମ୍ମଦ୍ ନବି ଏହି ସଫଳତାର ଅଧିକାରୀ ହୋଇଥିଲେ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ ଏକମାତ୍ର ପେସ୍ ବୋଲର।

**ବ୍ୟୟବହୁଳ ବୋଲିଂ :** ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୫୩ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିଲେ। କିନ୍ତୁ ସମସ୍ତ ଅନ୍ତର୍ଜାତୀୟ ଟି-୨୦ରେ ବ୍ୟୟବହୁଳ ବୋଲିଂ ସ୍ପେଲ୍ ସାବ୍ୟସ୍ତ ହୋଇଛି। ପୂର୍ବରୁ ୨୦୧୭ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତର ଯୁଜବେନ୍ଦ୍ର ଚହଲ ୪ ଓଭରରେ ୫୨ ରନ୍ ଦେଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ବରୁଣ ତୃତୀୟଥର ଲାଗି ଗୋଟିଏ ସିରିଜ୍‌ରେ ୧୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସଫଳ ହୋଇଛନ୍ତି।

# ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଡ୍ର' ମ୍ୟାଚ୍‌ରୁ ଓଡ଼ିଶାକୁ ୩ ପଏଣ୍ଟ





ଭୁବନେଶ୍ୱର, ୨୦।୧୨ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଓଡ଼ିଶା ଓ ବିହାର ମଧ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍ ବିନା ହାରଜିତ ଫଇସଲାରେ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍ 'ବି'ର ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଆଗୁଆ ଥିବାରୁ ଓଡ଼ିଶାକୁ ୩ ଓ ବିହାରକୁ ୧ ପଏଣ୍ଟ ମିଳିଛି। ବିହାରର ପ୍ରଥମ ଇନିଂସ ସ୍କୋର୍ ୨୮୮ ରନ୍ ଜବାବରେ ଓଡ଼ିଶା ୯ ୱିକେଟ୍ ହରାଇ ୩୨୨ ରନ୍‌କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସରେ ୩୪ ରନ୍ ପଛରେ ରହିବା ପରେ ବିହାର ଶନିବାର ତୃତୀୟ ତଥା ଅନ୍ତିମ ଦିନରେ ମ୍ୟାଚ୍ ସମାପ୍ତି ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟ୍‌ରେ ୯୮ ରନ୍ କରିଥିଲା। ଆସନ୍ତା ୨୩ରୁ ମୋରେନାରେ ପଞ୍ଜାବ ବିପକ୍ଷରେ ଓଡ଼ିଶା ୪ର୍ଥ ମ୍ୟାଚ୍ ଖେଳିବ। ଓଡ଼ିଶାର ପ୍ରଥମ ଇନିଂସରେ ଚାରି ଜଣ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନର ଅରବିନ୍ଦ ମୁଦୁଲି ୬ଟି ଚୌକା ସହ ୫୧ ଏବଂ ଅଧିନାୟକ ନୀଲ୍ ନୀତିନ ମହାନ୍ତି ୧୪ଟି ଚୌକା ସହ ୭୫ ରନ୍ କରିଥିଲେ। ୧୮୭ ରନ୍‌ରେ ଓଡ଼ିଶା ୬ଟି ୱିକେଟ୍ ହରାଇବା ପରେ ଓମ୍‌ପ୍ରକାଶ ଦାସ ଓ ତପନ ଗୁପ୍ତା ଅତି ମୂଲ୍ୟବାନ ୮୮ ରନ୍ ଯୋଗ କରିବାରୁ ଓଡ଼ିଶା ପ୍ରଥମ ଇନିଂସରେ ଆଗୁଆ ହୋଇ ପାରିଥିଲା। ଓମ୍‌ପ୍ରକାଶ ଦାସ ୧୨୭ ବଲ୍‌ରୁ ୧୬ଟି ଚୌକା ସହ ୮୧ ଏବଂ ତପନ ଗୁପ୍ତା ଗୋଟିଏ ଛକା ଓ ୬ଟି ଚୌକା ସହ ୫୫ ରନ୍ କରିଥିଲେ। ହିମାଂଶୁ ସାହୁ ୧୬ ରନ୍‌କରି ଅପରାଜିତ ଥିଲେ। ବିହାରର ବିବେକ ଆନନ୍ଦ ଓ ଶିବାଂଶ ୩ଟି ଲେଖାଏଁ ଏବଂ ପାର୍ଥ ୨ଟି ୱିକେଟ୍ ନେଇଥିଲେ। ପରେ ବିହାରର ଦ୍ୱିତୀୟ ଇନିଂସରେ ଶ୍ୱେତମ୍ ୧୯, ପୀୟୁଷ କୁମାର ୧ ଓ ଅଧିନାୟକ ଯଶ ୫୪ ବଲ୍‌ରୁ ୧୦ଟି ଚୌକା ସହ ୪୭ ରନ୍ କରିଥିଲେ। ଅଭିନବ ସିହ୍ନା ୨୧ ରନ୍‌କରି ଅପରାଜିତ ଥିଲେ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS